# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 11 ଭାଗ ୩୪ | ସଂଖ୍ୟା ୧୧ | Thursday 2 April 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୨ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





### ଉତ୍କଳମଣିଙ୍କ ଜନ୍ମପୀଠରେ ପାଳିତ ହେଲା ଓଡ଼ିଶା ଦିବସ

# ଓଡ଼ିଆ ଜାତିକୁ କେହି ଅଟକାଇପାରିବେନି



- ସବୁ କ୍ଷେତ୍ରରେ ଆମେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିବୁ:ମୁଖ୍ୟମନ୍ତ୍ରୀ
- ଅସ୍ମିତା ବିନା ଗୋଟିଏ ଜାତି ଆତ୍ମାବିହୀନ ମେସିନ୍ ପରି
- ଗୋପବନ୍ଧୁ ପୀଠର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ
- ସତ୍ୟବାଦୀ ବନ ବିଦ୍ୟାଳୟର ବିକାଶ ଯୋଜନା ଚୂଡ଼ାନ୍ତ
- ସତ୍ୟବାଦୀ ଓ ବକୁଳ ବନର ବିକାଶ ପାଇଁ ୫୮୫ କୋଟିର ପ୍ରକଳ୍ପ

ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ)ଃ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ପଦାର୍ପଣ କରିଛି ୯୧ ବର୍ଷରେ। ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ହୋଇଛି। ଗତବର୍ଷ ଏହା ଅନୁଷ୍ଠିତ ହୋଇଥିଲା ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମପୀଠରେ। ରାଜ୍ୟବାସୀ ତଥା ଯୁବପିଢ଼ିଙ୍କୁ ବରପୁତ୍ରମାନଙ୍କ ସ୍ମୃତି ସହିତ ଯୋଡି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ ଏହି କାର୍ଯ୍ୟକ୍ରମକୁ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୁଆଣ୍ଡୋରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ ଓ ଉତ୍କଳମଣିଙ୍କ କୂଳ ଦେବତା ପ୍ରଭୁ ଶ୍ରୀ ରାଧା ବିନୋଦବିହାରୀଙ୍କୁ ଦର୍ଶନ କରିଥିଲେ। ଗୋପବନ୍ଧୁ ପାର୍କ ଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି, ଗୋପବନ୍ଧୁ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏହାପରେ ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ସାଧାରଣସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଆ ଜାତିକୁ ଆଉ କେହି ଅଟକାଇ ପାରିବେ ନାହିଁ। ସବୁ କ୍ଷେତ୍ରରେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରି ଓଡ଼ିଆ ଜାତି ଏକ ସମୃଦ୍ଧ ରାଜ୍ୟ ଭାବେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ହୋଇ ବିଶ୍ୱ ପଟଳରେ ଭାରତର ମର୍ଯ୍ୟାଦାକୁ ବୃଦ୍ଧି କରିବ। ସାଧାରଣ ଦିଶୁଥିବା ଏକ ସ୍ଥାନରେ ଜନ୍ମ ହୋଇ ସବୁ ସାଧାରଣ ସାମଗ୍ରୀ ବ୍ୟବହାର କରି, ନିଜର କର୍ମବଳରେ ଜଣେ ବ୍ୟକ୍ତି କିପରି ଈଶ୍ୱରତୁଲ୍ୟ ହୋଇପାରେ କହି ମୁଖ୍ୟମନ୍ତ୍ରୀ ପଣ୍ଡିତ ଗୋପବନ୍ଧୁଙ୍କୁ ସମଗ୍ର ଭାରତବର୍ଷ ପାଇଁ ଏକ ଉଦାହରଣ ବୋଲି କହିବା ସହିତ ଗୋପବନ୍ଧୁଙ୍କ ଦୁଃଖୀ, କଷ୍ଟ ଓ ତ୍ୟାଗ ଆଜି ଓଡ଼ିଆ ଜାତିର ଭାଗ୍ୟକୁ ବଦଳାଇ ଦେଇଛି ବୋଲି କହିଥିଲେ।

ପଣ୍ଡିତ ଗୋପବନ୍ଧୁଙ୍କ ଅମ୍ଳାନ ସ୍ମୃତିକୁ ଆହୁରି ଦୀପ୍ତିମାନ କରିବା ପାଇଁ ତାଙ୍କ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ। ଏହି ଅବସରରେ ସତ୍ୟବାଦୀ ମହୋତ୍ସବ ସମୟରେ ସେ କରିଥିବା ଘୋଷଣା ବିଷୟରେ ଦୋହରାଇଥିଲେ। ସତ୍ୟବାଦୀ ବନ ବିଦ୍ୟାଳୟ ଓ ସମଗ୍ର ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ☞ପୃଷ୍ଠା-୬

### ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ

# ଓଡ଼ିଶା ସମେତ ୮ ରାଜ୍ୟକୁ ୧,୫୩୬ କୋଟି ମଞ୍ଜୁର

ନୂଆଦିଲ୍ଲୀ,୧।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ର ସରକାର ୨୦୨୫-୨୫ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ଲାଗି ଆଠଟି ରାଜ୍ୟକୁ ପଞ୍ଚଦଶ ଅର୍ଥ ଆୟୋଗ ବନ୍ଧିତ ଓ ଅଣବନ୍ଧିତ ଅନୁଦାନ ଜାରି କରିଛନ୍ତି। ଓଡ଼ିଶା ସମେତ ଅରୁଣାଚଳ ପ୍ରଦେଶ, ଗୁଜରାଟ, ଗୋଆ, ରାଜସ୍ଥାନ, ତେଲେଙ୍ଗାନା ଓ ଉତ୍ତରାଖଣ୍ଡକୁ ଏହି ଅନୁଦାନ ପ୍ରଦାନ କରାଯାଇଛି। ଏହି ପାଣ୍ଠିରେ ନିୟମିତ ଅନୁଦାନ ସମେତ ଅନ୍ୟ ଆର୍ଥିକ ବର୍ଷରେ ଅଟକି ରହିଥିବା କିସ୍ତିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏସବୁ ରାଜ୍ୟରେ ଗ୍ରାମୀଣ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମୋଟ ୧୫୩୬.୧୪ କୋଟି ଟଙ୍କା ମଞ୍ଜୁର କରାଯାଇଛି।

ଏହି ରାଶି ମଧ୍ୟରୁ ଓଡ଼ିଶାକୁ ୫୩ କୋଟି ୧୩ ଲକ୍ଷ ଟଙ୍କା ଅନୁଦାନ ମିଳିବ। ଏହା ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅଟକି ରହିଥିବା ପ୍ରଥମ ଓ ଦ୍ୱିତୀୟ କିସ୍ତି ଅନ୍ତର୍ଭୁକ୍ତ। ରାଜ୍ୟର ୧୦ଟି ଯୋଗ୍ୟ ଜିଲ୍ଲା ପଞ୍ଚାୟତ, ୧୭ଟି ଯୋଗ୍ୟ ବ୍ଲକ ପଞ୍ଚାୟତ, ୪୦ଟି ଯୋଗ୍ୟ ଗ୍ରାମ ପଞ୍ଚାୟତ (ଉଭୟ କିସ୍ତି) ଓ ୧୫ଟି ଯୋଗ୍ୟ ଗ୍ରାମ ପଞ୍ଚାୟତ (୨ୟ କିସ୍ତି)କୁ ଏହି ରାଶି ମିଳିବ।




ଓଡ଼ିଶାକୁ ମିଳିବାକୁ ଥିବା ଅନୁଦାନ କେବଳ ପରିମଳ ଏବଂ ଘରୋଇ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରକ୍ରିୟାକରଣ ସମେତ ଓଡିଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ, ଏବଂ ମାନବ ମଳ ଓ ବର୍ଜ୍ୟ ପରିଚାଳନା ସହ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ☞ପୃଷ୍ଠା-୬

### ଜିଲ୍ଲା ଯୋଜନା ବୋର୍ଡ ପୁନର୍ଗଠନ କଲେ ସରକାର

# ୪ ମନ୍ତ୍ରୀ ଓ ୨୬ ବିଧାୟକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ

ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ)ଃ ରାଜ୍ୟରେ ନୂଆ ସରକାରକୁ ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ ଆଜି ଓଡ଼ିଶା ଦିବସରେ ଜିଲ୍ଲା ଯୋଜନା ବୋର୍ଡ (ଡିପିସି) ଗଠନ କରିଛନ୍ତି ବେଳେ ୨୬ ଜିଲ୍ଲାରେ ବିଧାୟକମାନେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି। ଦେବଗଡ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାୟଗଡ଼ା ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବଲପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି।






ସରକାର। ୩୦ ଜିଲ୍ଲା ଜିଲ୍ଲା ଯୋଜନା ବୋର୍ଡ ଗଠନ ସାଙ୍ଗକୁ ଅଧ୍ୟକ୍ଷଙ୍କ ତାଲିକା ପ୍ରକାଶ ପାଇଛି। ବିଭିନ୍ନ ଜିଲ୍ଲାର ଡିପିସି ଅଧ୍ୟକ୍ଷ ଭାବେ ମନ୍ତ୍ରୀ ଓ କିଛି ଜିଲ୍ଲାରେ ବିଧାୟକଙ୍କୁ ନିଯୁକ୍ତି ମିଳିଛି। ୪ ଜଣ ମନ୍ତ୍ରୀ ଡିପିସି ଅଧ୍ୟକ୍ଷ ହୋଇଥିବା

୨୦୨୪ ଜୁଲାଇ ୨୭ରେ ଡିପିସି ଭାଙ୍ଗିଥିଲେ ସରକାର। ଆଜି ଏହାର ପୁନର୍ଗଠନ କରାଯାଇଛି। ୪ ଜଣ ମନ୍ତ୍ରୀ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗଜପତି, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ

ସେହିପରି ୨୪ ଜିଲ୍ଲାର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ସ୍ଥାନୀୟ ବିଧାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ବରଗଡ଼ ଡିପିସି ଅଧ୍ୟକ୍ଷ ହୋଇଛନ୍ତି ଅଶ୍ୱିନୀ ଷଡ଼ଙ୍ଗୀ। ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ☞ପୃଷ୍ଠା-୬

### ବିଜୁଙ୍କୁ ଅପମାନ ବିବାଦ

# ନିସର୍ତ୍ତ କ୍ଷମା ମାଗିଲେ ନିଶିକାନ୍ତ



- ଗୋଇଠା ମାରି ବିଷ୍ଣୁ ହେବା ସଙ୍ଗେ ସମାନ:ବିଜେଡି
- କ୍ଷମା ମାଗିବା ପରେ ବନ୍ଦ ହେଉ ବିରୋଧ:ପଦ୍ମଲୋଚନ

ଭୁବନେଶ୍ୱର, ୧।୪ (ସଂଚାର ବ୍ୟୁରୋ)ଃ ପ୍ରତିବାଦ, ବିରୋଧ ଓ ଜନଆକ୍ରୋଶ ଭିତରେ ମୁଣ୍ଡ ନୁଆଁଇଛନ୍ତି ବିବାଦୀୟ ବିଜେପି ସାଂସଦ ନିଶିକାନ୍ତ ଦୁବେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବାବଦରେ ଦେଇଥିବା ବୟାନକୁ ନେଇ କ୍ଷମା ମାଗିଛନ୍ତି ନିଶିକାନ୍ତ। ହେଲେ ଏହା ବିରୋଧୀଙ୍କ କ୍ରୋଧକୁ ଶାନ୍ତ କରିପାରିନି। ବରଂ ନିଶିକାନ୍ତଙ୍କ ବୟାନକୁ ନେଇ ବିଜେପିକୁ ଏକ ସ୍ୱରରେ ଘେରିଛନ୍ତି ବିରୋଧୀ ☞ପୃଷ୍ଠା-୬

# ଓଡ଼ିଆରେ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ

- ରାଜ୍ୟ ସରକାରଙ୍କ ବିକାଶ କାମକୁ ସାବାସୀ
- ଓଡ଼ିଶା ସହ ସବୁବେଳେ ସହଭାଗୀ ହେବ କେନ୍ଦ୍ର
- ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି



ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ)ଃ ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଆରେ ଚିଠି ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। 'ଜୟ ଜଗନ୍ନାଥ'ରୁ ଲେଖା ଆରମ୍ଭ କରି ଓଡ଼ିଶାବାସୀଙ୍କୁ ଶୁଭକାମନା ଜଣାଇବା ସହ ଓଡ଼ିଶାର ଐତିହ୍ୟ, କଳା ଓ ପରମ୍ପରାର ପ୍ରଶଂସାରେ ଶତମୁଖ ହୋଇଛନ୍ତି ମୋଦି। ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ ବୋଲି ଉଲ୍ଲେଖ କରିବା ସହ ବକ୍ସି ଜଗବନ୍ଧୁଙ୍କଠାରୁ ଆରମ୍ଭ କରି ବିଜୁ ପଟ୍ଟନାୟକଙ୍କ ଯାଏଁ, ଓଡ଼ିଶାର ବରପୁତ୍ର ଓ ମହାନ ବ୍ୟକ୍ତିତ୍ୱଙ୍କ ସ୍ମୃତିଚାରଣ କରିଛନ୍ତି ସେ। କୋଣାର୍କ ଓ ମୋଢ଼େରା ସୂର୍ଯ୍ୟ ମନ୍ଦିର ଓ ରଥଯାତ୍ରା କଥା ଉଲ୍ଲେଖ କରି ଗୁଜରାଟ ଓ ଓଡ଼ିଶା ମଧ୍ୟରେ ସମାନତା କଥା ଦର୍ଶାଇଛନ୍ତି।

ମୋଦି ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଓଡ଼ିଶା ସହ ମୋର ଘନିଷ୍ଠ ସମ୍ପର୍କ ଜାରି ରହିଛି। ଓଡ଼ିଶାକୁ ଏ ବର୍ଷ ରେଳ ଓ ସଡ଼କ ପାଇଁ ସର୍ବାଧିକ ପାଣ୍ଠି ଆବଣ୍ଟନ କରାଯାଇଛି। ୨୦୨୫-୨୬ ବର୍ଷରେ ଓଡ଼ିଶା ପାଇଁ ରେଳ ଆବଣ୍ଟନ ୧୦ ହଜାର ୬ ଶହ କୋଟିକୁ ବୃଦ୍ଧି ପାଇଛି। ଏଥିସହ ମୋହନ ସରକାରଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ସୁଭଦ୍ରା ଯୋଜନା, ଶିଳ୍ପ ପ୍ରଗତି, ଓଡ଼ିଆ ଅସ୍ମିତାର ସୁଦୃଢ଼ୀକରଣ କଥା ଉଲ୍ଲେଖ କରିଛନ୍ତି। ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସହଭାଗୀ ସଂକଳ୍ପ ହାସଲ ଦିଗରେ ଆଗକୁ ବଢ଼ିବା ପାଇଁ ଭାରତ ସରକାର ସର୍ବଦା ଓଡ଼ିଶା ସହ କାନ୍ଧକୁ କାନ୍ଧ ମିଶାଇ ଛିଡ଼ା ହେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ବିଜୁଙ୍କୁ ନେଇ ଚାଲିଥିବା ବିବାଦ ଭିତରେ ପ୍ରଧାନମନ୍ତ୍ରୀ ପ୍ରବାଦପୁରୁଷଙ୍କ ପ୍ରଶଂସାରେ ☞ପୃଷ୍ଠା-୬

### ତୃତୀୟରୁ ଅଷ୍ଟମ ଶ୍ରେଣୀ ସିବିଏସଇର ସିଟି ଓ ଏଆଇ ପାଠ୍ୟକ୍ରମର ଶୁଭାରମ୍ଭ

# ଶିକ୍ଷା କ୍ଷେତ୍ର ପାଇଁ ପରିବର୍ତ୍ତନଶୀଳ ପଦକ୍ଷେପ

ନୂଆଦିଲ୍ଲୀ,୧।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଦିନରେ ସ୍ଥାନୀୟ ବିଜ୍ଞାନ ଭବନଠାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ନୂତନ 'କମ୍ପ୍ୟୁଟେସନାଲ୍ ଥିଙ୍କିଂ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' (ସିଟି ଓ ଏଆଇ) ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପାଠ୍ୟକ୍ରମ ଜାତୀୟ ଶିକ୍ଷା ନୀତି -୨୦୨୦ର ଲକ୍ଷ୍ୟ ପୂରଣ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଆଜି ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରୁଛି। ନ୍ୟାସନାଲ୍ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନସିଇଆରଟି) ସହଯୋଗରେ ବିକଶିତ ଏହି ପାଠ୍ୟକ୍ରମ ସିବିଏସଇ ବିଦ୍ୟାଳୟ ବ୍ୟବସ୍ଥାରେ ସଂରଚିତ ଏଆଇ ଶିକ୍ଷାକୁ ବ୍ୟାପକ ଭାବେ ପ୍ରଚଳନ କରିବ। ନୂତନ ଶିକ୍ଷାବର୍ଷ ଆରମ୍ଭରୁ ଏହି ପାଠ୍ୟକ୍ରମର ପ୍ରଚଳନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ କେବଳ ବୈଷୟିକ ଜ୍ଞାନ ବୃଦ୍ଧି ହେବ ନାହିଁ, ବରଂ ସେମାନଙ୍କର ସୃଜନଶୀଳତା, ଡିଜାଇନ ଓରିଏଣ୍ଟେସନ ଓ ସମସ୍ୟା ସମାଧାନର ଦକ୍ଷତା ମଧ୍ୟ ବିକଶିତ ହେବ। 'ଏଆଇ ଫର୍ ଏଜୁକେସନ, ଏଆଇ ଇନ୍ ଏଜୁକେସନ'ର ଭିଜନକୁ ଆଧାର କରି ଏହି ଶିକ୍ଷା ବ୍ୟବସ୍ଥା ଭାରତର ଶିଶୁମାନଙ୍କୁ କେବଳ ପ୍ରଯୁକ୍ତିବିଦ୍ୟାର ୟୁଜର୍ ନୁହେଁ, ବରଂ ଆଗାମୀ ଦିନରେ ଟେକ୍ନୋଲୋଜିର ଉଦ୍ଭାବକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ।

ପାଠ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ ଏଥିରେ ଶିଶୁମାନଙ୍କ ବୟସ ଓ ବୁଦ୍ଧି ଅନୁସାରେ ସରଳ ଓ ପ୍ରଣାଳୀବଦ୍ଧ 'ଷ୍ଟ୍ରକ୍ଚରଡ୍ ମଡ୍ୟୁଲ୍' ସ୍ଥାନ ପାଇଛି। ଏଥିସହ ବିଦ୍ୟାଳୟରେ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ବ୍ୟାପକ ତାଲିମ ଓ ସ୍ୱତନ୍ତ୍ର 'ଶିକ୍ଷକ ମାର୍ଗଦର୍ଶିକା' ବା ଟିଚର ☞ପୃଷ୍ଠା-୬



ଶିଶୁଙ୍କ ବୟସ ଓ ବୁଦ୍ଧି ଅନୁସାରେ 'ଷ୍ଟ୍ରକ୍ଚରଡ୍ ମଡ୍ୟୁଲ୍' ସ୍ଥାନିତ

# ବଢ଼ିବନି ମହାନଦୀ ଟ୍ରିବ୍ୟୁନାଲ କାର୍ଯ୍ୟକାଳ !

ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ)ଃ ଓଡ଼ିଶା ଓ ଛତିଶଗଡ ମଧ୍ୟରେ ଚାଲିଥିବା ଜଳ ବିବାଦର ସମାଧାନ କୌଣସି ବିଶେଷ ଅଗ୍ରଗତି ହୋଇନାହିଁ। ସେପଟେ ଆସନ୍ତା ୧୩ ତାରିଖରେ ସରିବାକୁ ଯାଉଛି ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର କାର୍ଯ୍ୟକାଳ। ଗତ ମାର୍ଚ୍ଚ ୨୮ ତାରିଖରେ ଟ୍ରିବ୍ୟୁନାଲରେ ହୋଇଥିବା ଶୁଣାଣି ସମୟରେ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆପୋଷ ଆଲୋଚନାରେ ମଧ୍ୟ ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ଏପରିକି ଯୁଗ୍ମ ବୈଷୟିକ କମିଟି ମଧ୍ୟ ତାଙ୍କ ରିପୋର୍ଟ ଦାଖଲ କରିନାହାଁନ୍ତି।

ଟ୍ରିବ୍ୟୁନାଲର କାର୍ଯ୍ୟକାଳ ବୃଦ୍ଧି ନେଇ ଦୁଇ ରାଜ୍ୟର ମିଳିତ ଆବେଦନକୁ ଗତ ଫେବୃଆରୀ ୯ ତାରିଖରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟକୁ ପଠାଯାଇଥିଲା। କିନ୍ତୁ ଗତ ୨୮ ତାରିଖ ଶୁଣାଣି ପର୍ଯ୍ୟନ୍ତ ମନ୍ତ୍ରଣାଳୟରୁ କୌଣସି ସୂଚନା ଆସିନଥିଲା ବୋଲି ଟ୍ରିବ୍ୟୁନାଲ ପକ୍ଷରୁ କୁହାଯାଇଥିଲା। ସେପଟେ ଦୁଇ ରାଜ୍ୟର ଅନୁରୋଧ କ୍ରମେ ଟ୍ରିବ୍ୟୁନାଲ ଗତ ଫେବୃଆରୀ ୨୬ ତାରିଖ ଓ ମାର୍ଚ୍ଚ ୨ ତାରିଖ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ଛତିଶଗଡକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଏହି ଗସ୍ତ ସମ୍ପର୍କରେ ଟ୍ରିବ୍ୟୁନାଲ ଦୁଇ ରାଜ୍ୟ ଓ ରେଜିଷ୍ଟ୍ରାରଙ୍କୁ କ୍ଷେତ୍ର ପରିଦର୍ଶନ ସମ୍ପର୍କିତ ଦୁଇଟି ପୃଥକ ରିପୋର୍ଟ କରିବାକୁ କହିଥିଲେ।

ସେପଟେ ମାର୍ଚ୍ଚ ୨୮ ତାରିଖ ଶୁଣାଣି ସମୟରେ ଯୁଗ୍ମ ବୈଷୟିକ କମିଟି ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆଲୋଚନାର ସ୍ଥିତି ସମ୍ପର୍କରେ ରିପୋର୍ଟ ଦାଖଲ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ କମିଟି ତାଙ୍କ ରିପୋର୍ଟ ଦାଖଲ କରିନାହାନ୍ତି। ତେବେ ଦୁଇ ରାଜ୍ୟ ମଧ୍ୟରେ ଆପୋଷ ସମାଧାନ ନେଇ ଚାଲିଥିବା ଆଲୋଚନାର ଅଗ୍ରଗତି ସମ୍ପର୍କରେ ଓଡ଼ିଶାର ଆଡଭୋକେଟ ଜେନେରାଲ ଏକ ରିପୋର୍ଟ ଦାଖଲ କରିଛନ୍ତି। ☞ପୃଷ୍ଠା-୬




- ଆପୋଷ ସମାଧାନରେ ହୋଇନି ବିଶେଷ ଅଗ୍ରଗତି
- କିଛି ପ୍ରସଙ୍ଗରେ ବୈଷୟିକ କମିଟିର ଅସମତି ସୂଚନା
- ୧୩ରେ ସରୁଛି କାର୍ଯ୍ୟକାଳ, ୧୧ରେ ପରବର୍ତ୍ତୀ ଶୁଣାଣି



### କାନ ଡେରିଥା

ଏପ୍ରିଲ ଫୁଲ ପାଳିବାକୁ ଏଠି
ମିଛ ପୁରା ଛାଇଯାଏ
ମିଛ କହୁକହୁ ବିପକ୍ଷ ଲୋକଟା
ସତ ସତ ଭାବିନିଏ
ମିଛର କି ଅବା ଯାଏ...
ସତ ଭାବୁଥିବା ଲୋକଟି ଏଇଠି
ମୃତ୍ୟୁ ଆପଣାଇ ଥାଏ
ଏପ୍ରିଲ ଦୋଷଟା ନିଏ ।

■ ଦେବାଶିଷ

# ସପ୍ତାହେ ବଢ଼ିଲା ଧାନକିଣା ଅବଧି



ଭୁବନେଶ୍ୱର, ୧।୪ (ସଂଚାର ବ୍ୟୁରୋ)ଃ ଚାଷୀଙ୍କ ପାଇଁ ଖୁସି ଖବର। ବଢ଼ିଲା ଧାନକିଣା ଅବଧି। ଧାନକିଣା ଅବଧି ଆଉ ଏକ ସପ୍ତାହ ବଢ଼ାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ଖରିଫ ଋତୁରେ ୭୭ ଲକ୍ଷ ମେଟ୍ରିକ ଟନ ଧାନ କିଣା ସରିଛି। ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ଦେଇସାରିଛନ୍ତି। ଜଣେ ବି ଚାଷୀଙ୍କ ଟୋକନ ଯେପରି ଲାପ୍ସ ନହେବ ସରକାର ସେ ଦିଗରେ କାମ କରୁଛନ୍ତି। ଯେଉଁଥିପାଇଁ ଆଉ ୭ ଦିନ ଧାନ କିଣା ଅବଧି ବଢ଼ାଯାଇଛି ବୋଲି ସେ କହିଛନ୍ତି। ମାର୍ଚ୍ଚ ୩୧ରେ ରାଜ୍ୟରେ ଶେଷ ହୋଇଥିଲା ଖରିଫ ଧାନ କିଣା ଅବଧି। ଅନେକ ଚାଷୀ ଧାନ ବିକ୍ରି କରିଥିବା ବେଳେ ଆଉ କିଛି ବାକି ରହିଯାଇଥିଲେ। ଯୋଗାଣ ବିଭାଗର 'ଫୁଡ୍ ଓଡ଼ିଶା' ପୋର୍ଟାଲ୍ ଅନୁସାରେ, ରାଜ୍ୟରେ ଖରିଫ୍ ଧାନ ବିକ୍ରି କରିବାକୁ ୧୯ ଲକ୍ଷ ୨୭ ହଜାର ୫୨୮ ଚାଷୀ ଯୋଗ୍ୟ ବିବେଚିତ ହୋଇଥିଲେ। ସେଥି ମଧ୍ୟରୁ ସୋମବାର ସୁଦ୍ଧା ୧୭ ଲକ୍ଷ ୮୪ ହଜାର ୫୮୨ ଜଣ ଚାଷୀ ଧାନ ବିକ୍ରି ହୋଇଥିଲା। ତେବେ ରାଜ୍ୟ ଯୋଗାଣ ବିଭାଗର ଘୋଷଣା ଅନୁସାରେ, ମାର୍ଚ୍ଚ ୩୧ ତାରିଖ ଖରିଫ୍ ଧାନ କିଣାର ଶେଷ ତାରିଖ ଥିଲା। ହେଲେ ଚାଷୀଙ୍କ ପାଖରେ ପାଖାପାଖି ଆଉ ୩୨ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ବଳକା ଧାନ ରହିଯାଇଥିଲା।

# ସନ୍ଦେହରେ ବିଜେଡି-କଂଗ୍ରେସ ବୁଝାମଣା

ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ)ଃ ଗତ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ପରଠାରୁ ରାଜ୍ୟ ରାଜନୀତି ପୁଣି କଡ଼ ଲେଉଟାଇଛି। ବିଭିନ୍ନ ପ୍ରସଙ୍ଗରେ ଏକାଠି ହୋଇଛନ୍ତି ବିଜେଡି ଓ କଂଗ୍ରେସ। ଅଣକଂଗ୍ରେସ ରାଜନୀତିରୁ ବିଜେଡିର ଜନ୍ମ ହୋଇଥିଲେ ବି ଏବେ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଦୁଇ ଦଳ ଏକ ହୋଇଛନ୍ତି। ହେଲେ ରାଜନୈତିକ ସମୀକ୍ଷକମାନେ ବିଜେଡି-କଂଗ୍ରେସର ଏଭଳି ସମୀକରଣକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। କଂଗ୍ରେସକୁ ପୁଣି ଥରେ ରାଜ୍ୟରେ ନିଶ୍ଚିହ୍ନ କରିବାକୁ ଏହା ବିଜେଡି ଓ ବିଜେପିର ଏକ ମିଳିତ ଚାଲ୍ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଅବଶ୍ୟ ଏଭଳି ଆଲୋଚନାର ଯଥାର୍ଥତା ମଧ୍ୟ ରହିଛି। ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କଠାରୁ ଆରମ୍ଭ କରି ରାଜ୍ୟସଭାରେ ଉଭୟ କଂଗ୍ରେସ ଓ ବିଜେଡିରୁ କ୍ରସ ଭୋଟିଂ କରିଥିବା ବିଧାୟକମାନେ ଏହାର ସଙ୍କେତ ଦେଇଛନ୍ତି। ଉଭୟ ଦଳର ଯେଉଁ ବିଧାୟକମାନେ କ୍ରସ ଭୋଟିଂ କରି ଦଳରୁ ନିଲମ୍ବିତ ହୋଇଛନ୍ତି



କେବଳ ସୌଭିକ ବିଶ୍ୱାଳଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ଦୁଇ ପାରମ୍ପରିକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ସାମୟିକ ମେଣ୍ଟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବିଜେଡି ପକ୍ଷରୁ କ୍ରସ ଭୋଟିଂ କରିଥିବା ବିଧାୟକମାନେ କଂଗ୍ରେସ ସହ ସାଲିସକୁ ଦଳର ଆଭିମୁଖ୍ୟ ପରିପନ୍ଥୀ ବୋଲି କହିଛନ୍ତି। ସେହିଭଳି କଂଗ୍ରେସ ବିଧାୟକମାନେ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ।




୧୯୯୭ରେ ବିଜେଡି ଗଠନ ପରଠାରୁ ବିଭିନ୍ନ ପର୍ଯ୍ୟାୟରେ କଂଗ୍ରେସକୁ ଭାଙ୍ଗିବାରେ ଦଳ ଏକ ପ୍ରମୁଖ ଭୂମିକା ନେଇଥିଲା। ପୂର୍ବତନ କଂଗ୍ରେସ ବିଧାୟକ ଦଳ ନେତା ଭୂପିନ୍ଦର ସିଂଙ୍କଠାରୁ ଆରମ୍ଭ କରି ଯୋଗେଶ ସିଂ, ଅନୁପ ସାଏ, ପୂର୍ବତନ ମନ୍ତ୍ରୀ ନବ ଦାସ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ସୁରେନ୍ଦ୍ର ସିଂ ଭୋଇ, ସାଂସଦ ମାନସ ମଙ୍ଗରାଜ, ବିଧାୟକ ପ୍ରଦୀପ ସାହୁ ଏମିତି ତାଲିକା କରି ଚାଲିଲେ ସରିବ ନାହିଁ। କଂଗ୍ରେସର ଭୋଟ ବ୍ୟାଙ୍କକୁ କାଟିବା ପାଇଁ ପ୍ରତି ନିର୍ବାଚନ ପୂର୍ବରୁ ବିଜେଡି କଂଗ୍ରେସ ବିଧାୟକ ଓ ନେତାମାନଙ୍କୁ ପ୍ରଲୋଭିତ କରି ନିଜ ସହ ସାମିଲ କରିଥାଏ। ଯେଉଁଥିପାଇଁ ପକ୍କା କଂଗ୍ରେସିଆ ବିଜେଡି ସହ କୌଣସି ପ୍ରକାର ରାଜନୈତିକ ସାଲିସ କରିବାକୁ ରାଜି ନୁହଁନ୍ତି।

ଗତ ନିର୍ବାଚନ ସମୟରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କଠାରୁ ହାରିଥିଲେ। ଏପରିକି ସେ ମନୋରମାଙ୍କ ବିରୋଧରେ ମିଥ୍ୟା ସତ୍ୟପାଠର ☞ପୃଷ୍ଠା-୬

# ଜିଲ୍ଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ



କେନ୍ଦ୍ରାପଡ଼ା, ୧।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡାରେ ୯୧ତମ ଜିଲ୍ଲା ସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜଜାଙ୍ଗସ୍ଥିତ ପୋଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ପ୍ୟାରେଡ଼ରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟାରିଆ ପ୍ରଥମେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରାପ୍ତ ବାର୍ତ୍ତାକୁ ପାଠ କରିବା ପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏଥିସହିତ ଗତ ୨୦୨୫ମସିହାରେ କେନ୍ଦ୍ରାପଡା ପୋଲିସ ଜିଲ୍ଲାର ଶ୍ରେଷ୍ଠ ପୋଲିସ ସବଇନିସପେକ୍ଟର ଦିପ୍ତିମୟୀ ରାଉତ, ଶ୍ରେଷ୍ଠ ଏ.ଏସ.ଆଇ. ମିନତୀ ରାଉଳ, ଶ୍ରେଷ୍ଠ ହାବିଲଦାର ଜିତେନ୍ଦ୍ର କୁମାର ଜେନା, ଶ୍ରେଷ୍ଠ ଓ.ଆର. କନେଷ୍ଟବଳ ଶୋଭାନ୍ତ କାନ୍ତ ଜେନା, ଶ୍ରେଷ୍ଠ ଏ.ପି. ଆର. କନେଷ୍ଟବଳ ସୁଜିତ କୁମାର ସାମଲ ଏବଂ ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ନିରଞ୍ଜନ ପଲାଇଙ୍କୁ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଥିଲେ। ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଏହି ପ୍ୟାରେଡକୁ ପରିଚାଳନା କରିଥିବାବେଳେ ସବଇନସପେକ୍ଟର ପୋଲିସ(ଆର୍ମଡ)ଅକ୍ଷୟ ଘଡେଇ ଏଥିରେ ତାଙ୍କୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ବିଶ୍ୱାଳ ଓ ସୁଧାକର ସାହୁ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ଡିଏସପି ଲକ୍ଷ୍ମୀନାରାୟଣ ତିୱାରୀ, ଡିଏସପି ସରୋଜ ସାହୁ, ଡିଏସପି ସସ୍ମିତା ସାହୁ, ସାଇବର ଥାନା ଭାରପ୍ରାପ୍ତ ଅଧିକାରୀ ଡିଏସପି ଗୋପିନାଥ ପ୍ରଧାନ, ସହକାରୀ କମାଣ୍ଡା(ଗୃହରକ୍ଷୀ) ରାମକୃଷ୍ଣ ମହାନ୍ତି, ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ସଦରଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ, ମୁଖ୍ୟାଳୟ ଇନସପେକ୍ଟର ଅରବିନ୍ଦସରଣ ମହାନ୍ତି, ସୌମ୍ୟରଞ୍ଜନ ବିଶ୍ୱାଳ, ସାଇବର ଥାନା ଇନସପେକ୍ଟର ଦିଲ୍ଲିପ କୁମାର ସାହୁ, ଇନସପେକ୍ଟର ଧିରଜ ଲେଙ୍କା, ଇନସପେକ୍ଟର ସୌମ୍ୟରଞ୍ଜନ ପାଣିଗ୍ରାହୀ, ଇନସପେକ୍ଟର ସୁଧାସ୍ମିତା ପୃଷ୍ଟି ଓ ଇନସପେକ୍ଟର କିଶୋର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ବିନ୍ଧାଣୀମାନଙ୍କ ଅବଦାନ ଅବିସ୍ମରଣୀୟ: ମନ୍ତ୍ରୀ

କେନ୍ଦ୍ରାପଡ଼ା,୧।୪(ସଂଚାର ବ୍ୟୁରୋ): ଜିଲ୍ଲା ସଂସ୍କୃତି ଭବନରେ ଆଜି ଜିଲ୍ଲାସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ତାଙ୍କ ଅଭିଭାଷଣରେ ସ୍ୱତନ୍ତ୍ର ଓଡିଶା ଗଠନର ବିନ୍ଧାଣୀ ମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ବୀର ପୁତ୍ରମାନଙ୍କ ଅପୂର୍ବ ଅବଦାନକୁ ସ୍ମରଣ କରିବା ସହ ରାଜ୍ୟ ଓ ଜିଲ୍ଲାର ସମଗ୍ର ବିକାଶ ଉପରେ ମନ୍ତ୍ରୀ ତାଙ୍କ ଭାଷଣରେ ଗୁରୁତ୍ୱ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ଶଶାଙ୍କଶେଖର ସେଠୀ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ




ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଓ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମାସୀନ ଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଡ. ନିରଞ୍ଜନ ମେକାପ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମାର୍ଶାଘାଇ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସାଳନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ "ମନ କି ବାତ" କାର୍ଯ୍ୟକ୍ରମରେ ଉଲ୍ଲେଖିତ ଚାନ୍ଦୋଳ ଏଚଏନଏସ ମହାବିଦ୍ୟାଳୟର ଛାତ୍ର ଓମ ପ୍ରକାଶ ରଥଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆଜିଠାରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା "ଓଡିଆ ପକ୍ଷ"ର ଲୋଗୋ ଉନ୍ମୋଚିତ କରାଯାଇଥିଲା। ଉପଜିଲ୍ଲାପାଳ ଶ୍ରୀ ନାୟକ ନିଜେ ଉଠାଳନ କରିଥିବା ସୁନ୍ଦର ଫଟୋ ଚିତ୍ରକୁ ମନ୍ତ୍ରୀଙ୍କୁ ସ୍ମୃତିଚିହ୍ନ ଭାବେ ପ୍ରଦାନ କରିଥିଲେ। ପରବର୍ତୀକାଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ସକାଳେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ଭାବଗ୍ରାହୀ କଳା ନିକେତନ, ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ, ରୟାଲ୍ ଡ୍ୟାନ୍ସ ଏକାଡେମୀ ଓ ନୁପୁର ଡ୍ୟାନ୍ସ ଏକାଡେମୀର କଳାକାରମାନେ ମଞ୍ଚକୁ ରଙ୍ଗିନ କରିଥିଲେ। ଏହା ସହିତ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆଳି ଉଚ୍ଚ ବିଦ୍ୟାଳୟ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ଡିଖିରି ରେସିଡେନ୍ସିଆଲ ସ୍କୁଲ, ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆରତୀ ଦେବୀ ସୋସାଇଟି, ମାର୍ଶାଘାଇର ଶ୍ରବଣବାଧିତ ଛାତ୍ରଛାତ୍ରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପଲ୍ଲୀଶ୍ରୀ ମହିଳା ସମିତି, ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ମନୋହର ନୃତ୍ୟ ପ୍ରଦର୍ଶନ କରିଥିଲେ।

## ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ପ୍ରୋଟୋକଲ ଭଙ୍ଗ

# ଆଗଧାଡି ବଦଳରେ ଷଷ୍ଠ ଧାଡିରେ ବସିଲେ ବିଧାୟକ

କେନ୍ଦ୍ରାପଡ଼ା,୧।୪(ସଂଚାର ବ୍ୟୁରୋ): ଜିଲ୍ଲା ସଂସ୍କୃତି ଭବନରେ ଆଜି ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଅତିଥି ଭାବରେ ଯୋଗଦେବାକୁ ଆସି



ପୂର୍ବାହ୍ନ ସାଢେ ୧୦ଟାରେ ସଂସ୍କୃତିଭବନରେ ପହଞ୍ଚିବା ବେଳେ ଦେଖିଲେ। ସମ୍ମୁଖ ଆଗଧାଡି ବିଜେପି ଦଳର ଦଳୀୟ କର୍ମକର୍ତ୍ତାଙ୍କ ଦ୍ୱାରା ସଂପୂର୍ଣ୍ଣ ପୁରଣ ହୋଇଯାଇଛି। ଏହାର ପଛଧାଡି ଗୁଡିକ ମଧ୍ୟ ପୁରଣ ହୋଇଇଯାଇଛି। ବିଧାୟକ ଶ୍ରୀ ବେହେରା ବାଧ୍ୟ ହୋଇ ମଞ୍ଚ ସମ୍ମୁଖ ବାମପାଶ୍ୱର୍ର ଷଷ୍ଠ ଧାଡିରେ ଯାଇ ବସିଲେ। ତାଙ୍କ ସହିତ ସେଠାରେ ପହଞ୍ଚିଥିବା ଅନ୍ୟତମ ଅତିଥି ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ଓ କେନ୍ଦ୍ରାପଡା ପୌରାଧ୍ୟକ୍ଷା ସରିତା ସାହୁ ମଧ୍ୟ ସେହି ଷଷ୍ଠଧାଡିରେ ବିଧାୟକ ଶ୍ରୀ ବେହେରାଙ୍କ ନିକଟରେ ଯାଇ ବସିଲେ। ମୁଖ୍ୟଅତିଥି ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ପ୍ରାୟ ୧୨ଟା ପରେ ପହଞ୍ଚିବା ପରେ ବିଧାୟକ ଶ୍ରୀ ବେହେରା ଓ ତାଙ୍କ ନିକଟରେ ବସିଥିବା ଅନ୍ୟ ଅତିଥିମାନେ ମଞ୍ଚାସିନ ହୋଇଥିଲେ।

# ପିଏମଶ୍ରୀ କୋରୋ ପଞ୍ଚାୟତ ହାଇସ୍କୁଲ ଛାତ୍ରୀଙ୍କ ଦେଶାତ୍ମବୋଧକ ସଂଙ୍ଗୀତରେ ମନ୍ତ୍ରମୁଗ୍ଧ ହେଲେ ଅତିଥି



କେନ୍ଦ୍ରାପଡ଼ା,୧।୪(ସଂଚାର ବ୍ୟୁରୋ): ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଉତ୍ସବରେ ଓଡିଶା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ପିଏମଶ୍ରୀ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନେ ବିମଳ ପ୍ରସାଦ ପରିଡାଙ୍କ ନିର୍ଦ୍ଦେଶନାରେ ବନ୍ଦେ ଉତ୍କଳ ଜନନୀ ଗାନ କରି ଉପସ୍ଥିତ ଅତିଥିମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଉତ୍ସବରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲାପାଳ ରଘୁରାମ ଆର.ଆୟର, ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସମେତ ସମସ୍ତ ଅତିଥି ପିଲାମାନଙ୍କ ସୁଲଳିତ ସଂଗୀତ ଶୁଣି ବିଭୋର ହୋଇପଡ଼ିଥିବା ବେଳେ ସେମାନଙ୍କୁ ପ୍ରଶଂସା କରିଥିଲେ।

## ଓଡ଼ିଶା ଦିବସ ଅବସରରେ ସଫେଇ କାର୍ଯ୍ୟକ୍ରମ



ରାଜନଗର,୧।୪(ସଂଚାର ବ୍ୟୁରୋ): ପବିତ୍ର ଓଡ଼ିଶା ଦିବସ ଅବସରରେ ରାଜନଗର ପଞ୍ଚାୟତ ସମିତି ଆନ୍ୟକୁଲ୍ୟରେ ରାଜନଗର ବଜାର, ହଂସୁଆ ସେତୁ ସମେତ ବିଭିନ୍ନ ସ୍ଥାନରେ ସମୂହ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଡ଼ିଓ ଅଶୋକ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସିପି ଆଶିଷ ସାହୁ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ମିଶ୍ର ଏବଂ ରାଜନଗର ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଓ ରାଜନଗର ହାଇସ୍କୁଲର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସହିତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ବାର୍ତ୍ତା ନେଇ ଏହି ମିଳିତ ସଫେଇ ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଛନ୍ତି।

# ଟ୍ରାକ୍ଟର ଧକ୍କାରେ କୁନିଝିଅ ମୃତ

ମହାକାଳପଡ଼ା, ୧।୪(ସଂଚାର ବ୍ୟୁରୋ): ଆଜି ମହାକାଳପଡା ବ୍ଲକ ତେରଗାଁ ପଞ୍ଚାୟତ ବେଲାର ନୂଆଗାଁ ଗ୍ରାମରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଜଣେ କୁନି ଝିଅର ଅକାଳ ମୃତ୍ୟୁ ଘଟିଛି।

ଗ୍ରାମର ଦିପକ ସାମଲଙ୍କ ଝିଅ ସାୟାନା ସାମଲ ଓରଫ ମାମାଲି (୯ ବର୍ଷ) ଟିଉସନରୁ ଫେରୁଥିବା ସମୟରେ ଏକ ବେପରୁଆ ଟ୍ରାକ୍ଟର (ଓଡି ୨୯ ଏଲ ୫୫୨୨) ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ମାର୍ଶାଘାଇ ପୋଲିସ



ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଗୁରୁତର ଆହତ ମାମାଲିଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ।

ଏନେଇ ମାମାଲିଙ୍କ ଜେଜ ରମେଶ ସାମଲଙ୍କ ଏତାଲା କ୍ରମେ ମାର୍ଶାଘାଇ (ଥାନା କେଶ ନଂ ୧୩୫/୨୬ ) ପୋଲିସ ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପରେ ମୃତ ଦେହ ପରିବାରକୁ ହସ୍ତାନ୍ତର କରିଛନ୍ତି। ଗ୍ରାମରେ ଏକ ଶୋକାକୁଳ ପରିବେଶ ଭିତରେ ମାମାଲିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ରାଜନଗର,୧।୪(ସଂଚାର ବ୍ୟୁରୋ): ରାଜନଗର ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକ କର୍ମଚାରୀଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଡିଓ ଅଶୋକ କୁମାର ମହାନ୍ତିଙ୍କ ପୌରହିତ ରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର ଯୋଗଦେଇ ଅବସର ଗ୍ରହଣ କରିଥିବା ପିଅନ ରବୀନ୍ଦ୍ର କୁମାର ଓରାମଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଓରାମ ରାଜନଗର ବ୍ଲକରେ ଦୀର୍ଘ ୩୦ ବର୍ଷ ଚାକିରୀ କରି ଅବସର ନେଇଛନ୍ତି। ତାଙ୍କ ଚାକିରୀ ଜୀବନରେ ସେ ଅନେକ ବିଡିଓ



ଙ୍କ ସହିତ କାମ କରି ପ୍ରସଂଶା ର ପାତ୍ର ହେଇଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ, ବିଏସଏସଓ ମନୋଜ କୁମାର ବେହେରା, ସିପି ଆଶିଷ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝୀ, ରାଜେନ୍ଦ୍ର ପ୍ରସାଦ ମହାନ୍ତି ଓ କର୍ମଚାରୀ ବିରଞ୍ଚି ନାରାୟଣ ସାମଲଙ୍କ ସମେତ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଗୁଡ୍ ସମରିଟାନ୍ ଭାବେ ସତ୍ୟରଞ୍ଜନ ସମ୍ବର୍ଦ୍ଧିତ



କେନ୍ଦ୍ରାପଡ଼ା,୧।୪(ସଂଚାର ବ୍ୟୁରୋ): ଡେରାବିଶ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସତ୍ୟରଞ୍ଜନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।ସୂଚନାମୁତାବକ ଗତ ୧୪ ମାର୍ଚ୍ଚ ୨୦୨୪ରିଖ ପାଟକୁରା ଥାନା ଅଞ୍ଚଳରେ ଏକ ମାର୍ମନ୍ତୁଦ ଦୃଘଟଣା ଘଟିଥିଲା।ଏକ ଛୋଟ ଝିଅ ଏହି ଦୃଘଟଣାରେ ଶିକାର ହୋଇଥିଲା।ଏହି ରାସ୍ତା ଦେଇ ଯାଉଥିବା ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ଇଛାପୁର ଗ୍ରାମର ସତ୍ୟରଞ୍ଜନ କର ଯାଉଥିଲେ।ଏହି ଘଟଣାକୁ ଦେଖି ତୁରନ୍ତ ଦୃଘଟଣାରେ ଶିକାର ହୋଇଥିବା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅକୁ ନିଜ ଗାଡିରେ ଧରି ୧୫କିମି ଦୂରରେ ଥିବା କେନ୍ଦ୍ରାପଡ଼ା ମୁଖ୍ୟ ମେଡିକାଲକୁ ନେଇଥିଲେ। ପରେ ଡାକ୍ତର ତାଙ୍କୁ କଟକ ପଠାଇଥିଲେ।କିଛି ଦିନ ଚିକିତ୍ସା ପରେ ପିଲାଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରି ଥିଲା।ଏହି ମହତ ପଣିଆକୁ ନେଇ ଆଜି ରାଜ୍ୟ ସରକାରଙ୍କ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆରଟିଓ ଲୋକନାଥ ମେହେର ସତ୍ୟରଞ୍ଜନ କରଙ୍କୁ ୨୦୦୦ଟଙ୍କା ସହ ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।ବିଭାଗ ପକ୍ଷରୁ ବରିଷ୍ଠ ଲିପିକ ସଞ୍ଜୟ କୁମାର ନାୟକ, ଏମଭିଆଇ କାଜଲ ପ୍ରଧାନ ଉପସ୍ଥିତ ଥିଲେ।

# ବିଭିନ୍ନ ସଂଗଠନ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୧।୪(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ରେ ବିଭିନ୍ନ ସଂଗଠନ ପକ୍ଷରୁ ଓଡ଼ିଶା ଦିବସ ସମାରୋହରେ ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ଦିବସ ସମାରୋହ ରେ ପାଳିତ ହୋଇଯାଇଛି। ବିକାଶ ପରିଷଦ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀଙ୍କ ପୌରହିତ୍ୟରେ



କସ୍ତୁରୀ କଳା ନିକେତନ ଠାରେ ଆୟୋଜିତ ଓଡ଼ିଶା ଦିବସ ସମାରୋହରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ଇଂ ତପନ ପାତ୍ର, ରିଜୁୱାନା ବେଗମ, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, ଅନିଲ ଚୌଧୁରୀ କୁମା୍ରେଶ ନାୟକ ପ୍ରତାପ ପାଢ଼ୀ, ଶିକ୍ଷାବିତ ଆରାଧନା ଦାଶ ବାରେଣୀ ସେଠୀ, ରାଜେନ୍ଦ୍ର ଦାଶ କୃପାସିନ୍ଧୁ ନାୟକ, ଶରତ ବିଶ୍ୱାଳ ତପ ରଞ୍ଜନ ବେହେରା, ପ୍ରଭାତ ମଲିକ ରବୀନ୍ଦ୍ର ପାତ୍ର ରମେଶ ମାଝୀ, ଦିଲ୍ଲିପ ମଲିକ ପ୍ରମୁଖ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ନିଭାଇ ଥିବା ବରପୁତ୍ରମାନଙ୍କୁ ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏଥିରେ ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଯୁଗ୍ମ ସମ୍ପାଦକ କୁମାର ସତ୍ୟନାରାୟଣ ନାୟକ, କୋଷାଧକ୍ଷ ଗୀତାଞ୍ଜଳି ପୃଷ୍ଟି, ପାଠାଗାର ସମ୍ପାଦକ ସିନାରାଣୀ ଓଝା, ଆଡ଼ଭୋକେଟ ଅକ୍ଷୟ କୁମାର ସାହୁ ଭବାନୀ ଶଙ୍କର ପଣ୍ଡା ରମେଶ ଚନ୍ଦ୍ର ଦାଶ ଜିତେନ୍ଦ୍ର ନନ୍ଦୀ ଓ ସୁନିତା ସାହୁ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଯୋଗ ଦାନ ଦେଇଥିବା ବରପୁତ୍ର ମାନଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ମହାକାଳପଡ଼ା,୧।୪(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜୟଚନ୍ଦ୍ରପୁରର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଭଞ୍ଜନ କୁମାର ଲେଙ୍କା ୩୧ ମାର୍ଚ୍ଚ ୨୦୨୬ ରିଖ ଦିନ ତାଙ୍କ ଶିକ୍ଷକତା ଜୀବନରୁ ଅନୁଷ୍ଠାନିକ ଭାବେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଆୟୋଜିତ ହୋଇଥିଲା। ଶ୍ରୀ ଲେଙ୍କା ତାଙ୍କ ଦୀର୍ଘ ୩୫ ବର୍ଷ ସେବାକାଳ ମଧ୍ୟରେ ଶିକ୍ଷାକ୍ଷେତ୍ରରେ ଯେଉଁ ଅମୂଲ୍ୟ ଅବଦାନ ରଖିଛନ୍ତି, ତାହାକୁ ସମସ୍ତେ ଗଭୀର ସମ୍ମାନ ସହ ମନେ ପକାଇଥିଲେ। ତାଙ୍କର ଶିଷ୍ଟାଚାର, କର୍ତ୍ତବ୍ୟନିଷ୍ଠା ଓ ଶିକ୍ଷା ପ୍ରତି ଅପରିମିତ ସମର୍ପଣ ତାଙ୍କୁ ସମସ୍ତଙ୍କ ନଜରରେ ଏକ ଆଦର୍ଶ ଶିକ୍ଷକ ଭାବେ ପରିଚିତ କରାଇଥିଲା।କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହଶିକ୍ଷକମାନେ, ପୁରାତନ ଶିକ୍ଷାର୍ଥୀ ଓ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ତାଙ୍କ ସହ କାଟିଥିବା ଅମୂଲ୍ୟ ସମୟର ସ୍ମୃତିଚାରଣ କରିଥିଲେ। କେହି କେହି ତାଙ୍କ ସହ ଅତୀତର ଅନୁଭବ ସେୟାର କରିବା ସମୟରେ ଆଖିର ଲୁହ ରୋକି ପାରିନଥିଲେ।ବିଶେଷକରି ଶିକ୍ଷାର୍ଥୀମାନେ ତାଙ୍କ ପ୍ରିୟ ଗୁରୁଙ୍କୁ ବିଦାୟ ଦେବା ବେଳେ ଗଭୀର ବେଦନା ଅନୁଭବ କରୁଥିଲେ। ତାଙ୍କର ଶିକ୍ଷା ଓ ମୂଲ୍ୟବୋଧ ଜୀବନ ଭରି ପାଇଁ ଏକ ପଥପ୍ରଦର୍ଶକ ଭାବେ ରହିବ ବୋଲି ସେମାନେ କହିଥିଲେ। ଶେଷରେ ଶ୍ରୀ ଲେଙ୍କା ତାଙ୍କ ଅନୁଭବ ମନ୍ଥନ କରି କହିଥିଲେ ଯେ, ବିଦ୍ୟାଳୟ ତାଙ୍କ ପାଇଁ କେବଳ କାର୍ଯ୍ୟସ୍ଥଳ ନୁହେଁ, ବରଂ ଏକ ପରିବାର ଥିଲା। ସେ ସମସ୍ତଙ୍କ ସହଯୋଗ, ସ୍ନେହ ଓ ସମ୍ମାନ ପାଇଁ ହୃଦୟଙ୍ଗମ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ତାଙ୍କୁ ସମ୍ମାନ ପତ୍ର, ପୁଷ୍ପଗୁଚ୍ଛ ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା।

# ଓପି ଜିନ୍ଦଲ ସ୍କୁଲରେ ଓଡ଼ିଶା ଦିବସ ପାଳିତ



ଅନୁଗୁଳ,୧।୪(ସଂଚାର ବ୍ୟୁରୋ): ଓ.ପି. ଜିନ୍ଦଲ ସ୍କୁଲ୍ ପରିସରରେ ଏକ ଆନନ୍ଦଦାୟକ ପରିବେଶରେ ବେଶ ଉତ୍ସାହର ସହିତ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ, ଓଡ଼ିଆ ବିଭାଗର ମୁଖ୍ୟ ଶିରିଶ କୁମାର ମିଶ୍ର ଓଡ଼ିଶା ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଶିକ୍ଷକଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। ଏହା ପରେ ଓଡ଼ିଶାର ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ, ସମସ୍ତେ ମିଳିତ ଭାବରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ, ଏବଂ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଛାତ୍ରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଭାଷଣରେ ପୁରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ବକ୍ତାମାନେ ଓଡ଼ିଶା ଦିବସ ପାଳନର ଗୁରୁତ୍ୱ ଉପରେ ଅଭିଭାଷଣ ରଖିବା ସହ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଛାତ୍ରମାନଙ୍କ ପାଇଁ ଏକ କବିତା ଅଧିବେଶନ ତଥା କବି ସମ୍ମିଳନୀର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ, ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ଶୁଭେଚ୍ଛା ଜଣାଇ ଛାତ୍ରଛାତ୍ରୀମାନଙ୍କୁ ଉତ୍କଳ ଭୂମିର ଗୌରବ ଏବଂ ଐତିହ୍ୟକୁ ସଂରକ୍ଷଣ ଏବଂ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାକଟପୁର /ଅସ୍ତରଙ୍ଗ,୧।୪(ସଂଚାର ବ୍ୟୁରୋ): ଅନ୍ଧାର ରେ ସେ ଦେଖାନ୍ତି ଆଲୋକର କିରଣ, ସଫଳତାର ଶିଖର ଚଢାଇବାରେ ଥାଏ ତାଙ୍କ ହାତ। ବିପଦଗାମୀ ପାଇଁ ସାଜନ୍ତି ପଥ ପଦର୍ଶକ। ସେ ହେଉଛନ୍ତି ଗୁରୁ, ଶିଷ୍ୟଙ୍କୁ ଭଲ ମଣିଷ ଭାବେ ଗଢିବାରେ ଥାଏ ଅବଦାନ ଅତୁଳନୀୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳସାହି ପଞ୍ଚାୟତ ପାଟସୁନ୍ଦରପୁର ଗ୍ରାମର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟସୁନ୍ଦରପୁର ବରିଷ୍ଠ ଶିକ୍ଷକ ତଥା ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ମାଗୁଣୀ ମଲ୍ଲିକ ନିଜ ଚାକିରୀ କାଳରୁ ଅବସର ନେଇଛନ୍ତି। କିନ୍ତୁ ଦୀର୍ଘ ଦିନ ହେବ ପିଲା ଙ୍କ ଭବିଷ୍ୟତ ଗଢୁଥିବା ମାଗୁଣୀ ଗୁରୁଜୀ ଅବସର ଦିନ ସମସ୍ତ ଙ୍କ ହୃଦୟରେ ରହିଯାଇଛନ୍ତି। ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଭିଆରପି କଲୋନୀ ବାସିନ୍ଦା ତଥା ପାଟସୁନ୍ଦରପୁର ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକତା ଭାବେ ଦୀର୍ଘ ୧୮ବର୍ଷ ଶିକ୍ଷକତା କରି ମଙ୍ଗଳବାର ତଥା ମାର୍ଚ୍ଚ ୩୧ରେ ଅବସରଗ୍ରହଣ କରିଛନ୍ତି। କିନ୍ତୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରେ ସେବା ମନବୃତ୍ତି ରଖି ବୁଧବାର ପୂର୍ବାହ୍ନ ରେ ପାଟସୁନ୍ଦରପୁର ବାତ୍ୟାଆଶ୍ରୟସ୍ଥଳୀ ପରିସରରେ ଏକ ରକ୍ତଦାନ ଶିବିର ସହ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରିଥିଲେ। ସମାଜସେବୀ ସୂର୍ଯ୍ୟକାନ୍ତ ମଲ୍ଲିକ ଓ ବାବୁରାମ ମଲ୍ଲିକ ପରିଚାଳନା ରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

# ଆଇଆଇସି ବନ୍ଦନା ପାତ୍ର ସମ୍ମାନିତ

ପଟ୍ଟାମୁଣ୍ଡାଇ,୧।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ସୁଦକ୍ଷା ମହିଳା ଇନସପେକ୍ଟର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଙ୍କୁ ଉଲ୍ଲେଖନୀୟ ପୋଲିସ ସେବା ପାଇଁ ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ



ଜିଲ୍ଲା ସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବରେ ସମ୍ମାନିତ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପ୍ରାଧ୍ୟାପକ ଅଜୟ କୁମାର ସାମଲ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ସଚିକାନ୍ତ ନାଥ ମୁଖ୍ୟବକ୍ତା ଓ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ପ୍ରାକ୍ତନ ଅଧକ୍ଷ ମାନସ କୁମାର ପରିଡା, ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ଅଧକ୍ଷ ଇଂ ଭଗବାନ ବିଶ୍ୱାଳ ସମ୍ମାନିତଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ଶ୍ରୀମତୀ ପାତ୍ରଙ୍କୁ ମାନପତ୍ର, ଉପଢୌକନ ସହ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରାଙ୍କ ମୂର୍ତ୍ତି ପ୍ରଦାନ କରି ସମ୍ମାନିତ କରିଥିଲେ । ଏଥି ପାଇଁ ଆଇ ଆଇ ସି ଶ୍ରୀମତୀ ପାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏଥି ପୂର୍ବରୁ ପଟ୍ଟାମୁଣ୍ଡାଇ ସମେତ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ଆଇ ଆଇ ସି ଶ୍ରୀମତୀ ପାତ୍ରଙ୍କୁ ଏକାଧିକ ବାର ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି । ଜିଲ୍ଲା ସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବରେ ସମ୍ମାନିତ ଆଇ ଆଇ ସି ଶ୍ରୀମତୀ ପାତ୍ର ପୋଲିସ ସେବା ଯୋଗାଇବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ବିଶେଷ କରି ପଟ୍ଟାମୁଣ୍ଡାଇବାସୀଙ୍କ ସହଯୋଗ ଓ ସମର୍ଥନ ଚୀର ଦିନ ଅଭୁଲା ରହିବ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଲୌହ ଅପସାରଣ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

କୋଣାର୍କ,୧।୪(ସଂଚାର ବ୍ୟୁରୋ): ସମାଜର ସମ୍ବେଦନଶୀଳ ଜନସାଧାରଣଙ୍କର ଦୀର୍ଘସ୍ଥାୟୀ ପରିବର୍ତ୍ତନ ପାଇଁ ଅନମୋଲ ଫାଉଣ୍ଡେସନ ଫର୍ ସଷ୍ଟେନେବେଲ ଡେଭଲପମେଣ୍ଟ ଓ କୋଣାର୍କ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୋଲାର ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ବ୍ଲକର କଣ୍ଟାବାଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝରବଣିଆ ଓ କଣ୍ଟାବାଡ଼ ଉପର ଆଦିବାସୀ ସାହି ଗ୍ରାମରେ ଓ ଅନ୍ଧାରୁଆ ଗ୍ରାମପଞ୍ଚାୟତର ଗୋଡ଼ିବାରି ତାଳସହି ଓ ଶବର ସାହି ଗ୍ରାମରେ ନିର୍ମାଣ କରାଯାଇଥିବା ସୌର ଶକ୍ତି ଚାଳିତ ଲୌହ ଅପସାରଣ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ଚାରୋଟିକୁ ଅନମୋଲ ଫାଉଣ୍ଡେସନ ଫର୍ ସଷ୍ଟେନେବେଲ ଡେଭଲପମେଣ୍ଟ ର ଉପ ସଭାପତି ଦିଲୀପ ଚୌଧରୀଙ୍କ ପରାମର୍ଶରେ ଉଦ୍ଘାଟନ କରାଯାଇଥିଲା। ଏହି ଲୌହ ଅପସାରଣ ପ୍ରକଳ୍ପ ମାଧ୍ୟମରେ ଗ୍ରାମବାସୀମାନେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ପାଇବ ସହିତ ତାଙ୍କର ଜୀବନ ଶୈଳୀରେ ଭବିଷ୍ୟତ ପିଢିପାଇଁ ଏକ ସୁନ୍ଦର ସ୍ୱସ୍ଥକର ପରିବେଶର ମୂଳୁ ଦୁଆ ପକାଇ ପାରିବେ ବୋଲି ଆମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଶୁଭ ଅବସରରେ ଅନମୋଲ ଇଣ୍ଡଷ୍ଟ୍ରି ଲିମିଟେଡ ର ଭୁବନେଶ୍ୱର ସ୍ଥିତ ପ୍ଲାଣ୍ଟର ମାନବ ସମ୍ବଳ ଓ ପ୍ରଶାସନିକ ମୁଖ୍ୟ ଏସ କେ ସହିଦ ହୁସେନ, ପ୍ଲାଣ୍ଟ ମୁଖ୍ୟ ପ୍ରଣବ କୁମାର ପ୍ରାମାଣିକ, ଏ ଏସ ଏମ୍ ଜୟ ନାରାୟଣ ସାହୁ, କଣ୍ଟାବାଡ଼ ସରପଞ୍ଚ ଲକ୍ଷ୍ମୀ ସାହୁ, ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିଆରସିଂ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଏହି ଚାରିଗୋଟି ପ୍ରକଳ୍ପ ଜରିଆରେ ଲୋକମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ସହିତ ଏହି କାର୍ଯ୍ୟ ଧାରାକୁ ଅଧିକ ପ୍ରଗତିଶୀଳ କରିବା ନିମନ୍ତେ ମତ ପ୍ରକାଶ ହୋଇଥିଲା



# ବିଜେପିରେ ସମବାୟବିତ୍‌ଙ୍କ ମହାମିଶ୍ରଣ



**ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି**

ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ବିଜେପି ନୀତି ଓ ଆଦର୍ଶ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରାଜ୍ୟର ପ୍ରମୁଖ ସମବାୟବିତ୍ ଆଜି ଦଳରେ ସାମିଲ୍ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଓଏସ୍‌ସିବି ଅଧ୍ୟକ୍ଷ ଟି. ପ୍ରସାଦ ରାଓ ଦୋରା, ଓଏସସିୟୁ ସଭାପତି ପ୍ରଭାସିନୀ ଷଡଙ୍ଗୀ, ଅର୍ବାନ ବ୍ୟାଙ୍କ୍ ଫେଡେରେସନ ସଭାପତି ମହେନ୍ଦ୍ର କୁମାର ନାୟକ, ଓଡ଼ିଶା ମହିଳା ବିକାଶ ସମବାୟ ନିଗମ ଲିମିଟେଡ୍ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ ଓ ଉପାଧ୍ୟକ୍ଷା ସୁଷମା ଦାସ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଫିସଫେଡ ଅଧ୍ୟକ୍ଷା ସସ୍ମିତା ରାଉତ, ଓପୋଲଫେଡ୍ ଅଧ୍ୟକ୍ଷ ଭୋଳେଶ୍ୱର ସ୍ୱାଇଁ, ଓମଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ ଓ ଉପସଭାପତି ସୁନିତା ବରାଳ, ଟିଡିସିସି ଅଧ୍ୟକ୍ଷ ଚମେଲି ଓରାମ, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ ଅଧ୍ୟକ୍ଷ ପ୍ରମୋଦ କୁମାର ସାମନ୍ତରାୟ ପ୍ରମୁଖ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଏହାଛଡ଼ା ଭୁବନେଶ୍ୱର କୋଅପରେଟିଭ ସୁପର ବଜାର, କ୍ୟାପିଟାଲ କୋଅପରେଟିଭ ହାଉସିଂ ସଂସ୍ଥା, ରିଜିଓନାଲ କୋଅପରେଟିଭ ମାର୍କେଟିଂ ସୋସାଇଟିର ଶତାଧିକ ସଦସ୍ୟ ବି ବିଜେପିରେ ସାମିଲ୍ ହୋଇଛନ୍ତି।

ଏହି ଅବସରରେ ଶ୍ରୀ ସାମଲ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚକୋଟିର କାର୍ଯ୍ୟ ଆଧାରରେ ସମବାୟ ବ୍ୟବସ୍ଥାକୁ ସଶକ୍ତ କରାଯାଉଛି। ସମବାୟ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯାଇ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ଅଧିକ ସୁଦୃଢ଼ କରାଯାଇ ଆତ୍ମନିର୍ଭରଶୀଳ କରାଯିବ। ଆଜିର ମିଶ୍ରଣ ଦ୍ୱାରା ସମବାୟ କ୍ଷେତ୍ରରେ ବିଜେପିର ଶକ୍ତି ବୃଦ୍ଧି ହୋଇଥିବା ଶ୍ରୀ ସାମଲ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ସରୋଜ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତା ଯଜ୍ଞେଶ୍ୱର ବାବୁ, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

**ଓଡ଼ିଶା ଦିବସରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

# ଭୁବନେଶ୍ୱର ହେବ ଗ୍ରେଟର୍ ଭୁବନେଶ୍ୱର

ଭୁବନେଶ୍ୱର, ୧।୪(ସଂଚାର ବ୍ୟୁରୋ): ୧୯୩୬ରେ ଗଠିତ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଏକ ନୂଆ ଦିଗ ଦେଖାଇଥିଲା ଓ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ରାଜ୍ୟ ଗଠନ ପାଇଁ ପଥପ୍ରଦର୍ଶକ ହୋଇଥିଲା ବୋଲି ୯୧ତମ ଓଡ଼ିଶା ଦିବସ ଅବସରରେ ଏଠାରେ

● **ମହିଳା, କୃଷକ ଓ ଗରିବଙ୍କ ସଶକ୍ତିକରଣକୁ ଗୁରୁତ୍ୱ**

● **ଭିତ୍ତିଭୂମି, ଶିଳ୍ପ ଓ ନିଯୁକ୍ତି ସୃଷ୍ଟିରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି ରାଜ୍ୟ**




ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଓ ବିଶ୍ୱର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ସମସ୍ତ ଓଡ଼ିଆଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଓଡ଼ିଶାର ଗୌରବମୟ ଇତିହାସ, ଅସ୍ମିତା ଓ ସଂକଳ୍ପକୁ ସ୍ମରଣ କରି କହିଥିଲେ।

ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ତ୍ୟାଗ ଓ ସଂଗ୍ରାମକୁ ସ୍ମରଣ କରି ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ, ପାଇକ ବିଦ୍ରୋହ ଓ ଭାଷା ଆଧାରିତ ଆନ୍ଦୋଳନର ଗୌରବକୁ ଉଲ୍ଲେଖ କରି କହିଥିଲେ ଯେ ଓଡ଼ିଆ ଭାଷା ଓ ସଂସ୍କୃତି ହିଁ ରାଜ୍ୟ ଗଠନର ପ୍ରମୁଖ ଶକ୍ତି। ସେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତାକୁ ବଜାୟ ରଖି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀଙ୍କଠାରୁ ଆସିଥିବା ଚିଠିକୁ ପଢ଼ି କୃତଜ୍ଞତା ଜଣାଇବା ସହ ଓଡ଼ିଶା ପୁଲିସଙ୍କୁ ମିଳିଥିବା 'ରାଷ୍ଟ୍ରପତି ପୁଲିସ୍ କଲର୍ସ' ସମ୍ମାନକୁ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ୨୦୩୬ରେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବା ସମୟରେ ରାଜ୍ୟକୁ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ। ୨୦୩୬ ସୁଦ୍ଧା ଅର୍ଥନୀତିକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଜି ପ୍ରତ୍ୟେକ ଓଡ଼ିଆ ସମର୍ପିତ ମନୋଭାବ ନେଇ ଆଗକୁ ବଢ଼ୁଛନ୍ତି। ମହିଳା, କୃଷକ, ଆଦିବାସୀ ଓ ଗରିବ ଲୋକଙ୍କ ସଶକ୍ତିକରଣ ସରକାରଙ୍କ ପ୍ରାଥମିକତା। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଆର୍ଥିକ ସହାୟତା ପାଉଥିବା ସହ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଝିଅମାନଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବ। ରାଜ୍ୟରେ ସଡକ, ରେଳ, ବିମାନ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବ୍ୟାପକ ବିକାଶ ଚାଲିଥିବା ସହ ଭୁବନେଶ୍ୱରକୁ ଆଧୁନିକ ଫାଇନାନ୍ସିଆଲ ଓ ଟେକ୍ ହବ୍ ଭାବେ ଗଢ଼ି ତୋଳିବା ଉଦ୍ୟମ ଚାଲିଛି ବୋଲି ସେ କହିଥିଲେ।

ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟିତତ ହୋଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ଏପ୍ରିଲର ସଂସ୍କରଣକୁ ଉନ୍ମୋଚିତ ହେବା ସହିତ ପ୍ରଗତି ପ୍ରବାହର ଚତୁର୍ଥ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ରାଜ୍ୟ ସ୍ତରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ମାନପତ୍ର ଓ ରେଡକ୍ରସ ପକ୍ଷରୁ ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ୨୫ ହଜାର ଲେଖାଏଁ ଅର୍ଥ ରାଶି ପ୍ରଦାନ କରିଥିଲେ।



# ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ୧୯୩୬ ଏପ୍ରିଲ ୧ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ଦିନ। ଏହା ସବୁ ଓଡ଼ିଆଙ୍କ ପାଇଁ ପ୍ରେରଣା ଓ ସ୍ୱାଭିମାନର ଦିନ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ପରି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଯୋଗୁଁ ଓଡ଼ିଆ ଭାଷାର ସୁରକ୍ଷା ହେବା ସହ ସ୍ୱତନ୍ତ୍ର ଓଡ଼ିଶା ଗଠନ ସମ୍ଭବ ହୋଇଥିଲା। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ସମ୍ଭାବନା ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଆଜି ଓଡ଼ିଶା ଦିବସ ଅବସରରେ ଓଡ଼ିଶାର ମହାନ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ଶ୍ରୀ ସାମଲ ଉପରୋକ୍ତ ମତ ଦେଇଛନ୍ତି। ଓଡ଼ିଶା ଦିବସ ଅବସରରେ ସେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ମଧ୍ୟ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସମ୍ପାଦକ ସରୋଜ କର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଓ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନାବାଳିକା ଗର୍ଭବତୀ,ଦୁଇ ସନ୍ତାନର ବାପା ଗିରଫ



ପାତ୍ରପୁର, ୧।୪ (ସଂଚାର ବ୍ୟୁରୋ): ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ଜରଡ଼ା ଥାନା ଆଙ୍କୁଲି ପଞ୍ଚାୟତର ଜଣେ ୧୩ ବର୍ଷର ନାବାଳିକାକୁ ଜଣେ ବ୍ୟକ୍ତି ବଳାତ୍କାର କରିବା ସହ ଗର୍ଭବତୀ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ହେଉଛନ୍ତି ଧାନବାଡ ଗ୍ରାମର ଇଣ୍ଡିଆ ପ୍ରଧାନ (୩୨)। ଅଭିଯୁକ୍ତ ଜଣକ ପୂର୍ବରୁ ବିବାହିତ ଏବଂ ସେ ଦୁଇଟି ସନ୍ତାନର ବାପା ମଧ୍ୟ। ବାଳିକା ଜଣକ ଗର୍ଭବତୀ ଥିବା ଜଣାପଡ଼ିବା ପରେ ପରିବାର ପକ୍ଷରୁ ମଙ୍ଗଳବାର ଦିନ ଜରଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପରିବାରର ଅଭିଯୋଗକୁ ଭିତ୍ତି କରି ପୋଲିସ ୧୧୧/୨୬ ନମ୍ବରରେ ଏକ ମାମଲା ରୁଜୁ କରିଛି। ପୋଲିସ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ଇଣ୍ଡିଆ ପ୍ରଧାନକୁ କାବୁ କରିବା ସହ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।

## ନିଆରା ଢଙ୍ଗରେ 'ଓଡ଼ିଶା ଦିବସ' ପାଳିଲା ଓରମାସ୍

ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ) ପରିସରରେ ଚଳିତ ବର୍ଷ 'ଓଡ଼ିଶା ଦିବସ' ଏକ ଭିନ୍ନ ଓ ଆକର୍ଷଣୀୟ ଶୈଳୀରେ ପାଳିତ ହୋଇଛି। ଏହି ଅବସରରେ ପ୍ରଶିକ୍ଷୁମାନେ ଓଡ଼ିଶାର ସମୃଦ୍ଧ କଳା ଓ ପରମ୍ପରାକୁ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ। ପାରମ୍ପରିକ ନୃତ୍ୟ, ସଙ୍ଗୀତ ଏବଂ ଚିତ୍ତାକର୍ଷକ ରଙ୍ଗୋଲି ମାଧ୍ୟମରେ ଓଡ଼ିଶାର ଐତିହ୍ୟ ପ୍ରତି ସେମାନଙ୍କର ଗଭୀର ମମତା ଓ ଗର୍ବ ପ୍ରକାଶ ପାଇଥିଲା। ଏହି ଆୟୋଜନ ସମଗ୍ର କାର୍ଯ୍ୟାଳୟ ପରିସରକୁ ଉତ୍ସବମୁଖର କରିବା ସହ ସମସ୍ତଙ୍କ ମଧ୍ୟରେ ଏକତା ଓ ଭ୍ରାତୃଭାବ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ମୋନିକା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷୁମାନଙ୍କ ସୃଜନଶୀଳତା ଓ ଉତ୍ସାହକୁ ପ୍ରଶଂସା କରିଥିଲେ। ତାଙ୍କ ସହ ବିତ୍ତ ବିଭାଗର ଅତିରିକ୍ତ ସିଇଓ ସଞ୍ଜୀବ କୁମାର ସିଂହ ଓ ପ୍ରଶାସନ ବିଭାଗର ଅତିରିକ୍ତ ସିଇଓ ଗୀତାଞ୍ଜଳି ବେହେରା ଉପସ୍ଥିତ ରହି ଯୁବକଯୁବତୀଙ୍କ ଏଭଳି ସକ୍ରିୟ ଅଂଶଗ୍ରହଣକୁ ସ୍ୱାଗତ କରିଥିଲେ। ସମସ୍ତଙ୍କ ସାମୂହିକ ପ୍ରୟାସ ଯୋଗୁଁ ଏଥରର 'ଓଡ଼ିଶା ଦିବସ' ପାଳନ ଓରମାସ ପରିବାର ପାଇଁ ଅତ୍ୟନ୍ତ ଅର୍ଥବହ ଓ ପ୍ରେରଣାଦାୟୀ ହୋଇପାରିଛି।



**ଓଡ଼ିଶା ଦିବସରେ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଓ ମାଲ୍ୟାର୍ପଣ**

## ଗୌରବମୟ ଐତିହ୍ୟ ଓ ବରପୁତ୍ରଙ୍କ ତ୍ୟାଗ ସଦା ପ୍ରେରଣାଦାୟୀ



ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ଓଡ଼ିଶା ଦିବସ ଅବସରରେ ରାଜ୍ୟର ଗୌରବମୟ ଐତିହ୍ୟ, ସଂସ୍କୃତି ଓ ସ୍ୱାଭିମାନକୁ ସ୍ମରଣ କରାଯାଇଥିବା ବେଳେ ଓଡ଼ିଆ ଜାତିର ଗୌରବ ବରପୁତ୍ରମାନଙ୍କ ଅସାଧାରଣ ଅବଦାନକୁ ସ୍ମରଣ କରାଯାଇଥିଲା। ଉତ୍କଳର ଏହି ମହାନ ବ୍ୟକ୍ତିତ୍ୱମାନେ ନିଜର ତ୍ୟାଗ, ସଂଗ୍ରାମ ଓ ସମାଜସେବା ମାଧ୍ୟମରେ ଓଡ଼ିଶାର ପରିଚୟକୁ ଗଢ଼ି ତୋଳିଥିବାରୁ ସେମାନଙ୍କ ଆଦର୍ଶ ସଦା ପିଢ଼ି ପାଇଁ ପଥପ୍ରଦର୍ଶକ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସହ ସହରର ବିଭିନ୍ନ ସ୍ଥାନରେ ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓ ଅନ୍ୟାନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା।

## ବିଏମସିକୁ ଏକ ନମ୍ବର କରିବା ପାଇଁ ଶପଥ



ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ ଓ ବଡା ଖାନା କାର୍ଯ୍ୟକ୍ରମ ୩ଟି ଜୋନ୍‌ର ୧୦ଟି ସ୍ଥାନରେ ଅନୁଷ୍ଠିତ ହୋଇଛି। ସମସ୍ତ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନ ଓ ବିଏମସିର ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ପ୍ରମୁଖ ପ୍ରାୟ ୮ ହଜାର କର୍ମୀ ଏଥିରେ ସାମିଲ ହୋଇଥିଲେ। ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଯୋଗ ଦେଇଥିଲେ। ସ୍ୱଚ୍ଛ ସର୍ବେକ୍ଷଣ ଅବସରରେ ସ୍ୱଚ୍ଛ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ମିଶି ମେୟର, ଡେପୁଟି ମେୟର, କମିଶନର, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଓ ଅଧ୍ୟକ୍ଷ ବୃନ୍ଦ, ଅତିରିକ୍ତ କମିଶନର, ଡେପୁଟି କମିଶନର ପ୍ରମୁଖ ଅଧିକାରୀମାନେ ଗୋଟିଏ ସ୍ଥାନରେ ଭୋଜନ ଦ୍ୱାରା ସ୍ୱଚ୍ଛକର୍ମୀମାନଙ୍କୁ ଉତ୍ସାହିତ କରିବାକୁ ନିୟମିତ ଭାବେ ଏହି ବଡା ଖାନା ଅନୁଷ୍ଠିତ ହୋଇଆସୁଛି। ଭାରତୀୟ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାର ୮୪ ନମ୍ବରରୁ ବିଏମ୍‌ସି ୯ମ ସ୍ଥାନରେ ପହଞ୍ଚିଛି। ଏହା କେବଳ ସ୍ୱଚ୍ଛ କର୍ମୀ ଓ ଭୁବନେଶ୍ୱରବାସୀଙ୍କ ପାଇଁ ସମ୍ଭବ ହୋଇଛି। ଆଗାମୀ ଦିନରେ ଏହାକୁ ଏକ ନମ୍ବର କରିବାର ଦାୟିତ୍ୱ ମଧ୍ୟ ସେମାନଙ୍କ ପାଇଁ ସମ୍ଭବ ହୋଇପାରିବ।

## ଜାତୀୟ ସ୍ତରରେ ପଡୁଆ ପଞ୍ଚାୟତ ସମ୍ମାନିତ




କେନ୍ଦୁଝର, ୧।୪ (ସଂଚାର ବ୍ୟୁରୋ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ଗ୍ରାମପଞ୍ଚାୟତକୁ ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା 'ଜଳ-ପର୍ଯ୍ୟାପ୍ତ ପଞ୍ଚାୟତ' ବର୍ଗ ଅଧୀନରେ ପ୍ରତିଷ୍ଠିତ ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ଏହି ଜାତୀୟସ୍ତର ମାନ୍ୟତା ଜଳ ସୁରକ୍ଷା, ଦକ୍ଷ ସମ୍ବଳ ପରିଚାଳନା ଏବଂ ସାମୁଦାୟିକ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ନିରନ୍ତର ଏବଂ ଫଳାଫଳ-ଭିତ୍ତିକ ପ୍ରୟାସକୁ ବିଚାରକୁ ନେଇ ମନୋନୟନ କରାଯାଏ। ପଡୁଆ ଗ୍ରାମପଞ୍ଚାୟତ ବିକେନ୍ଦ୍ରୀକୃତ ଯୋଜନା, ଜଳ ସଂରକ୍ଷଣ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ହାସଲ କରିବା ପାଇଁ ବିଭିନ୍ନ ଯୋଜନାର ସମନ୍ୱୟର ଏକ ଦୃଢ଼ ମଡେଲ ପ୍ରଦର୍ଶନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଗ୍ରାମପଞ୍ଚାୟତ ଦଳ, ସ୍ଥାନୀୟ ଅଂଶୀଦାର ଏବଂ ଚମ୍ପୁଆ ବ୍ଲକ ପ୍ରଶାସନର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ସାଧୁବାଦ ଜଣାଇଛି। ପ୍ରଶାସନ ମଧ୍ୟ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣକୁ ସ୍ୱୀକାର କରିଛି, ଯେଉଁମାନଙ୍କ ଅଂଶଗ୍ରହଣ ଏବଂ ମାଲିକାନା ଜଳ ପର୍ଯ୍ୟାପ୍ତତା କ୍ଷେତ୍ରରେ ପଡୁଆକୁ ଏକ ମଡେଲ ପଞ୍ଚାୟତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେମାନଙ୍କର ମିଳିତ ଆଭିମୁଖ୍ୟ, କ୍ଷେତ୍ରସ୍ତରୀୟ ନେତୃତ୍ୱ ଏବଂ ଗ୍ରାମୀଣ ଜୀବିକା ନିର୍ବାହରେ ଉନ୍ନତି ଆଣିବା ପାଇଁ ପ୍ରତିବଦ୍ଧତା ଏହି ମାଇଲଖୁଣ୍ଟ ହାସଲ କରିବାରେ ସହାୟକ ହୋଇଛି ବୋଲି ଜିଲ୍ଲାପାଳ ବିଶାଳ ସିଂହ କହିଛନ୍ତି। ଜିଲ୍ଲା ପ୍ରଶାସନ ଏପରି ପଦକ୍ଷେପ ଗ୍ରାମୀଣ ବିକାଶ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି।

# ୭୮ ଜଣଙ୍କୁ ପୁଲିସ୍ ପଦକ ପ୍ରଦାନ



ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ପୁଲିସ ଭବନରେ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୭୮ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ପଦକ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଡିଜିପି ଏହି ପଦକ ପ୍ରଦାନ କରିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ. ସାଇନି, ଆଇଜିପି (ଅପରେସନ) ଡଃ ଦୀପକ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡଃ ସାର୍ଥକ ଷଡ଼ଙ୍ଗୀ, ଡିଆଇଜିପି (ସ୍ୱତନ୍ତ୍ର ଗୁଇନ୍ଦା ଶାଖା) ଅଖିଳେଶ୍ୱର ସିଂ, ଡିସିପି (ଭୁବନେଶ୍ୱର) ଜଗମୋହନ ମୀନା, ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ, ଏସପି (ସ୍ପେଶାଲ ବ୍ରାଞ୍ଚ) ସୁନୀଲ କୁମାର ନନ୍ଦ, ଏସପି (ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ) ଅଶୋକ କୁମାର ଦେହୁରୀଙ୍କ ସହ ଏସଓଜିର ୨୯, ସ୍ପେଶାଲ ବ୍ରାଞ୍ଚର ୭, ଏସଆଇଡବ୍ଲ୍ୟୁର ୧୦ ଜଣ ଓ ଅନ୍ୟାନ୍ୟ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡିଜିପି ପଦକ ପ୍ରଦାନ କରିଛନ୍ତି।

ଏଥିସହ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟର ସର୍ବଶ୍ରେଷ୍ଠ ପୁଲିସ ଥାନା ଭାବେ ପୁରସ୍କୃତ ହୋଇଥିବା ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ଥାନାର ଇନ୍ସପେକ୍ଟର ବିମଳ କୁମାର କର୍ଣ୍ଣଙ୍କୁ ପଦକ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୁଲିସ ଅଧିକାରୀ, ପୁଲିସ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ପଣ୍ୟ ପରିବହନରେ ପୁଣି ପୂର୍ବତଟ ରେଳପଥ ୧ ନମ୍ବର




● **ସର୍ବାଧିକ ୨୮୬.୩ ନିୟୁତ ଟନ୍ ପଣ୍ୟ ପରିବହନ ରେକର୍ଡ**

● **କ୍ରମାଗତ ସପ୍ତମ ବର୍ଷ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ**

ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ପୁଣି ଥରେ ଭାରତୀୟ ରେଳବାଇର ପ୍ରମୁଖ ପଣ୍ୟ ପରିବହନକାରୀ ଜୋନ୍ ଭାବେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ୨୮୬.୩ ନିୟୁତ ଟନ୍‌ର ସର୍ବକାଳୀନ ସର୍ବାଧିକ ପଣ୍ୟ ପରିବହନ କରିଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୨୫୯.୨୫ ନିୟୁତ ଟନ୍ ପରିବହନ ତୁଳନାରେ ଏହା ପ୍ରାୟ ୨୭ ନିୟୁତ ଟନ୍ ଅଧିକ ଓ ପ୍ରାୟ ୧୦.୪ ପ୍ରତିଶତ ବୃଦ୍ଧି। ଏହି ସଫଳତା ଜୋନ୍‌ର ନିରନ୍ତର ଅଭିବୃଦ୍ଧି ଓ ପରିଚାଳନାଗତ ଉତ୍କର୍ଷତାର ପ୍ରମାଣ ଦେଇଛି। ପଣ୍ୟ ପରିବହନରେ ବୃଦ୍ଧି ସହ ଏହି ଜୋନ୍‌ର ପଣ୍ୟ ପରିବହନ ଆୟରେ ମଧ୍ୟ ଯଥେଷ୍ଟ ବୃଦ୍ଧି ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ପଣ୍ୟ ପରିବହନରୁ ୨୯,୪୫୬.୭୦ କୋଟି ଟଙ୍କା ଆୟ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୨୬,୬୯୧.୮୨ କୋଟି ଟଙ୍କା ଥିଲା। ଅର୍ଥାତ୍ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୧୦ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ଦୃଢ଼ ଆର୍ଥିକ ପ୍ରଦର୍ଶନ ଭାରତୀୟ ରେଳବାଇର ପଣ୍ୟ ପରିବହନ କ୍ଷେତ୍ରରେ ଏହାର ଅଗ୍ରଣୀ ସ୍ଥାନକୁ ଆହୁରି ସୁଦୃଢ଼ କରିପାରିଛି।

ଏହି ସଫଳତା ସହ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଭାରତୀୟ ରେଳବାଇର ସମସ୍ତ ରେଳ ଜୋନ୍‌ମାନଙ୍କ ମଧ୍ୟରେ ନିଜର ଶୀର୍ଷସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇ ହାସଲ କରିଥିବା ମୋଟ ୧୬୬୯.୯ ନିୟୁତ ଟନ୍ ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ଅବଦାନ ୧୭.୧ ପ୍ରତିଶତ ରହିଛି। ତେବେ ସବୁଠାରୁ ଉଲ୍ଲେଖନୀୟ କଥା ଯେ କ୍ରମାଗତ ସପ୍ତମ ବର୍ଷ ପାଇଁ ପୂର୍ବତଟ ରେଳପଥ ୨୦୦ ମିଲିୟନ ଟନ୍‌ରୁ ଅଧିକ ପଣ୍ୟ ପରିବହନ କରିପାରିଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ଆଲୁମିନା, ସାର ଏବଂ ଖାଦ୍ୟ ଶସ୍ୟ ଭଳି ପ୍ରମୁଖ ବଲ୍କ ସାମଗ୍ରୀ ପରିବହନରେ ଏହି ଜୋନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି, ଯାହା ବିଦ୍ୟୁତ ଉତ୍ପାଦନ, ଭିତ୍ତିଭୂମି ଉନ୍ନୟନ ଏବଂ ଭାରୀ ଶିଳ୍ପ ଭଳି ମୁଖ୍ୟ କ୍ଷେତ୍ର ପାଇଁ ଅତ୍ୟାବଶ୍ୟକ।

## ଏଆଇସିସି ସଙ୍ଗଠନ ସମ୍ପାଦକଙ୍କ ଜାଲି ଦସ୍ତଖତ ଅଭିଯୋଗ

**ସାଇବର ଥାନାରେ ଏତଲା ଦେଲା ପିସିସି**



ଭୁବନେଶ୍ୱର, ୧।୪ (ସଂଚାର ବ୍ୟୁରୋ): ଏଆଇସିସି ସଙ୍ଗଠନ ସମ୍ପାଦକ ସାଂସଦ କେସି ବେଣୁଗୋପାଳଙ୍କ ମିଥ୍ୟା ଦସ୍ତଖତ ଚିଠି ସାମାଜିକ ଗଣମାଧ୍ୟମରେ ଅପ୍ରଚାରକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସର ଏକ ଦଳ ଆଜି ସାଇବର ଥାନାରେ ଏତଲା ଦାୟର କରିଛି। ସଂଗଠନ ସମ୍ପାଦକଙ୍କ ମିଥ୍ୟା ଦସ୍ତଖତରେ ଏଆଇସିସି ପ୍ୟାଡ୍ ବ୍ୟବହାର କରି ପିସିସି ସଭାପତି ପଦ ଗାରିମାକୁ କଳୁଷିତ କରିବା ଭଳି ଏକ ଚିଠି କିଛିଦିନ ହେଲା ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଘୂରି ବୁଲୁଛି, ଯାହା ସମ୍ପୂର୍ଣ୍ଣ ବେଆଇନ ଓ ଧର୍ତ୍ତବ୍ୟ ଅପରାଧ ତଥା ସମାଜ ପାଇଁ ବଡ଼ ବିପଦ ବୋଲି ପିସିସି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଧର୍ତ୍ତବ୍ୟ ଅପରାଧରେ ଜଡ଼ିତ ଥିବା ଅପରାଧୀଙ୍କୁ ଶୀଘ୍ର ଗିରଫ କରି ଦଣ୍ଡ ବିଧାନ କରାଯାଉ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବି କରିବା ସହ ଭିଏସଏସ ନଗରସ୍ଥିତ ସାଇବର ଥାନାରେ ଏତଲା ମଧ୍ୟ ଦାୟର କରିଛି। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଡଃ ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ, ବିଶ୍ୱଜିତ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ସୁଦର୍ଶନ ଦାସ ସାଇବର ଥାନାରେ ଏତଲା ଦେଇଛନ୍ତି।

# ସମୁଦ୍ର ବେଳାଭୂମିରେ ଖୋଲିବ ମଦ କୁଡ଼ିଆ

ଭୁବନେଶ୍ୱର,୧।୪: ପୁରୀ ପୌରାଞ୍ଚଳ ଛଡ଼ା ରାଜ୍ୟର ଅନ୍ୟ ସମସ୍ତ ଅଞ୍ଚଳର ସାମୁଦ୍ରିକ ବେଳାଭୂମି, ନଦୀ, ହ୍ରଦ ଓ ଜଳଭଣ୍ଡାର ଆଦି ନିକଟରେ ମଦ କୁଡ଼ିଆ (ବିଚ୍ ସ୍ୟାକ୍ସ) ଖୋଲାଯାଇପାରିବ ବୋଲି ଓଡ଼ିଶା ସରକାରଙ୍କ ନୂଆ ଅବକାରୀ ନୀତିରେ ଉଲ୍ଲେଖ କରିଛନ୍ତି। ତେବେ ଏହି ମଦ କୁଡ଼ିଆ କୌଣସି ବ୍ୟକ୍ତି ବିଶେଷଙ୍କୁ ଆବଣ୍ଟନ କରାଯିବ ନାହିଁ।

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)କୁ ମଦ କୁଡ଼ିଆ ପାଇଁ ଲାଇସେନ୍ସ ଦିଆଯିବ ଓ ଏହାର ପରିଚାଳନା ପାଇଁ ପର୍ଯ୍ୟଟନ ନିଗମ ଯାହାକୁ ଚାହିଁବେ ଦାୟିତ୍ୱରେ ରଖିପାରିବେ। ଓଟିଡିସିର ହୋଟେଲ୍‌ଗୁଡ଼ିକରେ ଠିପି ଖୋଲା ମଦ ବିକ୍ରି ପାଇଁ ଲାଇସେନ୍ସ ଫି'ର ଅଧା ନିଆଯିବ। ସେହିଭଳି ଓଟିଡିସିକୁ ବିଭିନ୍ନ ଇକୋ ରିଟ୍ରିଟ୍ ସ୍ଥଳରେ ବି ମଦ ବିକ୍ରି ପାଇଁ ଅସ୍ଥାୟୀ ଲାଇସେନ୍ସ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ତାଙ୍କ ଅବକାରୀ ନୀତିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ପର୍ଯ୍ୟଟନର ବିକାଶ ଲାଗି ମଦ କୁଡ଼ିଆ ମାଧ୍ୟମରେ ପର୍ଯ୍ୟଟକମାନଙ୍କୁ ମଦ ପରଷିବାର ବ୍ୟବସ୍ଥା ରହିଛି। ତେବେ ଏଥିଲାଗି ଅବକାରୀ ନୀତିରେ କେତେକ ସର୍ତ୍ତ ଯୋଡ଼ାଯାଇଛି। ପୁରୀ ପୌରପାଳିକା ଅଞ୍ଚଳରେ ମଦ କୁଡ଼ିଆ ରହିବ ନାହିଁ। ତେବେ ଅନ୍ୟ କେଉଁଠାରେ ସମୁଦ୍ର ବେଳାଭୂମି, ନଦୀତଟ, ହ୍ରଦ କୂଳ ଓ ଜଳଭଣ୍ଡାର ଇତ୍ୟାଦି ନିକଟରେ ମଦ କୁଡ଼ିଆମାନ ରଖାଯିବ ତାହା ପର୍ଯ୍ୟଟନ ବିଭାଗର ଅନୁମୋଦନ କ୍ରମେ ସ୍ଥିର ହେବ। ତେବେ ଏହି ମଦ କୁଡ଼ିଆଗୁଡ଼ିକ କେଉଁଠି ସାମୟିକ ଭାବେ ଚାଲିବ କି ଆଉ କେଉଁଠି ବର୍ଷ ତମାମ ଚାଲିବ ତାହା ପର୍ଯ୍ୟଟନ ବିଭାଗ ନିଷ୍ପତ୍ତି ନେବ।



ଓଟିଡିସି ପ୍ରତ୍ୟକ୍ଷ ଭାବେ ମଦ କୁଡ଼ିଆ ଚଳାଇବ କିମ୍ବା ଏହା ଚଳାଇବା ପାଇଁ ଅନ୍ୟ କାହାକୁ ବି ନିଯୁକ୍ତ କରିପାରିବ। ଏହି ମଦ କୁଡ଼ିଆ ପାଇଁ ରିହାତି ଦରରେ ଓଟିଡିସିକୁ ବାର୍ଷିକ ୭୫ ହଜାର ଟଙ୍କା କରି ଲାଇସେନ୍ସ ଫି' ଦେବାକୁ ପଡ଼ିବ। ମଦ କୁଡ଼ିଆଗୁଡ଼ିକ ସିଧାସଳଖ ମଦ ଉଠାଇପାରିବେ ନାହିଁ। ଓଟିଡିସି କେବଳ ଏଥିପାଇଁ ଆବଶ୍ୟକ ପରିମାଣରେ ମଦ ଉଠାଇପାରିବ। ବେଳାଭୂମି ମଦ କୁଡ଼ିଆଗୁଡ଼ିକରେ ବିକ୍ରି ହେଉଥିବା ମଦର ରପ୍ତାନୀ ଯେଭଳି ଠିକଣା ଭାବେ ସରକାରୀ ଶଳ୍କ ପଇଠ ହୁଏ, ତା'ର ଦାୟିତ୍ୱ ବି ଓଟିଡିସି ଉପରେ ନ୍ୟସ୍ତ ରହିବ। ଏହି ମଦ କୁଡ଼ିଆଗୁଡ଼ିକ ଲାଗି ପାଣି ଓ ବିଦ୍ୟୁତ ଯୋଗାଣ, ସ୍ୱେରେଜ ବ୍ୟବସ୍ଥା, ପରିମଳ ପରିଚାଳନା ଆଦି ଓଟିଡିସି ନିଜେ କିମ୍ବା ବାହାର ଅନ୍ୟ କୌଣସି ସଂସ୍ଥା ଦ୍ୱାରା କରାଇବ। ମଦ କୁଡ଼ିଆଗୁଡ଼ିକୁ ସ୍ୱତନ୍ତ୍ର ଧରଣର ଖୋଲା ଠିପି ରେଷ୍ଟୁରାଣ୍ଟ ଭାବେ ବିବେଚନା କରାଯାଇ ଲାଇସେନ୍ସ ଦିଆଯିବ। ପର୍ଯ୍ୟଟନ ବ୍ୟବସାୟ ସହ ଜଡ଼ିତ କିଛି ବ୍ୟକ୍ତି କହୁଛନ୍ତି ଯେ ସମୁଦ୍ର, ନଦୀ, ଜଳଭଣ୍ଡାର, ହ୍ରଦ ଆଦି ନିକଟରେ ମଦ୍ୟପାନର ମଜା ଉପଲବ୍ଧ ହେଲେ ଅଧିକରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆକର୍ଷିତ ହେବେ। ବିଶେଷକରି ସମୁଦ୍ର ବେଳାଭୂମି ସମେତ ଚିଲିକା ହ୍ରଦ କୂଳରେ ଥିବା ଗାଁଗୁଡ଼ିକ ନିକଟରେ ଅଧିକ ସଂଖ୍ୟକ ମଦ କୁଡ଼ିଆ ବସାଗଲେ କୁଆଡ଼େ ଲୋକଙ୍କ ଅର୍ଥନୀତି ବିକଶିତ ହେବ ବୋଲି ସେମାନଙ୍କ ମତ।

ଅନ୍ୟପକ୍ଷରେ ମଦମୁକ୍ତି ଅଭିଯାନର କର୍ମୀମାନେ କହୁଛନ୍ତି ଯେ ଏହା ଫଳରେ ନଦୀ, ସମୁଦ୍ର, ଜଳଭଣ୍ଡାରଗୁଡ଼ିକରେ ଦୁର୍ଘଟଣା ଅଧିକ ବଢ଼ିବ ଓ ମଦ ନିଶାରେ ଅଧିକରୁ ଅଧିକ ସଂଖ୍ୟକ ଲୋକେ ପାଣିରେ ବୁଡ଼ି ମରିବେ। କେବଳ ସେତିକି ନୁହେଁ, ନିକଟବର୍ତ୍ତୀ ଗାଁ ଗଣ୍ଡାଗୁଡ଼ିକରେ ଏହାର କୁପ୍ରଭାବ ପଡ଼ିବ। ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟ ସରକାରଙ୍କ ଏହି ଅବକାରୀ ନୀତି ଅତି କମ୍‌ରେ ୨୦୨୯ ପର୍ଯ୍ୟନ୍ତ କିମ୍ବା ଅନ୍ୟ ନୂଆ ଅବକାରୀ ନୀତି ଆସିବା ଯାଏଁ ବଳବତ୍ତର ରହିବ।(ତଥ୍ୟ)

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଗୁରୁବାର ୨ ଏପ୍ରିଲ ୨୦୨୬, ଭୁବନେଶ୍ୱର

Thursday 2 April 2026, Bhubaneswar


# ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ସମାଧାନ କି?

ବିଶ୍ୱ ଅର୍ଥନୀତିରେ ଇନ୍ଧନ ସଙ୍କଟ ଏକ ଅନିବାର୍ଯ୍ୟ ସମସ୍ୟା ହୋଇ ରହିଛି। ଭାରତ ପରି ବିକାଶଶୀଳ ଦେଶ ଯାହାର କ୍ରୁଡ୍ ଅଏଲ୍ ଆମଦାନି ପ୍ରାୟ ୮୫ ପ୍ରତିଶତ ଅଟେ, ପେଟ୍ରୋଲ୍ ମୂଲ୍ୟ ବୃଦ୍ଧି, ବିଦେଶୀ ମୁଦ୍ରା ବ୍ୟୟ ଏବଂ ଶକ୍ତି ନିର୍ଭରତା ଏକ ବଡ଼ ଚିନ୍ତା ସୃଷ୍ଟି କରୁଛି। ଏହି



ପରିପ୍ରେକ୍ଷୀରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ (ଇଥାନଲ୍ ବ୍ଲେଣ୍ଡେଡ୍ ପେଟ୍ରୋଲ୍ ବା ଇବିପି) କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାର ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଗ୍ରହଣ କରିଛନ୍ତି। ଏପ୍ରିଲ୍ ୧, ୨୦୨୬ରୁ ଦେଶର ସମସ୍ତ ପେଟ୍ରୋଲ୍ ପମ୍ପରେ ଇ-୨୦ ଅର୍ଥାତ୍ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ବ୍ୟବହାର ହେବାକୁ ଯାଉଛି। ଏହା ଦ୍ୱାରା ପେଟ୍ରୋଲ୍ ସଙ୍କଟର ପୂର୍ଣ୍ଣ ସମାଧାନ କରିପାରିବ କି, ଏହା ଏବେ ଏକ ବଡ ବିତର୍କମୂଳକ ପ୍ରଶ୍ନ।

ଇଥାନଲ୍ ହେଉଛି ଏକ ନବୀକରଣୀୟ ବାୟୋଫ୍ୟୁଏଲ୍, ଯାହା ଆଖୁ ରସ, ଶସ୍ୟ, ଜୈବିକ ପଦାର୍ଥ ଏବଂ ଦ୍ୱିତୀୟ ପିଢ଼ିର ପ୍ରଯୁକ୍ତି (୨ଜି ଇଥାନଲ୍) ଦ୍ୱାରା ଉତ୍ପାଦିତ ହୁଏ। ଏହାକୁ ପେଟ୍ରୋଲ୍ ସହିତ ମିଶାଇ ବ୍ୟବହାର କରିବା ଦ୍ୱାରା କ୍ରୁଡ୍ ଅଏଲ୍ ଆମଦାନି ହ୍ରାସ ପାଏ ଏବଂ ଶକ୍ତି ସୁରକ୍ଷା ବଢ଼େ। ସରକାରୀ ତଥ୍ୟ ଅନୁଯାୟୀ, ଏହି କାର୍ଯ୍ୟକ୍ରମ ଯୋଗୁଁ ଭାରତ ୨୦୨୫ ମସିହାରେ ଲକ୍ଷ୍ୟ ପୂର୍ଣ୍ଣ କରିଛି ଏବଂ ପ୍ରାୟ ୪.୫ କୋଟି ବାରେଲ୍ କ୍ରୁଡ୍ ଆମଦାନି କମିଚି, ଯାହା ପ୍ରାୟ ୭୦୦ କୋଟି ଲିଟର ସମାନ। ଏହା ଦ୍ୱାରା ବିଦେଶୀ ମୁଦ୍ରା ସଞ୍ଚୟ ହୋଇଛି, କାର୍ବନ ନିର୍ଗମନ ହ୍ରାସ ପାଇଛି ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କହିବା ଅନୁଯାୟୀ, ଇଥାନଲ୍ ବ୍ଲେଣ୍ଡିଙ୍ଗ୍ ଯୋଗୁଁ ଦେଶ ବିଶ୍ୱ ସଙ୍କଟ ସମୟରେ ବହୁ ଅର୍ଥ ସଞ୍ଚୟ କରିଛି। ଓଡ଼ିଶାରେ ମଧ୍ୟ ବିପିସିଏଲ୍ ଦ୍ୱାରା ବାର୍ଗଡ଼ରେ ଦ୍ୱିତୀୟ ପିଢ଼ିର ବାୟୋଏଥାନଲ୍ ପ୍ଲାଣ୍ଟ ଖୋଲାଯାଇଛି, ଯାହା ରାଜ୍ୟର କୃଷି ଓ ଗ୍ରାମୀଣ ଅର୍ଥନୀତିକୁ ନୂଆ ଗତି ପ୍ରଦାନ କରିବ। ଏହା ପରିବେଶ ସୁରକ୍ଷା କରି କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ହ୍ରାସ କରୁଛି ଏବଂ ଉଚ୍ଚ ଅକ୍ଟେନ୍ ଯୋଗୁଁ ଆଧୁନିକ ଇଞ୍ଜିନରେ ଭଲ ପ୍ରଦର୍ଶନ ଦେଉଛି।

ତଥାପି ଏହା ପୂର୍ଣ୍ଣ ସମାଧାନ ନୁହେଁ। ପ୍ରଥମତଃ, ଇଥାନଲ୍ ଉତ୍ପାଦନ ପାଇଁ ଖାଦ୍ୟ ଶସ୍ୟ ବ୍ୟବହାର କରିବା ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପକାଇପାରେ। ଯଦିଓ ସରକାର ୨ଜି ଏଥାନଲ୍ ଉପରେ ଜୋର ଦେଉଛନ୍ତି ଏବଂ ଜୈବିକ ପଦାର୍ଥ ବ୍ୟବହାର କରୁଛନ୍ତି, ତଥାପି ପାଣି ଏବଂ ଜମିର ଅତ୍ୟଧିକ ବ୍ୟବହାର ଏକ ବଡ଼ ଚିନ୍ତା। ଦ୍ୱିତୀୟତଃ, ପୁରୁଣା ଯାନଗୁଡ଼ିକରେ ଇ-୨୦ ମିଶ୍ରଣ ଯୋଗୁଁ ମାଇଲେଜ୍ ହ୍ରାସ ଏବଂ ଇଞ୍ଜିନ୍ କ୍ଷୟ ହୋଇପାରେ। କେତେକ କମ୍ପାନୀ କିଟ୍ ପ୍ରଦାନ କରୁଛନ୍ତି କିନ୍ତୁ ଏହା ଅତିରିକ୍ତ ଖର୍ଚ୍ଚ ବଢ଼ାଉଛି। ତୃତୀୟତଃ, ଏହା କେବଳ ଆଂଶିକ ସହାୟତା ପ୍ରଦାନ କରୁଛି। ପେଟ୍ରୋଲ୍ ସଙ୍କଟର ପୂର୍ଣ୍ଣ ସମାଧାନ ପାଇଁ ଇଲେକ୍ଟ୍ରିକ୍ ଯାନ, ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍, ସୌର ଶକ୍ତି ଏବଂ ଅନ୍ୟାନ୍ୟ ନବୀକରଣୀୟ ଉତ୍ସର ବ୍ୟବହାର ଆବଶ୍ୟକ।

ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ଏକ ସକାରାତ୍ମକ ପଦକ୍ଷେପ ହୋଇଥିଲେ ମଧ୍ୟ ଏହା ଏକାକୀ ସଙ୍କଟର ସମାଧାନ ନୁହେଁ। ଏହା କୃଷକ, ଶିଳ୍ପ ଏବଂ ପରିବେଶକୁ ଲାଭ ପ୍ରଦାନ କରୁଛି ଏବଂ ଶକ୍ତି ସ୍ୱାବଲମ୍ବୀତାର ପଥ ପ୍ରଦର୍ଶନ କରୁଛି। ଓଡ଼ିଶା ପରି ରାଜ୍ୟରେ ଏହା ଗ୍ରାମୀଣ ଅର୍ଥନୀତିକୁ ମଜବୁତ୍ କରିବ ଏବଂ ନୂଆ ରୋଜଗାର ସୃଷ୍ଟି କରିବ। କିନ୍ତୁ ସଫଳତା ପାଇଁ ଅଧିକ ପ୍ରଯୁକ୍ତି ବିକାଶ, ଭିତ୍ତିଭୂମିର ଉନ୍ନତି ଏବଂ ଜନସଚେତନତା ଆବଶ୍ୟକ। ପେଟ୍ରୋଲ୍ ସଙ୍କଟର ସମାଧାନ କେବଳ ଗୋଟିଏ କାର୍ଯ୍ୟକ୍ରମରେ ସୀମିତ ନୁହେଁ, ଏହା ଏକ ସମଗ୍ର ଶକ୍ତି ନୀତିର ଅଂଶ। ଆମେ ଏହି ପଥରେ ଆଗୁଆ ହେବା ଉଚିତ୍ ଏବଂ ଏକ ସବୁଜ, ସ୍ୱାବଲମ୍ବୀ ଭାରତ ଗଢ଼ିବା ଉଚିତ୍।

# ଡା. କେଶବ ବଲୀରାମ ହେଡ଼ଗେୱାରଃ ଆରଏସ୍ଏସ୍‌ର ପ୍ରତିଷ୍ଠାତା



**ସୌର ଚନ୍ଦ୍ର ମହାପାତ୍ର**

ଭାରତୀୟ ସଂସ୍କୃତି, ପରମ୍ପରା ଓ ଆଦର୍ଶ ଅନୁଯାୟୀ ସଂଯୁକ୍ତ ଭାରତ ଗଢ଼ିବା ଲକ୍ଷ୍ୟରେ ମରାଠା ସ୍ୱାଧୀନତା ସଂଗ୍ରାମୀ, ଚିନ୍ତାନାୟକ ଡା.କେଶବ ବଲୀରାମ ହେଡ଼ଗେୱାର ୧୯୨୫ ରେ ନାଗପୁରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ଥାପନ କରିଥିଲେ। ସେ ହିଁ ଆରଏସ୍ଏସ୍‌ର ପ୍ରଥମ ସରସଂଘଚାଳକ ବା ମୁଖ୍ୟ ନେତା। ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ ଓ ବିନାୟକ ଦାମୋଦର ସାଭରକରଙ୍କ ସାମାଜିକ ଆଧ୍ୟାତ୍ମିକ ଚିନ୍ତାଧାରା ଆଧାରରେ ସେ ଆର୍ଏସ୍ଏସ୍‌ର ଦର୍ଶନ ବିକଶିତ କରିଥିଲେ। ଡା.ହେଡ଼ଗେୱାରଙ୍କ ପିତା ଥିଲେ ଜଣେ ସାଧାରଣ ରକ୍ଷଣଶୀଳ ପୂଜକ। ତେର ବର୍ଷ ବୟସରେ ପ୍ଲେଗରେ ଉଭୟ ପିତା ଓ ମାତାଙ୍କୁ ହରାଇ ସେ ଅନାଥ ହୋଇଥିଲେ। ତେବେ ଅତ୍ୟଧିକ ଆତ୍ମ-ସମ୍ମାନବୋଧ ଯୋଗୁଁ ଚଳିବା ପାଇଁ କାହା ପାଖରେ ହାତ ପତାଇ ନଥିଲେ କି କାହାର ସାହାଯ୍ୟ ଭିକ୍ଷା କରି ନଥିଲେ। ନାନା ସମସ୍ୟା ମଧ୍ୟରେ ବିଦ୍ୟାର୍ଥୀ ଜୀବନକୁ ଆଗକୁ ବଢ଼ିଥିଲା। ନାଗପୁରର ନୀଲ ସିଟି ହାଇ ସ୍କୁଲରେ ପଢ଼ୁଥିବା ବେଳେ ବ୍ରିଟିଶ ସରକାର ନିଷେଧାଦେଶ ସତ୍ତ୍ୱେ ସେ ବିଦ୍ୟାଳୟ ପରିସରରେ ବନ୍ଦେ ମାତରଂ ଗାନ କରି ବହିଷ୍କୃତ ହୋଇଥିଲେ। ତାହାପରେ ୟବତମାଲ ଓ ପୁଣେରେ ବିଦ୍ୟାଳୟ ଶିକ୍ଷା ସାରି ହିନ୍ଦୁ ମହାସଭାର ଜାତୀୟ ସଭାପତି ଡା.ବାଳକୃଷ୍ଣ ଶିବରାମ ମୁଂଜେଙ୍କ ସାହାଯ୍ୟରେ ଡାକ୍ତରୀ ପଢ଼ିବା ପାଇଁ କାଲକାତା ଯାଇଥିଲେ।

୧୯୧୫ରେ ଡାକ୍ତର ହୋଇ ଫେରିଥିଲେ ନାଗପୁର। ସେତେବେଳେ ଡା.ହେଡ଼ଗେୱାରଙ୍କ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିଲା। ସେ ଚିକିତ୍ସା ବ୍ୟବସାୟ ଦ୍ୱାରା ପରିବାରର ଆର୍ଥିକ ସ୍ଥିତି ସୁଧାରିବେ ବୋଲି ଭାଇମାନେ ଆଶା କରୁଥିଲେ। ତେବେ ସେ, ତାହା ନକରି ଜାତୀୟ କଂଗ୍ରେସର ବାଲ ଗଙ୍ଗାଧର ତିଲକ ଗୋଷ୍ଠୀରେ ଯୋଗ ଦେଇଥିଲେ। କଂଗ୍ରେସ ସହ ତାଙ୍କର ସମ୍ପର୍କ ଦୀର୍ଘସ୍ଥାୟୀ ହୋଇପାରି ନଥିଲା। ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ କଂଗ୍ରେସ ନେତା ଭାବେ ଦୁଇ ଦୁଇ ଥର ଜେଲ ଯାଇଥିଲେ ହେଁ ପରେ ଉକ୍ତ ଦଳ ସହ ସମ୍ପର୍କ ଛିନ୍ନ କରି ଡା.ମୁଂଜେଙ୍କ ପରାମର୍ଶରେ ଆରଏସ୍ଏସ୍ ଗଢ଼ିଥିଲେ। ଡା.ମୁଂଜେଙ୍କୁ ତାଙ୍କ ପ୍ରକୃତ ଗୁରୁ କୁହାଯାଏ। ଆରଏସ୍ଏସ୍ ସଂଗଠନ ତାଙ୍କ ସମୟରେ ବେଶ ସମ୍ପ୍ରସାରିତ ହୋଇପାରିଥିଲା। ୧୯୩୬ରେ ଏହାର ମହିଳା ଶଶଖା ଖୋଲିଥିଲା। ସ୍ୱୟଂ ସେବକମାନେ ଡା.ହେଡ଼ଗେୱାରଙ୍କୁ ଡକ୍ଟରଜୀ ସଂବୋଧିତ କରୁଥିଲେ। ୧୯୪୦ ବେଳକୁ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଯିବାରୁ ସେ ମାଧବ ସଦାଶିବ ଗୋଲୱାଲକରଙ୍କୁ ସଂରସଂଘଚାଳକର ଦାୟିତ୍ୱ ହସ୍ତାନ୍ତରିତ କରିବା ଆରମ୍ଭ କରିଥିଲେ। ଜୁନ୍ ୧୯୪୦ରେ ଡା. ହେଡ଼ଗେୱାରଙ୍କ ଦେହାନ୍ତ ପରେ ଗୋଲୱାଲକର ସରସଂଘଚାଳକ ଭାବେ ନିଯୁକ୍ତି ହୋଇଥିଲେ। ୧୮୮୯ ଏପ୍ରିଲ ଆଜିର ଦିନରେ ଡା. ହେଡ଼ଗେୱାର ଜନ୍ମ ହୋଇଥିଲେ।


**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ମୋବାଇଲ୍ଃ୯୪୩୭୦୦୪୪୭୬**
**'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼ି, ସେକ୍ଟର-୬, କଟକ**




# ଉତ୍କଳ ଦିବସର ଅନୁଚିନ୍ତା



**ଅଲେଖ ଚନ୍ଦ୍ର ସାମଲ**

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ସ୍ୱରୂପ ଆତ୍ମପ୍ରକାଶ କଲା। ଉତ୍କଳ ଦିବସ ନାମରେ ପରିଚିତ ଏପ୍ରିଲ ପହିଲା ହେଉଛି ଓଡ଼ିଆ ଜାତୀୟ ଜୀବନର ଅନେକ ସ୍ମୃତିକୁ ବହନ କରିଥିବା ଏକ ଐତିହାସିକ ଦିନ। ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୂର୍ତ୍ତି ଦିବସ। ବର୍ତ୍ତମାନ ୩୦ଟି ଜିଲ୍ଲାକୁ ନେଇ ଓଡ଼ିଶାର କ୍ଷେତ୍ରଫଳ ୧, ୫୫, ୭୦୭ ବର୍ଗ କିଲୋମିଟର। ଏହା ସତ୍ତ୍ୱେ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଯଥା ଝାଡ଼ଖଣ୍ଡର ମେଦିନୀପୁର, ଦାଲ୍ଭୁନ, ସିଂହଭୂମ, ବୀରଭୂମି, ରାଞ୍ଚି, ଷେଢ଼ଇକଳା ଓ ଖରସୁଆଁ ଆଦି ଓ ଛତିଶଗଡ଼ର ସରିଆ, ଚନ୍ଦ୍ରପୁର, ସୁରେଇପାଲି, ବାସନା ଆଦି ବହୁ ନିରୋଳା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଛି। ଏବେ ମଧ୍ୟ ସେସବୁ ଅଞ୍ଚଳରେ ପ୍ରାୟ ୭୦ ଲକ୍ଷ ଲୋକ ଭାଇଚାରା ସହ ସମୟ ଅତିବାହିତ କରୁଥିଲେ ମଧ୍ୟ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଞ୍ଚାଇରଖି ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ୁଛନ୍ତି, ରଜପର୍ବ ପାଳନ କରୁଛନ୍ତି, କୁମାରୀ ଝିଅମାନେ ଭାଇମାନଙ୍କ ମଙ୍ଗଳ କାମନା କରି ଖୁଦୁରୁକୁଣୀ ଓଷା କରୁଛନ୍ତି, ଘୋଡ଼ାନାଚ, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟରେ ନିଜକୁ ହଜାଇ ଦେଇ ଓଡ଼ିଆ ଭାଷା ଓ ସଂସ୍କୃତିର ଚିହ୍ନକୁ ଏପର୍ଯ୍ୟନ୍ତ ମଧ୍ୟ ଅକ୍ଷୁର୍ଣ୍ଣ ରଖିଛନ୍ତି। ତଥାପି ଆଜି ଅତୀତ ଉତ୍କଳର ସେ ଗୌରବମୟ ଇତିହାସ କଥା ମନେପଡ଼େ।

୧୮୦୩ ମସିହାରେ ବ୍ରିଟିଶମାନେ ମରହଟ୍ଟାଙ୍କଠାରୁ ଓଡ଼ିଶାର ଶାସନଭାର ଗ୍ରହଣ କଲେ। ଦୃଷ୍ଟିରୁ କେବଳ ଅବିଭକ୍ତ କଟକ, ପୁରୀ ଓ ବାଲେଶ୍ୱରକୁ ନିଜ ଶାସନାଧୀନରେ ରଖି ଦେଶୀୟ ରାଜ୍ୟମାନଙ୍କ ସହ ସ୍ୱତନ୍ତ୍ର ଚୁକ୍ତି କରିଥିଲେ। ଫଳତଃ ଓଡ଼ିଶାର ବିଭକ୍ତିକରଣ ପୂର୍ଣ୍ଣତା ଲାଭ କରିଥିଲା। ପରବର୍ତ୍ତୀ ସମୟରେ ବ୍ରିଟିଶମାନେ କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ରାଜ୍ୟ ସମୂହକୁ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରିଦେଲେ। ଉପରୋକ୍ତ ବିଭକ୍ତିକରଣ ଦ୍ୱାରା ଓଡ଼ିଆମାନେ ସୁଦୂର କଲକାତା, ମାନ୍ଦ୍ରାଜ ଓ ନାଗପୁର ଠାରୁ ଶାସିତ ବୃହତ୍ ପ୍ରଦେଶଗୁଡ଼ିକରେ ସଂଖ୍ୟାନ୍ୟୁନ ହୋଇଗଲେ। ଆମେ ଭୁଲିଗଲୁ ଆମ ଦାମ୍ଭିକତା ଓ ସ୍ୱାଭିମାନ। ଆଫଗାନ, ମୁସଲମାନ, ମରହଟ୍ଟା ଓ ଇଂରେଜ ଶାସନ ସମୟରେ ଏ ଜାତି କିଲବିଲ ହୋଇଯାଇଛି। ଅନେକ ସ୍ୱପ୍ନ ଓ ପ୍ରତାରଣାକୁ ପଥେୟ କରି ଆମକୁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡ଼ିଛି। ଓଡ଼ିଶାର ବିଭକ୍ତିକରଣ ଫଳରେ ପ୍ରାଦେଶିକ ସରକାରମାନେ ଓଡ଼ିଆ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦାସୀନ ହେଲେ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଚକ୍ରାନ୍ତକରି ସମୃଦ୍ଧ ଥିବା ଓଡ଼ିଆ ଭାଷାକୁ ସରକାରୀ ଦପ୍ତର, କଚେରି ଓ ବିଦ୍ୟାଳୟମାନଙ୍କୁ ବିଲୋପ କରାଗଲା। ସୁତରାଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଯଥାକ୍ରମେ ହିନ୍ଦୀ, ତେଲଗୁ ଓ ବଙ୍ଗଳା ଭାଷାର ପ୍ରଚଳନ ହେଲା। ପ୍ରଥମେ ମେଦିନୀପୁର ଓ ବାଙ୍କୁଡ଼ା ଅଞ୍ଚଳରୁ ୧୮୫୦ ମସିହାରୁ ୧୮୭୦ ମସିହା ମଧ୍ୟରେ ପ୍ରାୟ ୨୦ ବର୍ଷ ଭିତରେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିଦିଆଗଲା। ଏଥିରେ କୃତକାର୍ଯ୍ୟ ହେବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ଭାଷାକୁ ବିଲୋପ କରିବା ନିମନ୍ତେ ବିଧିବଦ୍ଧ ଉଦ୍ୟମ ହେଲା। ଏ ଦିଗରେ ସର୍ବପ୍ରଥମେ ନେତୃତ୍ୱ ନେଲେ ରାଜେନ୍ଦ୍ରଲାଲ ମିତ୍ର। ନିଆଁରେ ଘିଅ ଢ଼ାଳିଲା ଭଳି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ କାନ୍ତି ଭଟ୍ଟାଚାର୍ଯ୍ୟ। ସେ କହିଲେ, ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ। ଫକିରମୋହନ ସେନାପତି, ରାଧାନାଥ ରାୟ, ଗୌରୀଶଙ୍କର ରାୟ ପ୍ରମୁଖ ଓଡ଼ିଆ ଭାଷାର ପ୍ରାଚୀନତା ଓ ସ୍ୱତନ୍ତ୍ରତାର ପ୍ରମାଣ ଦେବା ପାଇଁ ପୁରୁଣା ତାଳପତ୍ର ପୋଥି ଉପସ୍ଥାପନ କଲେ।

ଭାଷା ଆନ୍ଦୋଳନରୁ ଓଡ଼ିଆ ଜାତୀୟତାର ଜନ୍ମ। ଏହିଠାରୁ ହିଁ ଜନ୍ମ ନେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବିଧିବଦ୍ଧ ଉଦ୍ୟମ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସବୁଶ୍ରେଣୀର ବ୍ୟକ୍ତି ଏବଂ ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନଙ୍କ ଦୀର୍ଘଦିନର ତପସ୍ୟା ଓ ସଂଗ୍ରାମର ଫଳ। ଏଥିରେ ବିଦ୍ୟମାନ ବିଭିନ୍ନ ସଂଗଠନ, ପତ୍ରପତ୍ରିକା, ବୁଦ୍ଧିଜୀବୀ, ସାହିତ୍ୟ ସାଧକ, ଜନନେତା, ରାଜା ଓ ଜମିଦାରଙ୍କ ଠାରୁ ଆରମ୍ଭ କରି ସାଧାରଣ ପ୍ରଜା ଓ ଉତ୍କଳ ହିତୈଷୀ, ଇଂରେଜ ପ୍ରଶାସକ ଏବଂ ବିଭିନ୍ନ ଅଣଓଡ଼ିଆ ବ୍ୟକ୍ତିବିଶେଷଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ। ମଧୁସୂଦନ ଦାସ ଓଡ଼ିଆ ଜାତୀୟତାର ଜନକ। ସେ ମୁମୂର୍ଷୁ ଓଡ଼ିଆ ପ୍ରାଣରେ ଭରିଦେଇଗଲେ ଜାତିପ୍ରେମ ବହ୍ନି। ଆଜି ଉତ୍କଳ ଦିବସ ପାଳନ ଅବସରରେ ସେହି ମହାପୁରୁଷଙ୍କ ସ୍ମୃତିଚାରଣ କରିବା ଓ ଆମ ଭାଷାକୁ ନେଇ ସ୍ୱାଭିମାନୀ ହେବାକୁ ପଡ଼ିବ। ସ୍ୱାଭିମାନୀ ଓଡ଼ିଆଙ୍କ ପାଇଁ ଭାଷା ଏକ ଆତ୍ମପରିଚୟ। ବିଦେଶୀମାନେ ଏ ରାଜ୍ୟକୁ ଓ ଭାଷାକୁ ଚିହ୍ନି ନଥିଲେ। ଏବେ ସୁଦ୍ଧା ଶାସ୍ତ୍ରୀୟମାନ୍ୟତା ଲାଭ କରିଥିବା ଭାଷା ମଧ୍ୟରେ ସଂସ୍କୃତକୁ ଛାଡ଼ି ଅନ୍ୟ ଚାରୋଟି ଭାଷା ହେଉଛି ଦ୍ରାବିଡ଼ ପରିବାରର ଭାଷା। ଭାରତବର୍ଷରେ ମୁଖ୍ୟତଃ ତିନୋଟି ବଡ଼ ଭାଷା ପରିବାର ଅଛି। ଗୋଟିଏ ସଂସ୍କୃତ ଭାଷା ପରିବାର, ଗୋଟିଏ ଦ୍ରାବିଡ଼ ଭାଷା ପରିବାର ଓ ଅନ୍ୟଟି ଅଷ୍ଟ୍ରିକ ଭାଷା ପରିବାର। ପ୍ରଥମ ଭାଷା ପରିବାରର ଭାଷା ଭାବେ ଓଡ଼ିଆ ପରିଚିତ। ଆମ ପୂର୍ବସୂରୀଙ୍କ କଥା ଓ ଗାଥା ଯେତେ ବଖାଣିଲେ ମଧ୍ୟ ଅସରା ଲାଗେ। ସେମାନେ ଥିଲେ ବୀର, ଯୋଦ୍ଧା ଓ ସାହସୀ, ଯାହା କଳିଙ୍ଗ ଯୁଦ୍ଧ ଓ ପାଇକ ବିଦ୍ରୋହରୁ ଇତିହାସ ପ୍ରମାଣ କରେ। ରାଜାରାଜୁଡ଼ା ଶାସନ କାଳେ ବହୁ ବ୍ୟକ୍ତିଙ୍କ ପାଣ୍ଡିତ୍ୟ ଓଡ଼ିଆ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେବା ସଙ୍ଗେ ସଙ୍ଗେ ଆମ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଯଦି ସାରଳା ଦାସ, ଫକିରମୋହନ ସେନାପତି, ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସଙ୍କ ପରି ବ୍ୟକ୍ତିତ୍ୱ ନଥାନ୍ତେ, ତାହେଲେ ଓଡ଼ିଆଙ୍କ ପରିଚୟ ଆଜି କ'ଣ ହୋଇଥାନ୍ତା, ତାହା ସହଜରେ ଅନୁମେୟ। ଆଜି ଉତ୍କଳ ଦିବସ ପରିପ୍ରେକ୍ଷୀରେ ଏହା ସାରା ଓଡ଼ିଶାବାସୀଙ୍କ ଚିନ୍ତନ ହେବା ବିଧେୟ।


**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷଃ୯୪୩୭୨୫୭୧୨୩**


# କାହା ପାଇଁ ଆଉ କାହିଁକି ବଞ୍ଚିବା ?



**ଡକ୍ଟର ଲକ୍ଷ୍ମଣ ସାହୁ**

ସମସ୍ତେ କାହା ପାଇଁ ବଞ୍ଚନ୍ତି, କିନ୍ତୁ ନିଜ ପାଇଁ ନୁହେଁ ! ଆମେ ଅନ୍ୟମାନଙ୍କ ପାଇଁ ସମୟ, ଧ୍ୟାନ ଓ ସମ୍ମାନ ଆଶା କରୁ। କିନ୍ତୁ ନିଜକୁ ସମୟ ଦେବାକୁ ଭୁଲିଯାଉ। ଯଦି ନିଜ ଭିତରକୁ ଦେଖିବାକୁ ଯାଉ, ତେବେ ଜୀବନର ଅର୍ଥ ସ୍ପଷ୍ଟ ହୋଇଯିବ। ତେଣୁ ନିଜ ପାଇଁ ମଧ୍ୟ ବଞ୍ଚିବା ଶିଖ। ଆମେ ପ୍ରକୃତି ଉପରେ କାହିଁକି ବା ଅଭିଯୋଗ କରିବା ? ପ୍ରକୃତି ଆମକୁ ଏକ ଉଦାର ଓ ପ୍ରଚୁର ଜୀବନ ଦେଇଛି। ପ୍ରକୃତରେ ଯଦି ବୁଦ୍ଧିମାନ ଓ ଧ୍ୟାନର ସହିତ ବଞ୍ଚିବା କିଭଳି ଶିଖିଥାଉ, ତେବେ ଜୀବନ ଦୀର୍ଘ ପାଲଟିଯାଏ। କିନ୍ତୁ ମଣିଷ ନିଜେ ନିଜର ମୂର୍ଖତା ଓ ଦୁର୍ବଳତା ଯୋଗୁଁ ନିଜକୁ ଛୋଟ କରିଦିଏ। କେତେକ ଅସୀମ ଲୋଭ ଫାଶରେ ଫସିଯାଆନ୍ତି। ମୋହମାୟା ପଛରେ ସମୟ ନଷ୍ଟ କରନ୍ତି ଯାହାର କୌଣସି ଗୁରୁତ୍ୱ ନାହିଁ। ଆଉକେତେକ ମଦ୍ୟପାନ ନିଶାରେ ଆନନ୍ଦରେ ଲିପ୍ତ ହୋଇ ନିଜର ଇନ୍ଦ୍ରିୟ ହରାଇ ବସନ୍ତି।

ଯାହା ଫଳରେ ସେମାନେ ଆଳସ୍ୟ ଦ୍ୱାରା ନିଜର ସମ୍ଭାବନାକୁ ନଷ୍ଟ କରନ୍ତି। ଆଉ କେତେକ ଅନ୍ୟମାନଙ୍କ ଅନୁମୋଦନ ଓ ବିଚାର ଉପରେ ନିର୍ଭର କରୁଥିବା ଉଚ୍ଚାକାଂକ୍ଷାର ଜାଲରେ ଫସିଯାଆନ୍ତି। ସେମାନେ ନିଜ ପାଇଁ ନୁହେଁ, ବରଂ ଅନ୍ୟମାନଙ୍କ ଦୃଷ୍ଟିରେ ମହାନ ହେବା ପାଇଁ ବଞ୍ଚନ୍ତି। ସେମାନେ ଦୂରଦୂରାନ୍ତକୁ ଭ୍ରମଣ କରନ୍ତି, ବାଣିଜ୍ୟ ଓ ଲାଭ ପାଇଁ ସମୁଦ୍ର ଓ ସ୍ଥଳ ପାର ହୋଇ ଯାତ୍ରା କରନ୍ତି। ତଥାପି ସେମାନଙ୍କ ଭିତରେ ଶାନ୍ତିର ଅଭାବ ରହିଥାଏ। ସେମିତି କେତେକ ଅହଂବାଦୀ ଲାଗିଥିବା ଯୁଦ୍ଧରେ ଆକ୍ରାନ୍ତ, ସର୍ବଦା ଅନ୍ୟମାନଙ୍କୁ ବିପଦରେ ପକାଇବାକୁ ଚେଷ୍ଟା କରନ୍ତି କିମ୍ବା ନିଜ ବିପଦରେ ବ୍ୟସ୍ତ ରୁହନ୍ତି। ଆଉ କେତେକ ନିମ୍ନସ୍ତର ତଳ ପାହାଚ ବ୍ୟକ୍ତି ଉଚ୍ଚ କ୍ଷମତା ଓ ଶକ୍ତିଶାଳୀଙ୍କ ସେବା କରି ନିଜ ଜୀବନ ବିତାଇ ଦିଅନ୍ତି। ଯେଉଁଠାରେ ସେମାନଙ୍କୁ ନା ସମ୍ମାନ ମିଳେ ନା ସନ୍ତୋଷ, ତଥାପି କେବଳ ବଞ୍ଚିବା ପାଇଁ ଲୁହ ଢାଳି ସେମାନଙ୍କ ପାଖରେ ନିର୍ଯ୍ୟାତନା ସହି ମଧ୍ୟ ପଡ଼ିରହିଥାନ୍ତି। ଅନେକ ଅନ୍ୟମାନଙ୍କ ସଫଳତା ପଛରେ ଗୋଡ଼ାଉଛନ୍ତି, ଯେତେବେଳେ ଅନ୍ୟମାନେ ନିଜର ବିଫଳତା ପାଇଁ ଦୁଃଖ କରନ୍ତି। ଏପରି ଲୋକଙ୍କ ଜୀବନରେ ଏକ ସ୍ପଷ୍ଟ ଉଦ୍ଦେଶ୍ୟ ନାହିଁ। ସେମାନେ ଚଞ୍ଚଳ, ଅସ୍ଥିର ଓ ଅସନ୍ତୁଷ୍ଟ, ନିରନ୍ତର ନୂତନ ଯୋଜନାରେ ବ୍ୟସ୍ତ ରହିଥାନ୍ତି। ତେଣୁ ସେମାନେ ପ୍ରକୃତରେ ସେମାନଙ୍କ ଜୀବନ ବଞ୍ଚନ୍ତି ନାହିଁ, ବରଂ କେବଳ ସମୟ ଅତିବାହିତ କରନ୍ତି।

ଜଣେ ଦାର୍ଶନିକ କବି କହିଛନ୍ତି, 'ଜୀବନର ଯେଉଁ ଅଂଶ ଆମେ ସଚେତନ ଓ ଅର୍ଥ ସହିତ ବଞ୍ଚୁଛୁ ତାହା ସତ୍ୟ; ବାକି କେବଳ ସମୟର ଏକ ବିଚ୍ଛେଦ।' ଆମର ଦୁର୍ଗତି, ଦୁର୍ଭାଗ୍ୟ ଯେ ଇଚ୍ଛା ଆମକୁ ଘେରି ରହିଛି। ସେମାନେ ଆମକୁ ସତ୍ୟରୁ ଉପରକୁ ଉଠିବାକୁ ଓ ଦେଖିବାକୁ ଦିଅନ୍ତି ନାହିଁ ବରଂ ଆମକୁ ସେମାନଙ୍କର ଶିକୁଳିରେ ବାନ୍ଧି ରଖନ୍ତି। ଏହା କେବଳ ସେମାନଙ୍କ କ୍ଷେତ୍ରରେ ନୁହେଁ ଯେଉଁମାନେ ଦୁଃଖୀ ସେହି ମାନଙ୍କ ପାଇଁ ଏହା ଘଟିଥାଏ। ଯେଉଁମାନେ ସଫଳତାର ଶୀର୍ଷରେ ଓ ସମୃଦ୍ଧିରେ ପ୍ରଶଂସିତ ହୁଅନ୍ତି ସେମାନଙ୍କୁ ଦେଖନ୍ତୁ। ସେମାନେ ମଧ୍ୟ ନିଜସ୍ୱ ମହିମା ଦ୍ୱାରା ଭାରାକ୍ରାନ୍ତ। ସେମାନଙ୍କୁ ଧନ, ଖ୍ୟାତି, କ୍ଷମତା ପ୍ରଦର୍ଶନର ଇଚ୍ଛା କ୍ଲାନ୍ତ କରିଦିଏ। ଏପରି କିଛି ଲୋକ ଖୁସି ପଛରେ ଦୌଡ଼ି ଭିତରେ ଶୂନ୍ୟ ହୋଇଯାଆନ୍ତି।

ସତରେ ସମସ୍ତେ କାହା ପାଇଁ ବଞ୍ଚନ୍ତି, କିନ୍ତୁ ନିଜ ପାଇଁ ନୁହଁନ୍ତି। କେହି ନିଜ ଜୀବନର ମାଲିକ ନୁହଁନ୍ତି। କିଛି ଲୋକ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କ ଠାରୁ ସମୟ ଓ ଧ୍ୟାନ ଆଶା କରନ୍ତି। କିନ୍ତୁ ନିଜକୁ ଥରେ ଅନ୍ୟ ଲାଗି ସମୟ ଦେବାକୁ ଭୁଲିଯାଆନ୍ତି। ସତ୍ୟ ହେଉଛି ଆମେ ଅନ୍ୟମାନଙ୍କ ଠାରୁ ନୁହେଁ, ବରଂ ନିଜ ଠାରୁ ଦୂରେଇ ଯାଇଛୁ। ଯଦି ଆମେ ନିଜ ଭିତରକୁ ଦେଖି ଶିଖିବା, ତେବେ ନିଜକୁ ବୁଝିବା ଓ ଶୁଣିବା ସ୍ପଷ୍ଟ ହୋଇଯିବ। ଯଦି ଆମେ ବୁଝିବା ଆରମ୍ଭ କରିବା ତେବେ ଜୀବନର ପ୍ରକୃତ ଅର୍ଥ ଆମ ସମ୍ମୁଖରେ ଆପେ ଆପେ ଦେଖାଯିବ। ଜୀବନ କ୍ଷଣିକ, ପାଣି ଫୋଟକା ସଦୃଶ୍ୟ, ତେଣୁ ଜୀବନ ନଷ୍ଟ କର ନାହିଁ।

ପ୍ରକୃତି ଜୀବନକୁ ଅଧିକ ସୁନ୍ଦର ଓ ଅର୍ଥପୂର୍ଣ୍ଣ କରିଛି, କିନ୍ତୁ ମଣିଷ ଏହାକୁ ନିଜର ଇଚ୍ଛା, ଲୋଭ ଓ ଅସ୍ଥିରତାରେ ନଷ୍ଟ କରେ। ଯେଉଁମାନେ ନିଜକୁ ବୁଝିବାକୁ ଶିଖନ୍ତି ସେମାନେ ହିଁ ପ୍ରକୃତରେ ଜୀବନ ବଞ୍ଚନ୍ତି। କାରଣ ପ୍ରକୃତ ଜୀବନ ହେଉଛି ଯେଉଁଥିରେ ଆମେ ନିଜ ଭିତରକୁ ଦେଖି ଶାନ୍ତି ପାଉଛେ। ତେଣୁ ଉଦ୍ଦେଶ୍ୟ ଓ ଆତ୍ମ-ସାକ୍ଷାତ ହାସଲ କରନ୍ତୁ। ସତ୍ୟର ଯାତ୍ରାରେ ଆଗକୁ ଆଗେଇ ଚାଲନ୍ତୁ। କାରଣ ସତ୍ୟର ସନ୍ଧାନ ମଣିଷର କୌତୁହଳ ପରି ପୁରୁଣା। ଆକାଶରେ ଝଲସୁଥିବା ତାରାଗୁଡ଼ିକୁ ଦେଖିବା, ନଦୀର ପ୍ରବାହକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିବା ଓ ଅଗଣିତ ପ୍ରାକୃତିକ ଘଟଣାଗୁଡ଼ିକୁ ଦେଖିବା ଦ୍ୱାରା, ମଣିଷ ମନରେ ସର୍ବଦା ଏହି ପ୍ରଶ୍ନ ଉଠୁଛି । ଏ ଜଗତରେ କୌଣସି ପରମ ସତ୍ୟ ଅଛି କି ? ବିଜ୍ଞାନ ହେଉଛି ଏହି କୌତୁହଳର ସଂଗଠିତ ଓ ଯୁକ୍ତିଯୁକ୍ତ ପ୍ରକାଶ। ତଥାପି ବିଜ୍ଞାନର ଇତିହାସ ପ୍ରକାଶ କରେ ଯେ ବିଜ୍ଞାନ ପରମ ସତ୍ୟର ଘୋଷଣା ଅପେକ୍ଷା ନିରନ୍ତର ଆବିଷ୍କାରର ଏକ ପ୍ରକ୍ରିୟା ଓ ମାଧ୍ୟମ।

ବିଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗୁଣ ହେଉଛି ଏହା କୌଣସି ଜ୍ଞାନକୁ ଶେଷ ମନେ କରେ ନାହିଁ। ଏହା ପ୍ରମାଣ ଓ ପରୀକ୍ଷଣ ମାଧ୍ୟମରେ ପ୍ରତ୍ୟେକ ତତ୍ତ୍ୱ, ନିୟମ ଓ ନିଷ୍କର୍ଷକୁ ପରୀକ୍ଷା କରେ। ଏହି କାରଣରୁ ଆଜି ବିଜ୍ଞାନରେ ଯାହା ପ୍ରତିଷ୍ଠିତ ବୋଲି ବିବେଚନା କରାଯାଏ ତାହା ଭବିଷ୍ୟତରେ ନୂତନ ପ୍ରମାଣ ସାମ୍ନାରେ ପରିବର୍ତ୍ତନ ହୋଇପାରେ। ଏହି ଅର୍ଥରେ ବିଜ୍ଞାନରେ ସତ୍ୟ ଏକ ସ୍ଥିର ଧାରଣା ନୁହେଁ ବରଂ ଏକ ବିକଶିତ ଧାରଣା।

ଇତିହାସରେ ଅନେକ ଉଦାହରଣ ଏହି ସତ୍ୟକୁ ବୁଝାଏ। ପ୍ରାଚୀନ କାଳରେ ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ର ଥିଲା ଓ ସୂର୍ଯ୍ୟ ଓ ଅନ୍ୟାନ୍ୟ ଗ୍ରହଗୁଡ଼ିକ ଏହା ଚାରିପାଖରେ ଘୂରୁଥିବା ବିଶ୍ୱାସକୁ ଗ୍ରହଣ କରାଯାଇଥିଲା। ପରେ ଜ୍ୟୋତିର୍ବିଜ୍ଞାନ ଅଧ୍ୟୟନ ଓ ଗଣନା ଉପରେ ଆଧାର କରି, ଏହା ପ୍ରମାଣିତ ହୋଇଥିଲା ଯେ ପୃଥିବୀ ନୁହେଁ, ସୂର୍ଯ୍ୟ କେନ୍ଦ୍ରରେ ଥିଲେ ଓ ପୃଥିବୀ ସମେତ ଅନ୍ୟାନ୍ୟ ଗ୍ରହଗୁଡ଼ିକ ଏହାର ଚାରିପାଖରେ ଘୂରୁଥିଲେ। ଏହି ପରିବର୍ତ୍ତନ ମାନବ ଜ୍ଞାନ ପାଇଁ ଏକ ଖେଳ ପରିବର୍ତ୍ତକ ଥିଲା । ନୂତନ ଅନ୍ତର୍ଦୃଷ୍ଟି ଆଧାରରେ ଏହି ଆବିଷ୍କାର ସ୍ପଷ୍ଟ କରିଥିଲା ଯେ ପ୍ରତିଷ୍ଠିତ ବୈଜ୍ଞାନିକ ନୀତି ମଧ୍ୟ ପରିବର୍ତ୍ତନ ହୋଇପାରେ।

ସେହିପରି ଗତି ବା ବେଗ ସମ୍ପର୍କରେ, ନ୍ୟୁଟନଙ୍କ ଗତି ନିୟମକୁ ଦୀର୍ଘ ସମୟ ଧରି ପ୍ରକୃତିର ଚରମ ନିୟମ ଭାବରେ ଦେଖାଯାଉଥିଲା। ଯାହା ବସ୍ତୁଗୁଡ଼ିକର ଗତି, ଗ୍ରହଗୁଡ଼ିକର କକ୍ଷପଥ ଓ ଯାନ୍ତ୍ରିକତାର ଅନେକ ନୀତି ବ୍ୟାଖ୍ୟା କରିବାରେ ଉଲ୍ଲେଖନୀୟ ସଫଳତା ପାଇଥିଲା। ତଥାପି ବିଂଶ ଶତାବ୍ଦୀରେ ଆଲବର୍ଟ ଆଇନଷ୍ଟାଇନ୍ ଆପେକ୍ଷିକତା ତତ୍ତ୍ୱ ପ୍ରଚଳନ କଲେ। ଯାହା ଦର୍ଶାଇଦେଲା ଯେ ପରିସ୍ଥିତିରେ ନ୍ୟୁଟନଙ୍କ ନିୟମ ଉଚ୍ଚ ବେଗ କିମ୍ବା ଅତ୍ୟଧିକ ଗୁରୁତ୍ୱାକର୍ଷଣ ସମ୍ପୂର୍ଣ୍ଣ ପର୍ଯ୍ୟାପ୍ତ ନୁହେଁ। ଏହାର ଅର୍ଥ ନୁହେଁ ଯେ ନ୍ୟୁଟନଙ୍କ ନିୟମ ଭୁଲ ଥିଲା, ବରଂ ସେଗୁଡ଼ିକ କେବଳ ଏକ ନିର୍ଦ୍ଦିଷ୍ଟ ପରିମାଣରେ ପ୍ରଯୁଜ୍ୟ ଥିଲା।

ସେହିପରି ଯେତେବେଳେ ବୈଜ୍ଞାନିକମାନେ ପରମାଣୁ ଓ ଆହୁରି ଛୋଟ କଣିକାର ଜଗତକୁ ବୁଝିବାକୁ ଚେଷ୍ଟା କଲେ, ସେମାନେ ଆବିଷ୍କାର କଲେ ଯେ ଅଣୁବୀକ୍ଷଣ ସ୍ତରରେ ପ୍ରକୃତିର ଆଚରଣ ଆମର ସାଧାରଣ ଅଭିଜ୍ଞତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହି କ୍ଷେତ୍ରକୁ ବ୍ୟାଖ୍ୟା କରିବା ପାଇଁ କ୍ୱାଣ୍ଟମ୍ ମେକାନିକ୍ସ ବିକଶିତ ହୋଇଥିଲା। ଏହି ତତ୍ତ୍ୱ ଦର୍ଶାଇଥିଲା ଯେ ଅଣୁବୀକ୍ଷଣ ଜଗତରେ କଣିକାଗୁଡ଼ିକ ସମ୍ଭାବ୍ୟତା ଭାବରେ କାର୍ଯ୍ୟ କରନ୍ତି। କେତେକ ସମୟରେ ସମାନ କଣିକା ଏକ ତରଙ୍ଗ ଓ ଏକ କଣିକା ଉଭୟ ଭାବରେ କାର୍ଯ୍ୟ କରିପାରିବେ। ଏହି ଧାରଣା ପାରମ୍ପରିକ ପଦାର୍ଥ ବିଜ୍ଞାନଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ।

ବିଜ୍ଞାନ ଏଭଳି ବୁଝାମଣାକୁ ଏକ ନୂତନ ଦିଗ ଦେଇଥିଲା। ରସାୟନ ବିଜ୍ଞାନରେ ମଧ୍ୟ, ଚାରୋଟି ଉପାଦାନଃ ପୃଥିବୀ, ଜଳ, ବାୟୁ ଓ ଅଗ୍ନିକୁ ଥରେ ପଦାର୍ଥର ମୂଳ ଭିତ୍ତି ଭାବରେ ବିବେଚନା କରାଯାଉଥିଲା। ପରେ ପରୀକ୍ଷା ଓ ବିଶ୍ଳେଷଣରୁ ଜଣାପଡ଼ିଲା ଯେ ପଦାର୍ଥ ଅଗଣିତ ଉପାଦାନ ଓ ପରମାଣୁରେ ଗଠିତ। ଆଜି ଆଧୁନିକ ରସାୟନ ବିଜ୍ଞାନରେ ଉପାଦାନଗୁଡ଼ିକୁ ପର୍ଯ୍ୟାୟ ସାରଣୀ ମାଧ୍ୟମରେ ବର୍ଗୀକୃତ କରାଯାଇଛି। ଯାହା ପଦାର୍ଥର ଗଠନ ବ୍ୟାଖ୍ୟା କରିବା ପାଇଁ ଏକ ବୈଜ୍ଞାନିକ ଆଧାର ପ୍ରଦାନ କରିଛି। ଜୀବବିଜ୍ଞାନରେ ସତ୍ୟ ଖୋଜିବାର ସମାନ ପ୍ରକ୍ରିୟା ଦୃଶ୍ୟମାନ। ଥରେ ବିଶ୍ୱାସ କରାଯାଉଥିଲା ଯେ ଜୀବ ପ୍ରଜାତି ସ୍ଥିର ଓ ଅପରିବର୍ତ୍ତନୀୟ।

ତଥାପି ଉନବିଂଶ ଶତାବ୍ଦୀରେ ଚାର୍ଲ୍ସ ଡାରୱିନ୍ ବିବର୍ତ୍ତନ ତତ୍ତ୍ୱ ଉପସ୍ଥାପନ କରିଥିଲେ। ଯାହା ଦର୍ଶାଇଥିଲା ଯେ ଜୀବ ପ୍ରଜାତି ସମୟ ସହିତ ପରିବର୍ତ୍ତନ ହୁଏ। ଏହି ତତ୍ତ୍ୱ ଜୀବବିଜ୍ଞାନର ବୁଝାମଣାକୁ ମୌଳିକ ଭାବରେ ପରିବର୍ତ୍ତନ କରିଥିଲା। ଜୀବନର ବିବିଧତାକୁ ବ୍ୟାଖ୍ୟା କରିବା ପାଇଁ ଏକ ବୈଜ୍ଞାନିକ ଆଧାର ପ୍ରଦାନ କରିଥିଲା। ପ୍ରକୃତରେ ବିଜ୍ଞାନରେ ସତ୍ୟ ଏକ ସ୍ଥିର କିମ୍ବା ଅନ୍ତିମ ଅବସ୍ଥା ନୁହେଁ। ବିଜ୍ଞାନ ଏକ ନିରନ୍ତର ବିକଶିତ ପ୍ରକ୍ରିୟା, ଯେଉଁଥିରେ ନୂତନ ପରୀକ୍ଷଣ, ନୂତନ ପ୍ରଯୁକ୍ତିବିଦ୍ୟା ଓ ନୂତନ ଆବିଷ୍କାର ପୁରୁଣା ଧାରଣାକୁ ନିରନ୍ତର ଚ୍ୟାଲେଞ୍ଜ କରେ। ବିଜ୍ଞାନର ଏହି ବୈଶିଷ୍ଟ୍ୟ ଏହାକୁ ଅନ୍ୟ ଜ୍ଞାନ ପ୍ରଣାଳୀଠାରୁ ପୃଥକ କରିଥାଏ। ଯେତେବେଳେ ବିଚାରଧାରା ସେମାନଙ୍କର ତତ୍ତ୍ୱକୁ ଅନ୍ତିମ ଓ ଅପରିବର୍ତ୍ତନୀୟ ବୋଲି ମାନିଥାଏ, ବିଜ୍ଞାନ ଏହାର ସୀମାକୁ ସ୍ୱୀକାର କରେ।

ବିଜ୍ଞାନର ପ୍ରକୃତ ମୂଳ ହେଉଛି ପରମ ସତ୍ୟକୁ ପ୍ରତିପାଦନ କରିବା ନୁହେଁ, ବରଂ ପ୍ରକୃତିର ନିୟମଗୁଡ଼ିକୁ କ୍ରମଶଃ ଅଧିକ ସ୍ପଷ୍ଟତା ଓ ସଠିକତା ସହିତ ବ୍ୟାଖ୍ୟା କରିବା। ପ୍ରତ୍ୟେକ ନୂତନ ଆବିଷ୍କାର ଏହି ପଥକୁ ଆଗକୁ ବଢ଼ାଏ। ଉଦାହରଣ ସ୍ୱରୂପ ଆଧୁନିକ ଜ୍ୟୋତିର୍ବିଜ୍ଞାନ ଏବେ ବି ସୌରଜଗତର ଉତ୍ପତ୍ତି, ଅନ୍ଧକାର ପଦାର୍ଥ ଓ ଅନ୍ଧକାର ଶକ୍ତି ଭଳି ରହସ୍ୟଗୁଡ଼ିକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରୁଛି। ଏସବୁ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ନୁହେଁ, କିନ୍ତୁ ବୈଜ୍ଞାନିକ ଗବେଷଣା ଅବିରତ ଜାରି ରହିଛି। ଏହି ପରିପ୍ରେକ୍ଷୀରେ, ବିଜ୍ଞାନକୁ ଏକ ଅନନ୍ତ ଯାତ୍ରା ଭାବରେ ଦେଖାଯାଇପାରେ। ଏହି ଯାତ୍ରା ପ୍ରଶ୍ନ ସହିତ ଆରମ୍ଭ ହୁଏ, ପରୀକ୍ଷଣ ମାଧ୍ୟମରେ ଅଗ୍ରଗତି କରେ ଓ ନୂତନ ନିଷ୍କର୍ଷରେ ପହଞ୍ଚିଥାଏ। ପ୍ରତ୍ୟେକ ନିଷ୍କର୍ଷ ନୂତନ ପ୍ରଶ୍ନକୁ ଜନ୍ମ ଦିଏ। ତେଣୁ ଜ୍ଞାନର ଏହି ପ୍ରକ୍ରିୟା କେବେ ଶେଷ ହୁଏ ନାହିଁ।

ଏଣୁ କୁହାଯାଇପାରେ ବିଜ୍ଞାନ ପରମ ସତ୍ୟର ଧାରଣାକୁ ଆବିଷ୍କାର କରିବାର ପ୍ରକ୍ରିୟା ପରି ଗୁରୁତ୍ୱପୂର୍ଣ୍ଣ ନୁହେଁ। ବିଜ୍ଞାନ ଆମକୁ ଶିଖାଏ ଯେ ଜ୍ଞାନର ପଥ ଖୋଲା ରହିବା ଉଚିତ୍। ପ୍ରଶ୍ନ କରିବାର ସ୍ୱାଧୀନତା ରହିବା ଉଚିତ୍ ଓ ନୂତନ ପ୍ରମାଣ ସାମ୍ନାରେ ପୁରୁଣା ଧାରଣାକୁ ପରିବର୍ତ୍ତନ କରିବାର ସାହସ ଆମ ପାଖରେ ରହିବା ଉଚିତ୍। ଏହା ହେଉଛି ବୈଜ୍ଞାନିକ ଆଭିମୁଖ୍ୟ ଓ ଏହା ହେଉଛି ସେହି ଶକ୍ତି ଯାହା ମାନବ ସଭ୍ୟତାକୁ ନିରନ୍ତର ଭାବେ ଅଜ୍ଞତାରୁ ଜ୍ଞାନ ଆଡ଼କୁ ଠେଲି ଦେଇଛି। ଯଦି ପ୍ରଶ୍ନ ଉଠେ ବିଜ୍ଞାନରେ ପରମ ସତ୍ୟ କ'ଣ ? ତେବେ ଉତ୍ତର ହେବ ଯେ ବିଜ୍ଞାନରେ ପରମ ସତ୍ୟ ଏକ ସ୍ଥିର ବିନ୍ଦୁ ନୁହେଁ, ବରଂ ସତ୍ୟର ନିରନ୍ତର ସନ୍ଧାନ, ଏହାର ପ୍ରକୃତ ସ୍ୱଭାବ। ଏହି ସନ୍ଧାନ ମାନବ ବୁଦ୍ଧିକୁ ଆଗକୁ ବଢ଼ାଏ ଓ ଧୀରେ ଧୀରେ ପ୍ରକୃତିର ଗଭୀରତମ ରହସ୍ୟ ଗୁଡ଼ିକୁ ଖୋଲିଥାଏ।

ଆନାଏସ୍ ନିଭ୍ ଦୃଷ୍ଟିରୁ ବାସ୍ତବରେ ବୈଜ୍ଞାନିକ ଅନୁଶୀଳନରେ ଜୀବନର ପ୍ରକୃତ ରହସ୍ୟ ହେଉଛି ଏହାକୁ ଏପରି ଭାବରେ ବଞ୍ଚିବା ଯେପରି ଆମେ କାଲି ଅଛୁ କି ନାହିଁ ଯେତେବେଳେ ଆମେ ଏପରି ଭାବୁ, ଆମେ କାମକୁ ଅସମାପ୍ତ ଛାଡି ନଥାଉ, ସମ୍ପର୍କକୁ ଅଣଦେଖା କରୁ ଓ ପ୍ରତ୍ୟେକ ମୁହୂର୍ତ୍ତକୁ ପୂର୍ଣ୍ଣ ଭାବରେ ବଞ୍ଚୁ।

ଆସନ୍ତାକାଲିର କୌଣସି ଭରସା ନାହିଁ। ଆମେ ସମସ୍ତେ ପ୍ରାୟତଃ ଏକ ନିରାପଦ ଓ ସୀମିତ ବୃତ୍ତରେ ରହୁଛେ, ନିଜ ଚାରିପାଖରେ ଏକ କ୍ଷଣ ଭଙ୍ଗୁର ଆବରଣ ତିଆରି କରୁଛେ। ଧରି ନେଉଛେ ଏହାହିଁ ଆମ ଜୀବନ। ତା'ପରେ ହଠାତ୍ ଆମେ ଜୀବନ ଯାତ୍ରାରେ ପୁସ୍ତକ ପଢ଼ି ଆମେ ଅନୁଭବ କରୁ ଯେ ଆମେ ପ୍ରକୃତରେ ଜୀବିତ କେବଳ ନୁହଁ, ବରଂ ଆମେ ଏକ ସୁପ୍ତ ଅବସ୍ଥାରେ ଅଛୁ। ଏହି ଅବସ୍ଥାର ଲକ୍ଷଣଗୁଡ଼ିକୁ ବୁଝିବା ବହୁତ ସହଜ। ପ୍ରଥମ ଲକ୍ଷଣ ହେଉଛି ଅସ୍ଥିରତା। ଦ୍ୱିତୀୟ ଅଧିକ ଗମ୍ଭୀର ଲକ୍ଷଣ ହେଉଛି ଜୀବନରେ ଖୁସିକୁ ହରାଇବା। ଏହି ପରିସ୍ଥିତି ସରଳ ମନେହୁଏ, କିନ୍ତୁ ଧୀରେ ଧୀରେ ଏହା ବିପଦପୂର୍ଣ୍ଣ ହୋଇଯାଏ। ଏକ ଏକରକମ ଜୀବନ, ନିରନ୍ତର ବିରକ୍ତି ଓ ଉତ୍ସାହର ଅଭାବ, ଏସବୁ ମିଶି ଜଣେ ବ୍ୟକ୍ତିକୁ ଭିତରରୁ ନଷ୍ଟ କରିବାକୁ ଆରମ୍ଭ କରେ। ଲକ୍ଷ ଲକ୍ଷ ଲୋକ ଏହିପରି ବଞ୍ଚନ୍ତି, କିମ୍ବା ଧୀରେ ଧୀରେ ବଞ୍ଚିବା ବନ୍ଦ କରିଦିଅନ୍ତି।

ସେମାନେ ଜାଣିପାରନ୍ତି ନାହିଁ ଯେ କେବେ ସେମାନଙ୍କ ଜୀବନରୁ ପ୍ରକୃତ ଖୁସି ଓ ଜୀବନଶକ୍ତି ଉଭାନ ହୋଇଗଲା। ସେମାନେ ଅଫିସରେ କାମ କରନ୍ତି, ପରିବାର ସହିତ ପିକନିକ୍ କରନ୍ତି। ସବୁକିଛି ସାଧାରଣ ଭାବରେ ଚାଲିଥାଏ। ତା'ପରେ ହଠାତ୍ କିଛି ସେମାନଙ୍କୁ ଝଟକା ଦିଏ। ଜଣେ ବ୍ୟକ୍ତି, ଏକ ପୁସ୍ତକ, କିମ୍ବା ଏକ ଗୀତ। ସେ ସେମାନଙ୍କୁ ନିଦରୁ ଉଠାଇ ପ୍ରକୃତ ଜୀବନକୁ ଅନୁଭବ କରାନ୍ତି। ତଥାପି ଏହା ମଧ୍ୟ ସତ୍ୟ ଯେ କିଛି ଲୋକ କେବେ ଜାଗ୍ରତ ହୁଅନ୍ତି ନାହିଁ। ଜୀବନର ପ୍ରକୃତ ରହସ୍ୟ ହେଉଛି ଏହାକୁ ଏପରି ଭାବରେ ବଞ୍ଚିବା ଯେପରି କାଲି ନାହିଁ, ଯେପରି ଆମେ କାଲି ଏଠାରେ ଅଛୁ କି ନାହିଁ ଯେତେବେଳେ ଆମେ ଏପରି ଭାବୁ, ପରିହାର କରିବାର ଅଭ୍ୟାସ ଆପେ ଆପେ ଲୋପ ପାଇବାକୁ ଆରମ୍ଭ କରେ। ଆମେ କାମକୁ ଅସମାପ୍ତ ଛାଡି ନଥାଉ, ସମ୍ପର୍କକୁ ଅଣଦେଖା କରୁ, ଓ ପ୍ରତ୍ୟେକ ମୁହୂର୍ତ୍ତକୁ ପୂର୍ଣ୍ଣ ଭାବରେ ବଞ୍ଚୁ।

ଏହି ଚିନ୍ତାଧାରା ମୋତେ ପ୍ରତ୍ୟେକ ସାକ୍ଷାତ, ପରିଚୟ ଓ କଥାବାର୍ତ୍ତା ପ୍ରତି ଅଧିକ ସତର୍କ କରାଇଥିଲା। ଏହି ଭାବନା ଆଜିର ସମୟରେ ବିରଳ ହୋଇଛି। କାରଣ ଏବେ ଆମେ ଏକ ଦ୍ରୁତ ଓ ଉପର ଗତିରେ ବଞ୍ଚୁଛୁ। ଆଜି ଆମେ ବିଶ୍ୱାସ କରୁ ଯେ ଆମେ ଅଧିକ ଲୋକ, ଦେଶ, ସ୍ଥାନ ସହିତ ସମ୍ପର୍କରେ ଅଛୁ। କିନ୍ତୁ ଏହା ଏକ ଭ୍ରମ, ଯାହା ଆମକୁ ଆମେ ଯେଉଁ ବ୍ୟକ୍ତିଙ୍କ ସହିତ ଅଛୁ ତାଙ୍କ ସହିତ ଗଭୀର ଭାବରେ ସଂଯୋଗ କରିବାରୁ ବଞ୍ଚିତ କରେ। ଯେତେବେଳେ ପ୍ରଯୁକ୍ତିବିଦ୍ୟା ଲୋକଙ୍କ ସ୍ଥାନ ନେବାକୁ ଆରମ୍ଭ କରେ। ଆମେ ଅନୁଭବ କରୁ ଯେ ଆମେ ଲକ୍ଷ ଲକ୍ଷ ଲୋକଙ୍କ ସହିତ ଜଡିତ, ସେତେବେଳେ ଆମେ ପ୍ରକୃତରେ ଭିତରେ ଅଧିକ ଏକା ହୋଇଯାଉ। ଆମର ପ୍ରକୃତ ଭାବନା, ଗଭୀର ସମ୍ପର୍କ ଓ ପରସ୍ପରକୁ ବୁଝିବାର କ୍ଷମତା ଧୀରେ ଧୀରେ ହ୍ରାସ ପାଇବାକୁ ଆରମ୍ଭ କରେ।

ତେଣୁ ଜୀବନର ପ୍ରକୃତ ସମୃଦ୍ଧି ଆପଣଙ୍କ ଚାରିପାଖର ଲୋକଙ୍କ ସହିତ ଅନୁଭବ ଓ ସଂଯୋଗରୁ ଆସିଥାଏ। ଜୀବନର ସେହି ସଙ୍ଗୀତ, ସେହି ଶକ୍ତି, ସେହି ଚେତନା, ଯାହା ଆମେ କେବଳ ଜାଗ୍ରତ ହେବା ସମୟରେ ଅନୁଭବ କରୁ, ତାହା ହିଁ ଜୀବନକୁ ବାସ୍ତବ କରିଥାଏ। ଏହି ଅଭିଜ୍ଞତା କେବଳ ସେତେବେଳେ ଉପଲବ୍ଧ ହୁଏ ଯେତେବେଳେ ଆମେ ପ୍ରକୃତରେ ସଚେତନ ଭାବରେ ବଞ୍ଚୁ। ଯଦି ଆମେ ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତ ଓ ପ୍ରତ୍ୟେକ ବ୍ୟକ୍ତିଙ୍କ ଯତ୍ନ ନେବା, ତେବେ ଆମେ ଏକ ସାଧାରଣ ଓ ବିରକ୍ତିକର ଜୀବନ ଯାତ୍ରାରେ ମଧ୍ୟ ପ୍ରକୃତ ଖୁସି ପାଇପାରିବା..!!!


**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍ଃ୯୦୪୦ ୧୫୧୪ ୭୫**

# ବିଶ୍ୱରେ ଠପ୍ ହୋଇପାରେ ଇଣ୍ଟରନେଟ

## ହର୍ମୁଜରେ ବିଛାଯାଇଥିବା କେବଲ ନଷ୍ଟ ହେବା ଆଶଙ୍କା

ନୂଆଦିଲ୍ଲୀ () ଆମେରିକା ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ଯୋଗୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ପ୍ରଭାବିତ ହୋଇଥିବାରୁ ସାରା ବିଶ୍ୱରେ ଶକ୍ତି ସଙ୍କଟ ଉପୁଜିଛି। କାରଣ ହର୍ମୁଜ ପ୍ରଣାଳୀ ଦେଇ ଦୁନିଆର ୨୦ ପ୍ରତିଶତ ଅଶୋଧିତ ତୈଳ ଏବଂ ୨୫ ପ୍ରତିଶତ ଏଲଏନଜି ପରିବହନ ହୋଇଥାଏ। ଶକ୍ତି ସଙ୍କଟ ପରେ ବିଶ୍ୱ ଏବେ ଆହୁରି ଭୟଙ୍କର ସଙ୍କଟର ସାମ୍ନା କରିବାକୁ ଯାଉଛି। ଯୁଦ୍ଧ ଯୋଗୁ ହର୍ମୁଜ ରାସ୍ତାରେ ବିଛା ଯାଇଥିବା ଇଣ୍ଟରନେଟ କେବଲ କ୍ଷତିଗ୍ରସ୍ତ ହେଲେ ସାରା ବିଶ୍ୱରେ ଇଣ୍ଟରନେଟ ଠପ୍ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ ମତରେ ହର୍ମୁଜ କେବଳ ଏନର୍ଜୀ ଚେକ୍ପଏଣ୍ଟ ନୁହେଁ ବରଂ ଏକ ଡିଜିଟାଲ ଚେକ୍ପଏଣ୍ଟ ମଧ୍ୟ। ଏହି କ୍ଷେତ୍ରରେ ସଂଘର୍ଷ ବଢ଼ିଲେ କିମ୍ବା କେବଲ କ୍ଷତିଗ୍ରସ୍ତ ହେଲେ ଇଣ୍ଟରନେଟ ବ୍ଲାକଆଉଟର ଆଶଙ୍କା ରହିଛି।



ଦୁନିଆର ପ୍ରାୟ ୯୫ରୁ ୯୭ ପ୍ରତିଶତ ଡାଟା ଫାଇବର ଅପ୍ଟିକ୍ସ କେବଲ ଜରିଆରେ ଟ୍ରାନ୍ସଫର ହୋଇଥାଏ। ଏହି କେବଲ ସମୁଦ୍ର ତଳେ ବିଛା ଯାଇଥାଏ। ଭାରତକୁ ୟୁରୋପ, ଆଫ୍ରିକା ଏବଂ ପଶ୍ଚିମ ଏସିଆ ସହ ଯୋଡୁଥିବା ପ୍ରମୁଖ କେବଲ ଏହି ରୁଟ୍ ଦେଇଯାଇଛି। ସେଥିମଧ୍ୟରେ ଏସ୍ଇଏ-ଏମ୍ଇ-ଡବ୍ଲ୍ୟୁଇ, ଏଏଇ-୧ ଏବଂ ଇଆଇଜି ଭଳି ବଡ଼ କେବଲ ସିଷ୍ଟମ ରହିଛି। ଭାରତର ଡିଜିଟାଲ ଇକୋନୋମି ଅତ୍ୟଧିକ ଭାବେ ସାମୁଦ୍ରିକ ରୁଟ୍ ଉପରେ ନିର୍ଭରଶୀଳ। ଭାରତର ଅଧିକାଂଶ ଇଣ୍ଟରନ୍ୟାସନାଲ ଇଣ୍ଟରନେଟ ବ୍ୟାଣ୍ଡୱିଡ୍ଥ ଆରବ ସାଗର ଏବଂ ଉପସାଗରୀୟ କ୍ଷେତ୍ର ଦେଇଯାଇଛି। ଯଦି ଏହି କେବଲକୁ କ୍ଷତି ପହଞ୍ଚେ ତେବେ ଟ୍ରାଫିକକୁ ଲମ୍ବା 'ପାସିଫିକ୍ ରୁଟ୍'ରେ ଡାଇଭର୍ଟ କରିବାକୁ ପଡ଼ିବ। ଏଥିଯୋଗୁ ଲାଟେନ୍ସି ଅର୍ଥାତ ଡାଟା ଟାଇମ୍ ବଢ଼ିଯିବ। ଇଣ୍ଟରନେଟ ସ୍ପିଡ୍ କମିଯିବ। ବିଭିନ୍ନ ଆପରେ ବଫରିଂ ସମସ୍ୟା ଦେଖାଯିବ। ଭାରତର ଆଇଟି ଏବଂ ଆଉଟସୋର୍ସିଂ ସେକ୍ଟର ପ୍ରାୟ ୨୩.୪୮ ଲକ୍ଷ କୋଟି ଟଙ୍କାର। ଆମେରିକା ଏବଂ ୟୁରୋପୀୟ କ୍ଲାଇଣ୍ଟଙ୍କ ସହ ରିଅଲ-ଟାଇମ କନେକ୍ଟିଭିଟି ଏହି ଲୋଲାଟେନ୍ସି ନେଟୱର୍କ ଉପରେ ନିର୍ଭର କରେ। କେବଲ କଟିଲେ କମ୍ପାନୀଗୁଡ଼ିକର ବେଶ୍ କ୍ଷତି ହେବ। ଏହାଦ୍ୱାରା ସେବା ଚୁକ୍ତି ପ୍ରଭାବିତ ହୋଇପାରେ ଏବଂ ଜରିମାନା ଲାଗିପାରେ। ଏହାବ୍ୟତୀତ ଉପସାଗରୀୟ ଦେଶଗୁଡ଼ିକରୁ ଭାରତକୁ ପଠାଯାଉଥିବା ଅର୍ଥ ବା ରେମିଟାନ୍ସ ଏବଂ ସ୍ୱିଫ୍ଟ ଭଳି ବୈଶ୍ୱିକ ବ୍ୟାଙ୍କିଙ୍ଗ ନେଣଦେଣ ମଧ୍ୟ ଧିମେଇପାରେ।

ତେବେ ଇଣ୍ଟରନେଟକୁ ଏପରି ଡିଜାଇନ କରାଯାଇଛି ଯେ, ଗୋଟିଏ ପଟ ରାସ୍ତା ବନ୍ଦ ହେଲେ ଅନ୍ୟ ରାସ୍ତାକୁ ଟ୍ରାଫିକ୍ ଡାଇଭର୍ଟ ହୋଇଯିବ। ତେଣୁ ସମ୍ପୂର୍ଣ୍ଣ ଇଣ୍ଟରନେଟ ବ୍ଲାକଆଉଟ ହେବା ସମ୍ଭାବନା କମ୍। ତେବେ ରିରୁଟିଂ ଯୋଗୁ ବିକଳ୍ପ ରାସ୍ତାରେ ଲୋଡ୍ ବଢ଼ିବ ଏବଂ ଏଥିଯୋଗୁ ଇଣ୍ଟରନେଟ ସ୍ପିଡ୍ ବେଶ୍ କମିଯିବ।

# ଆମେରିକୀୟ କମ୍ପାନୀକୁ ଟାର୍ଗେଟ କରିଛି ଇରାନ

## ୧୮ ଆଇଟି କମ୍ପାନୀ ଉପରେ ହେବ ମିସାଇଲ ମାଡ

ତେହେରାନ, ୧୪ଃ ଆମେରିକା ଯେତେ ଆକ୍ରମଣ କରୁଛି, ସେତେ ହିଂସକ ହୋଇଉଠୁଛି ଇରାନ। ଆମେରିକା ସାମରିକ ବେସ୍ ଠାରୁ ଆରମ୍ଭ କରି ବିମାନ ଓ ଜାହାଜକୁ ଆକ୍ରମଣ କରୁଛି ଇରାନ। ଏବେ ପାଳି ଆମେରିକାର ବଡ଼ ବଡ଼ ଟେକ୍ କମ୍ପାନୀଙ୍କର। ଆସନ୍ତାକାଲିଠାରୁ ଆପଲ, ମାଇକ୍ରୋସଫ୍ଟ ଭଳି ୧୮ ଆମେରିକୀୟ କମ୍ପାନୀ ଉପରେ ଆଟାକ୍ କରିବାକୁ ଇରାନ ପ୍ଲାନ୍ ପ୍ରସ୍ତୁତ କରୁଛି।




ଆମେରିକା କମ୍ପାନୀଗୁଡ଼ିକ ଉପରେ ମିସାଇଲ୍ ମାଡ଼ କରିବୁ ବୋଲି ଧମକ ଦେଇଛି ଇରାନର ରିଭୋଲ୍ୟୁସନାରୀ ଗାର୍ଡ। ଆମେରିକାର ଆକ୍ରମଣର ଏହା ଜବାବୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଇରାନ ସରକାରୀ ଗଣମାଧ୍ୟମ ଖବର ପ୍ରକାଶ କରୁଛି। ଏନେଇ ଆଇଆରଜିସି ପକ୍ଷରୁ ଜାରି ହୋଇଥିବା ବିବୃତିରେ ମାଇକ୍ରୋସଫ୍ଟ, ଗୁଗୁଲ୍, ଆପଲ୍, ଇଣ୍ଟେଲ୍, ଆଇବିଏମ୍, ଟେସଲା ଏବଂ ବୋଇଂ ସମେତ ୧୮ଟି କମ୍ପାନୀଙ୍କ ନାଁ ଉଲ୍ଲେଖ କରାଯାଇଛି। ଏମାନଙ୍କର ଆଞ୍ଚଳିକ କାର୍ଯ୍ୟ ପ୍ରଭାବିତ ହୋଇପାରେ ବୋଲି ଇରାନ କହିଛି। ଏନେଇ ଆଇଆରଜିସି କହିଛି 'ଇରାନରେ ହେଉଥିବା ପ୍ରତ୍ୟେକ ଆତଙ୍କବାଦୀ କାର୍ଯ୍ୟ ପାଇଁ ଏହି କମ୍ପାନୀଗୁଡ଼ିକ ନିଜ ୟୁନିଟ୍ ଧ୍ୱଂସ ହେବାର ଆଶା କରିବା ଉଚିତ, ଯାହା ବୁଧବାର,ଏପ୍ରିଲ ୧ତାରିଖ ରାତି ୮ଠାରୁ ତେହେରାନ ସମୟ ଅନୁସାରେ ଆରମ୍ଭ ହେବ'। ଭାରତ ଠାରୁ ଇରାନ ୨ ଘଣ୍ଟା ପଛରେ ରହିଛି। ତେଣୁ ଭାରତୀୟ ସମୟ ଅନୁସାରେ ରାତି ୧୦ଟା ପରେ ଇରାନ ଏହି ଆମେରକୀୟ କମ୍ପାନୀଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଯାଉଛି।

ଆମେରିକା ଓ ଇସ୍ରାଏଲ କରୁଥିବା ଆକ୍ରମଣକୁ ଇରାନ ଆତଙ୍କବାଦୀ କାର୍ଯ୍ୟକଳାପ କହି ଆଟାକ କରିବାକୁ ଚେତାବନୀ ଦେଇଛି। ଇରାନର ତସନିମ୍ ନ୍ୟୁଜ୍ ଏଜେନ୍ସି ଦ୍ୱାରା ପ୍ରସାରିତ ଏକ ବିବୃତିରେ କୁହାଯାଇଛି 'ଯେହେତୁ ଏବେଠାରୁ ଟାର୍ଗେଟ୍ ଡିଜାଇନ୍ ଏବଂ ଟ୍ରାକିଂରେ କରିବାରେ ପ୍ରମୁଖ ଭାଗ ଆମେରିକୀୟ ଏବଂ ଆଇସିଟି ଏବଂ ଏଆଇ କମ୍ପାନୀଗୁଡ଼ିକର ରହିବ ତେଣୁ ମୁଖ୍ୟ ପ୍ରତିଷ୍ଠାନଗୁଡ଼ିକ ଆମର ବୈଧ ଲକ୍ଷ୍ୟ ହେବେ'। ଏହି ପ୍ରତିଷ୍ଠାନଗୁଡ଼ିକର କର୍ମଚାରୀମାନଙ୍କୁ ସେମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ସେମାନଙ୍କର କର୍ମକ୍ଷେତ୍ର ଛାଡିଚାଲି ଯିବାକୁ ଇରାନ ଚେତାବନୀ ମଧ୍ୟ ଦେଇଛି।

# ବନ୍ଦ ହେବ କି ଯୁଦ୍ଧ ?

ନ୍ୟୁୟର୍କ, ୧୪ଃ ସରିବ କି ଯୁଦ୍ଧ ? ଇରାନ ଉପରେ ଆକ୍ରମଣ ବନ୍ଦ କରିବେ କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ? ଏପ୍ରିଲ ୨ ଗୁରୁବାର ଦେଶବାସୀଙ୍କୁ ଟ୍ରମ୍ପ ସମ୍ବୋଧିତ କରିବାକୁ ଥିବାରୁ ଏଭଳି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳବାର ଟ୍ରମ୍ପ୍ କହିଛନ୍ତି ଯେ, ଆମେରିକା ଇରାନ ବିପକ୍ଷ ଯୁଦ୍ଧ ଶୀଘ୍ର ସାରିବାକୁ ଚାହୁଁଛି। ଦୁଇରୁ ତିନି ସପ୍ତାହ ମଧ୍ୟରେ ସବୁ ଶେଷ ହୋଇଯିବ। ଆମେରିକା ପ୍ରଶାସନ ଇରାନ ପ୍ରତିନିଧିଙ୍କ ସହ ଲଗାତର ଆଲୋଚନା କରୁଛନ୍ତି। ଇରାନ ଏବେ ଶକ୍ତିହୀନ ହୋଇ ପଡିଛି। ଆମେରିକା ଖୁବ୍ ଶୀଘ୍ର ଇରାନକୁ ଛାଡିଦେବ ବୋଲି ହ୍ୱାଇଟ୍ ହାଉସରେ ଟ୍ରମ୍ପ୍ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ସେମାନେ ଇରାନ ସହ କୌଣସି ଡିଲ୍ କରିବାକୁ ଅପରେସନ କରିନାହାଁନ୍ତି। ଆମେରିକା ସେମାନଙ୍କୁ ପ୍ରସ୍ତର ଯୁଗକୁ ଠେଲି ଦେଇଛି। ଏବେ ଇରାନ ପାଖରେ ଆଣବିକ ଶକ୍ତି ବିକାଶ କରିବା ପାଇଁ ଆଉ କ୍ଷମତା ନାହିଁ। ଷ୍ଟ୍ରେଟ୍ ଅଫ୍ ହର୍ମୋଜରେ ଦେଖାଦେଇଥିବା ସଙ୍କଟକୁ ନେଇ ଟ୍ରମ୍ପ୍ କହିଛନ୍ତି ଯେ, ଯଦି ଫ୍ରାନ୍ସ କିମ୍ବା ଅନ୍ୟ କୌଣସି ଦେଶ ତେଲ କିମ୍ବା ଗ୍ୟାସ୍ ଆଣିବାକୁ ଚାହୁଁଛନ୍ତି ତେବେ ନିଜେ ଏହା ଉପରେ କାମ କରନ୍ତୁ। ଆମେରିକା ଏଥିରେ କିଛି କରିପାରିବ ନାହିଁ। ଚାଇନା ଭଳି ଦେଶ ନିଜେ ଷ୍ଟ୍ରେଟ୍ ଦେଇ ତେଲ ଏବଂ ଗ୍ୟାସ୍ ଆଣୁଛି। ଯେଉଁମାନେ ତୈଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ନିଜ କଥା ନିଜେ ବୁଝିବା ଦରକାର। ଆମେରିକା କାହାକୁ ସାହାଯ୍ୟ କରିପାରିବ ନାହିଁ। ଯୁଦ୍ଧ ବେଳେ




### ଆଜି ଦେଶବାସୀଙ୍କୁ ସମ୍ବୋଧନ କରିବେ ଟ୍ରମ୍ପ

### ବଡ ଘୋଷଣାକୁ ବିଶ୍ୱବାସୀଙ୍କ ଅପେକ୍ଷା

ଅନେକ ଦେଶ ଆମେରିକାକୁ ସାହାଯ୍ୟ କରିନଥିଲେ। ଏବେ ଆମେରିକା ମଧ୍ୟ କିଛି କରିବନି ବୋଲି ସେ ପ୍ରକାଶ କରିଛନ୍ତି। ଭାରତୀୟ ସମୟାନୁସାରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏପ୍ରିଲ ୨ ତାରିଖ ସକାଳେ ଦେଶବାସୀଙ୍କୁ ସମ୍ବୋଧନ କରିବେ। ସେ ଏଥିରେ ଇରାନ ସହ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ଘୋଷଣା କରିପାରନ୍ତି। ଏନେଇ ଟ୍ରମ୍ପ୍ ବହୁ ଆଗରୁ ସଙ୍କେତ ଦେଇ ସାରିଛନ୍ତି।

## ଇରାନ ମସଜିଦ୍‌ରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍

ତେହେରାନ, ୧୪ଃ ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଘମାଘୋଟ କ୍ଷୁଦ୍ଧ ଜାରି ରହିଛି। ଏହି ଯୁଦ୍ଧ ଏବେ ଆବାସିକ ଅଞ୍ଚଳ ଏବଂ ଧାର୍ମିକ ସ୍ଥଳକୁ ପହଞ୍ଚିଛି। ମଙ୍ଗଳବାର ସକାଳେ, ଉତ୍ତର-ପଶ୍ଚିମ ଇରାନରେ ଅବସ୍ଥିତ ଜଞ୍ଜନ ସହରରେ ଏୟାର ଷ୍ଟ୍ରାଇକ ହୋଇଥିଲା। ଏଥିରେ ପ୍ରସିଦ୍ଧ ସିଆ ମସଜିଦକୁ ଟାର୍ଗେଟ କରାଯାଇଥିଲା। ଏହି ଆକ୍ରମଣରେ ପ୍ରାୟ ତିନି ଜଣଙ୍କର ଦୁଃଖଦ ମୃତ୍ୟୁ ଘଟିଥିଲା। ସେଠାରେ ଅନେକ ଆହତ ହୋଇଥିଲେ। ଏଏଫପି ଅନୁଯାୟୀ, ସରକାରୀ ଟେଲିଭିଜନ ରିପୋର୍ଟ କରିଛି ଯେ ଜଞ୍ଜନର ଫିରଦୌସି ଷ୍ଟ୍ରିଟରେ ଶତ୍ରୁପକ୍ଷଙ୍କ ଦ୍ୱାରା ପ୍ରତ୍ୟୁଷରେ ହୋଇଥିବା ଆକ୍ରମଣ ପରେ 'ଗ୍ରାଣ୍ଡ ହୁସେନିଆ' ଏକ ହଲ୍ ଯାହା ସିଆ ସମ୍ପ୍ରଦାୟ ପାଇଁ ଏକ ସମାବେଶ ସ୍ଥାନ ଏବଂ ଶୋକ ସମାରୋହ ପାଇଁ ଏକ ସ୍ଥାନ ଭାବରେ କାର୍ଯ୍ୟ କରେ ତାହା ମଧ୍ୟ ବହୁ କ୍ଷତିଗ୍ରସ୍ତ ହୋଇଛି। ଜଞ୍ଜନ ହେଉଛି ତେହେରାନରୁ ପ୍ରାୟ ୩୦୦ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ ଏକ ଶିଳ୍ପ ପ୍ରାଦେଶିକ ରାଜଧାନୀ। ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ ଗମ୍ବୁଜ ଏବଂ ମୀନାରେ। କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି।



ଚାଲିଗଲା ୩ ଜୀବନ

---

**ସଂସଦରେ ପ୍ରବଳ ହଟ୍ଟଗୋଳ**

# ସ୍ଥଗିତ ହେଲା ବିଦେଶୀ ଅନୁଦାନ ବିଲ୍

ନୂଆଦିଲ୍ଲୀ, ୧୪ଃ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ସରକାର ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ (ଏଫ୍ସିଆର୍ଏ) ବିଲକୁ ସ୍ଥଗିତ ରଖିଛନ୍ତି। ଏପରିକି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକ ବିଲ୍‌ରେ ପ୍ରସ୍ତାବିତ ପରିବର୍ତ୍ତନ ନେଇ ଅପପ୍ରଚାର କରୁଛନ୍ତି। ବିବାଦ ଯୋଗୁ ବୁଧବାର ଏହି ବିଲ୍‌କୁ ଲୋକସଭାରେ ଉପସ୍ଥାପନ କରାଯାଇପାରିନଥିଲା।

ପ୍ରତିବାଦର ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ, ବିଲ୍‌କୁ ଭୁଲ ଭାବରେ ଉପସ୍ଥାପନ କରାଯାଉଛି, ବିଶେଷକରି କେରଳରେ। ରିଜିଜୁ କହିଛନ୍ତି, ବିଲ୍ ବିଦେଶୀ ଅନୁଦାନର ଅପବ୍ୟବହାର ରୋକିବା ପାଇଁ ଅଣାଯାଇଛି। ଏହା କୌଣସି ଧର୍ମ କିମ୍ବା ସଙ୍ଗଠନ ବିରୋଧରେ ନୁହେଁ। କିନ୍ତୁ ନିର୍ବାଚନ ଥିବାରୁ କଂଗ୍ରେସ ଓ ବାମଦଳ କେରଳ ଲୋକଙ୍କୁ ଭ୍ରମିତ କରୁଛନ୍ତି। ମାର୍ଚ୍ଚ ୨୫ ତାରିଖରେ ଲୋକସଭାରେ ଉପସ୍ଥାପିତ ଏହି ବିଲ୍ ବିଦେଶୀ ପାଣ୍ଠିରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ, ୨୦୧୦ରେ ବ୍ୟାପକ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ବିଲ୍ ବିରୋଧରେ କଂଗ୍ରେସ ନେତୃତ୍ୱରେ ଅନେକ ସାଂସଦ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ସାଂସଦଙ୍କ ସହିତ ସମାଜବାଦୀ ପାର୍ଟି ସାଂସଦ ଡିମ୍ପଲ ଯାଦବ ଓ ରାମଗୋପାଳ ଯାଦବ, ଆଇୟୁଏମ୍ଏଲ୍‌ର ଇଟି ମହମ୍ମଦ ବସିର୍ , ଏନସିପି (ଏସ୍‌ପି) ସୁପ୍ରିୟା ସୁଲେ, ଆର୍‌ଏସ୍‌ପିର ଏନ୍‌କେ ପ୍ରେମଚନ୍ଦ୍ରନ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। କଂଗ୍ରେସ କହିଥିଲା, ଏହି ଅସାମ୍ବିଧାନିକ ଓ କଠୋର ବିଲ୍‌କୁ ସଂସଦରେ ପାରିତ ହେବାକୁ ଦିଆଯିବ ନାହିଁ। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ବୁଧବାର ଏହି ବିଲ୍‌କୁ ତୀବ୍ର ବିରୋଧ କରିଥିଲେ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଅଖିଳେଶ କହିଛନ୍ତି, ଶାସକ ଦଳ ଆଇନ ମାଧ୍ୟମରେ ଏନ୍‌ଜିଓଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଚାହୁଛି। କିନ୍ତୁ ବିଜେପି ପ୍ରଥମେ ବୁଝାଇବା ଉଚିତ ଯେ, ପ୍ରଧାନମନ୍ତ୍ରୀ କେୟାର୍ସ ପାଣ୍ଠିରେ ବିଦେଶରୁ ପାଇଥିବା ଟଙ୍କା ଫେରସ୍ତ କରାଯିବ ନା ଅଡିଟ୍ ଛାଡ଼ ଭଳି ଏହାକୁ ସ୍ୱତନ୍ତ୍ର ଛାଡ଼ ଦିଆଯିବ।



# ୩୧୫ କୋଟିର ସାଇବର ଠକେଇ

**ଶିଳ୍ପପତି ପବନ ରୁଇଆ ଗିରଫ**




ପଶ୍ଚିମବଙ୍ଗ, ୧୪ଃ ସ୍ମାର୍ଟ ଠକଙ୍କ ମାୟାଜାଲ, ଭଦ୍ରବେଶରେ ଲଗାଉଛନ୍ତି ଚୂନା। ପୁଲିସ ଡାଳେ ଡାଳେ ଗଲେ ପତ୍ର ପତ୍ରେ ଯାଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଏହି ସାଇବର ଠକ। ଏମିତି ଜଣେ ବିରାଟ ଠକକୁ ବାନ୍ଧିଛି ପଶ୍ଚିମବଙ୍ଗ ପୁଲିସ ସାଇବର ୱିଙ୍ଗ। ପେଶାରେ ଶିଳ୍ପପତି କିନ୍ତୁ ନିଶା ଠକେଇ। ୩୧୫ କୋଟିର ସାଇବର ଠକେଇ ମାମଲାରେ ଶିଳ୍ପପତି ପବନ ରୁଇଆଙ୍କୁ ଗିରଫ କରିଛି ପଶ୍ଚିମବଙ୍ଗ ପୁଲିସ। ପଶ୍ଚିମବଙ୍ଗ ପୁଲିସର ସାଇବର କ୍ରାଇମ ୱିଙ୍ଗ ମଙ୍ଗଳବାର ଶିଳ୍ପପତି ପବନ ରୁଇଆଙ୍କୁ ସେଲ୍ କଂପାନୀ ଏବଂ କ୍ରିପ୍ଟୋକରେନ୍ସି ଆଧାରିତ ମନି ଲଣ୍ଡରିଂ ସହ ଜଡିତ କୋଟି କୋଟି ଟଙ୍କା ଠକେଇ ମାମଲାରେ ଗିରଫ କରିଛି। ପ୍ରଥମେ ତାଙ୍କ ବିରୋଧରେ ବିଧାନନଗର ସାଇବର କ୍ରାଇମ ପୁଲିସ ଷ୍ଟେସନରେ ରୁଜୁ ହୋଇଥିଲା ମାମଲା। ପରେ ରୁଇଆଙ୍କୁ କୋଲକାତା ଉପକଣ୍ଠରେ ଥିବା ନ୍ୟୁ ଟାଉନର ଏକ ହୋଟେଲରୁ ଗିରଫ କରାଯାଇଥିଲା। ସାଇବର ଅପରାଧ ମାମଲାର ଛାନଭିନରୁ ମିଳିଥିବା ତଥ୍ୟ ଆଧାରରେ ପୋଲିସ ଏକ ସ୍ୱତଃ ମାମଲା ପଞ୍ଜିକୃତ କରିଛି। ଯେଉଁଥିରେ ରୁଇଆ ପରିବାର ସହ ଜଡିତ ବ୍ୟକ୍ତିବିଶେଷଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩୧୫ କୋଟି ଟଙ୍କା ଠକେଇ ହୋଇଥିବା ସନ୍ଦେହ କରାଯାଉଛି। କୋଲକାତା ହାଇକୋର୍ଟ ଏହି ମାମଲାରେ ଅଭିଯୁକ୍ତ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଦିଆଯାଇଥିବା ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ଉଠିବା ପରେ ପୋଲିସ ଆହ୍ୱାନ ପାଇଁ ପଥ ପରିଷ୍କାର ହୋଇଥିଲା। ଏହା ପରେ ତାଙ୍କୁ ଗିରଫ କରାଯାଇଥିଲା। ଗତ ଡିସେମ୍ବରରେ ଦେଶବ୍ୟାପୀ ବିଭିନ୍ନ ଅନଲାଇନ ଠକେଇ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ରଖିବା ଅଭିଯୋଗରେ ଶିଳ୍ପପତି ପବନ, ପୁଅ ରାଘବ ଓ ଝିଅ ପଲ୍ଲବୀଙ୍କୁ ଆଗୁଆ ଜାମିନ ଦେଇଥିଲେ।

---

**ନିର୍ବାଚନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ**

# ଟିଏମସିର ଆପତ୍ତିକୁ କଲେ ଖାରଜ କଲେ କୋର୍ଟ

ନୂଆଦିଲ୍ଲୀ, ୧୪ଃ ପଶ୍ଚିମବଙ୍ଗରେ ଭୋଟର ଲିଷ୍ଟ ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର)କୁ ନେଇ ଜାରି ବିବାଦର ଶୁଣାଣିରେ ସୁପ୍ରିମକୋର୍ଟ ସ୍ପଷ୍ଟ ରୂପେ ନିର୍ବାଚନୀ ପ୍ରକ୍ରିୟା ମାନଙ୍କରେ ନିର୍ବାଚନ ଆୟୋଗଙ୍କ ଅଧିକାରକୁ ମାନ୍ୟତା ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ନିର୍ବାଚନୀ ମାମଲାରେ ନିଷ୍ପତ୍ତି ନେବାର ଚୂଡ଼ାନ୍ତ ଅଧିକାର କେବଳ ନିର୍ବାଚନ ଆୟୋଗଙ୍କ ନିକଟରେ ରହିଛି। ତେବେ ଶୁଣାଣି କାଳରେ ତୃଣମୂଳ କଂଗ୍ରେସ (ଟିଏମସି) ଏସଆଇଆର ସମ୍ପର୍କରେ କେତେକ ଆପତ୍ତି କରିଥିଲା। ତେବେ କୋର୍ଟ ଟିଏମସିର ଚିନ୍ତାକୁ ଖାରଜ କରିଦେଇଛନ୍ତି ଓ କହିଛନ୍ତି ଯେ ସାମ୍ବିଧାନିକ ସଂସ୍ଥାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରାଯାଇ ପାରିବନି।



ଟିଏମସି ଅଭିଯୋଗ କରିଥିଲା ଯେ ଏସଆଇଆର ପ୍ରକ୍ରିୟାକୁ ରାଜନୈତିକ ଲାଭ ଲାଗି ଉପଯୋଗ କରାଯାଇ ପାରେ। ଏହା ଦ୍ୱାରା ଭୋଟର ଲିଷ୍ଟ ପ୍ରଭାବିତ ହେବ। ତେବେ କୋର୍ଟ କହିଛନ୍ତି ଯେ ଏସଆଇଆର ପ୍ରକ୍ରିୟା କିପରି ହେବ ତାହା ସମ୍ପୂର୍ଣ୍ଣ ନିର୍ବାଚନ ଆୟୋଗଙ୍କ ଉପରେ ନିର୍ଭର କରେ। କାରଣ ଏହା ଆୟୋଗଙ୍କ ଅଧିକାର କ୍ଷେତ୍ର ଅନ୍ତର୍ଭୁକ୍ତ। କୋର୍ଟ ଏହା ବି ସ୍ପଷ୍ଟ କରିଛନ୍ତି ଯେ ଯେଉଁ ପର୍ଯ୍ୟନ୍ତ ଆଇନ ଉଲ୍ଲଂଘନ ନ ହୋଇଛି ସେ ପର୍ଯ୍ୟନ୍ତ ଏଥିରେ ନ୍ୟାୟାଳୟ ହସ୍ତକ୍ଷେପ କରିପାରିବେ ନାହିଁ। ମାମଲାରେ କୋର୍ଟଙ୍କ କଡ଼ା ଟିପ୍ପଣୀକୁ ଏବେ ପଶ୍ଚିମବଙ୍ଗ ରାଜନୀତି ଲାଗି ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ନିର୍ବାଚନ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ। ଏଥିରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ପରିସ୍ଥିତିକୁ ଆହୁରି ଗରମ କରିଛି।

ଏସଆଇଆର ଏବେ ପଶ୍ଚିମବଙ୍ଗ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। ଏଥିରେ ଆଇନ ବିଶେଷଜ୍ଞଙ୍କ କହିବା କଥା ହେଉଛି ସୁପ୍ରିମକୋର୍ଟଙ୍କ ଏହି ଆଭିମୁଖ୍ୟ ନିର୍ବାଚନ ଆୟୋଗଙ୍କ ସ୍ୱାୟତତାକୁ ଆହୁରି ମଜଭୁତ କରିଛି। ଏଣୁ ନିର୍ବାଚନ ପ୍ରକ୍ରିୟାଗୁଡିକରେ ଅନାବଶ୍ୟକ ବିଚାର ବିଭାଗୀୟ ହସ୍ତକ୍ଷେପ ସୀମିତ ହୋଇଯାଇଛି। ଏବେ ସମସ୍ତଙ୍କ ନଜର ନିର୍ବାଚନ ଆୟୋଗଙ୍କ ଉପରେ, ଏସଆଇଆରକୁ ନେଇ ସେ ଏବେ କଣ ଗାଇଡଲାଇନ ଜାରି କରିବେ ଓ ଏହାକୁ ରାଜ୍ୟରେ କିପରି ଲାଗୁ କରାଯିବ ତାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ତେବେ ଟିଏମସି ଓ ଅନ୍ୟ ରାଜନୈତିକ ଦଳଙ୍କ ପ୍ରତିକ୍ରିୟା ଏହି ପ୍ରସଙ୍ଗକୁ ଆହୁରି ଗରମ କରିପାରେ ବୋଲି ଆଶଙ୍କା କାରାଯାଉଛି।

---

# ଆଜିଠୁ ସବୁ ତେଲ ଟାଙ୍କିରେ ଇଥାନଲ୍ ମିଶା ପେଟ୍ରୋଲ

ନୂଆଦିଲ୍ଲୀ, ୧୪ଃ ଆଜିଠୁ ସାରା ଦେଶରେ ବିକ୍ରି ହେବ ଇଥାନଲ ମିଶ୍ରିତ ପେଟ୍ରୋଲ। ଏହାକୁ ବାଧ୍ୟତାମୂଳକ କରିଛନ୍ତି କେନ୍ଦ୍ର ସରକାର। ଆଜିଠୁ ଆପଣ ଗାଡ଼ିରେ ଯେଉଁ ତେଲ ପକାଇବେ ସେଥିରେ ୮୦ ପ୍ରତିଶତ ପେଟ୍ରୋଲ ଓ ୨୦ ପ୍ରତିଶତ ଇଥାନଲ ରହିବ। ଭୟଙ୍କର ତୈଳ ସଙ୍କଟ ସମୟରେ ଇ-୨୦ ପେଟ୍ରୋଲ ବିକ୍ରିକୁ ବାଧ୍ୟତାମୂଳକ କରାଯାଇଛି।

ତେବେ ଏ ଇଥାନଲ୍ ମିଶା ପେଟ୍ରୋଲ୍ କ'ଣ ? ଉତ୍କଳ ପେଟ୍ରୋଲିୟମ ଡିଲର ସଙ୍ଘ ସଂପାଦକଙ୍କ କହିବା କଥା, ଇଥାନଲ୍ ହେଉଛି

### ଭୟଙ୍କର ତୈଳ ସଙ୍କଟରେ ଇ-୨୦ ପେଟ୍ରୋଲ ବାଧ୍ୟତାମୂଳକ

ବୈଜ୍ଞାନିକ ପ୍ରକ୍ରିୟାରେ ଉତ୍ପାଦିତ ଏକ ପ୍ରକାର ଆଲକହଲ। ଯାହାକୁ ପେଟ୍ରୋଲରେ ମିଶାଯାଇ ଯାନବାହନରେ ପରିବେଶ ଅନୁକୂଳ ଇନ୍ଧନ ଭାବେ ବ୍ୟବହାର କରାଯାଉଛି। ଏହା ମୁଖ୍ୟତଃ ଆଖୁ ରସ, ମକା, ପଚା ଆଳୁ ଓ ପଚା ପନିପରିବା ଭଳି ବର୍ଜ୍ୟଯୁକ୍ତ ସାମଗ୍ରୀରୁ ପ୍ରସ୍ତୁତ ହେଉଛି। ଯାହା ଲିଟର ପିଛା ୬୦ରୁ ୭୦ ଟଙ୍କାରେ ମିଳିଯାଉଛି। ଅଟୋମୋବାଇଲ୍ ଇଞ୍ଜିନିୟରଙ୍କ କହିବା କଥା, ଗାଡ଼ି ପାଇଁ ଏହା ଆଦୌ କ୍ଷତିକାରକ ନୁହେଁ। ଇଥାନଲ ଇଞ୍ଜିନର କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ସହ ଅସମାନ ଦହନକୁ ରୋକିବାରେ ବି ସାହାଯ୍ୟ କରେ ଓ ମାଇଲେଜ୍ ବଢ଼ାଏ। ଇଞ୍ଜିନକୁ ଅଧିକ ଗରମ ହେବାରୁ ବି ରକ୍ଷା କରେ। ସାଧାରଣ ପେଟ୍ରୋଲ ତୁଳନାରେ ଏହା ୩୫ ପ୍ରତିଶତ କମ୍ କାର୍ବନ ମନୋକସାଇଡ୍ ନିର୍ଗମନ କରିଥାଏ। ତେବେ ୨୦୨୩ ପୂର୍ବରୁ କିଣା ହୋଇଥିବା ବିଏସ-୫ ଓ ବିଏସ୍ ୪ ଗାଡ଼ି ଗୁଡ଼ିକରେ ଏହି ପେଟ୍ରୋଲ୍ ପକାଇଲେ ମାଇଲେଜ୍ ୩ରୁ ୭ ପ୍ରତିଶତ ହ୍ରାସ ପାଇପାରେ ବୋଲି ସୂଚନା ଦେଇଛନ୍ତି ଇଞ୍ଜିନିୟର।




---

**ନାସାର ଆର୍ଟେମିସ୍ ଦ୍ୱିତୀୟ ମିଶନ ପ୍ରସ୍ତୁତ**

# ୫୩ ବର୍ଷ ପରେ ପୁଣି ଚନ୍ଦ୍ର ନିକଟକୁ ଯିବ ମନୁଷ୍ୟ

ନ୍ୟୁୟର୍କ, ୧୪ଃ ଆମେରିକାର ମହାକାଶ ସଂସ୍ଥା ନାସା ଆଜିଠୁ ଏହାର ମହତ୍ୱକାଂକ୍ଷୀ ମିଶନ ଆରମ୍ଭ କରିବାକୁ ଯାଉଛି। ଆର୍ଟେମିସ୍ ଦ୍ୱିତୀୟ ମିଶନ ୫୩ ବର୍ଷ ପରେ ମନୁଷ୍ୟକୁ ଚନ୍ଦ୍ର ନିକଟକୁ ନେଇ ଯିବ। ଚାରି ଜଣ ମହାକାଶଚାରୀ ରିଡ ଭାଇସମ୍ୟାନ, ଭିକ୍ଟର ଗ୍ଲୋବର, କ୍ରିଷ୍ଟିନା କୋଚଙ୍କ ସହିତ କାନାଡା ସ୍ପେଶ ଏଜେନ୍ସିର ଜେରେମି ହେନସେନ ଏହି ମିଶନରେ ଯିବେ। କ୍ରିଷ୍ଟିନା କୋଚ ଲୋ ଆର୍ଥ ଅର୍ବିଟ (ନିମ୍ନ କକ୍ଷ)ରୁ ଆଗକୁ ତଥା ଚନ୍ଦ୍ରମା ନିକଟକୁ ଯିବାରେ ପ୍ରଥମ ମହିଳା ହେବେ। ସେ ପୂର୍ବରୁ ମହାକାଶ ଷ୍ଟେସନରେ ଜଣେ ମହିଳାଙ୍କ ଦ୍ୱାରା ସବୁଠାରୁ ଦୀର୍ଘ ନିରନ୍ତର ମହାକାଶ ଯାତ୍ରା (୩୨୮ ଦିନ)ର ରେକର୍ଡ ସ୍ଥାପନ କରିଥିଲେ। ଏହି ଚାରି ମହାକାଶଚାରି ଓରିଅନ କ୍ୟାପସୁଲରେ ବସି ବିଶାଳକାୟ ଏସ୍ଏଲ୍ଏସ ରକେଟରେ ଉଡ଼ାଣ ଭରିବେ। ଏପ୍ରିଲ ୧ରେ ଫ୍ଲୋରିଡାର କେନେଡି ସ୍ପେଶ୍ ସେଣ୍ଟରରୁ ଏହି ମିଶନ ପଠାଯିବ।




୧୦ ଦିନିଆ ମିଶନରେ ମହାକାଶଚାରୀ ଚନ୍ଦ୍ରର ପରିକ୍ରମା କରି ପୃଥିବୀ ପୃଷ୍ଠକୁ ଫେରିଆସିବେ। ମହାକାଶଚାରୀ ଚନ୍ଦ୍ର ପୃଷ୍ଠରେ ଓ୍ୱଲହାଇବେ ନାହିଁ। ଆର୍ଟେମିସ୍ ଦ୍ୱିତୀୟରେ ମହାକାଶଚାରୀ ପୃଥିବୀଠାରୁ ସବୁଠୁ ଅଧିକ ଦୂରକୁ ଯିବେ। ସେମାନେ ପ୍ରାୟ ୪ ଲକ୍ଷ ୨ ହଜାର କିଲୋମିଟର ଯାତ୍ରା କରି ଚନ୍ଦ୍ର ନିକଟରେ ପହଞ୍ଚିବେ। ଯାହା ଆପୋଲୋ ୧୩ ମିଶନଠାରୁ ୨୪୧୪ କିମି ଅଧିକ ଦୂର। ଏହି ମିଶନ ଏକ ମୁକ୍ତ-ପ୍ରତ୍ୟାବର୍ତ୍ତନ ପଥ ଅନୁସରଣ କରିବ। ଚନ୍ଦ୍ର ପଛରେ ଯାତ୍ରା କରିବା ସମୟରେ ୫୦ ମିନିଟ୍ ପାଇଁ ରେଡିଓ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇଯିବ। ଆର୍ଟେମିସ୍ ଦ୍ୱିତୀୟର ରେକର୍ଡ ଦୀର୍ଘ ସମୟ ପାଇଁ ରହିପାରେ, କାରଣ ଭବିଷ୍ୟତର ମିଶନଗୁଡ଼ିକ ଏପରି ଗତିପଥ ଗ୍ରହଣ କରିବେ ନାହିଁ। ଏହି ମିଶନରେ ମହାକାଶଚାରୀ ପୃଥିବୀ ପୃଷ୍ଠକୁ ସବୁଠୁ ଦ୍ରୁତ ବେଗରେ ଫେରିବେ। ସେମାନଙ୍କ ପ୍ରତ୍ୟାବର୍ତ୍ତନ ଘଣ୍ଟାକୁ ୪୦୨୦୦ କିମି ରହିବ। ଏହାସହିତ ଛଅଟି ନୂଆ ରେକର୍ଡ଼ ପ୍ରତିଷ୍ଠା ହେବ। ପ୍ରଥମ ଶ୍ୱେତ ମହାକାଶଚାରୀ, ଚନ୍ଦ୍ରକୁ ଯିବାରେ ପ୍ରଥମ ମହିଳା, ପ୍ରଥମ ଅଣ ଆମେରିକୀୟ, ସବୁଠୁ ବୟସ୍କ ମହାକାଶଚାରୀ, ପୃଥିବୀ ସବୁଠୁ ଦୂରକୁ ଯିବା ତଥା ସବୁଠୁ ଦ୍ରୁତ ପ୍ରତ୍ୟାବର୍ତ୍ତନ ରେକର୍ଡ଼ ପ୍ରତିଷ୍ଠା ହେବ।

# ବିକଶିତ ଓଡ଼ିଶା ଗଠନରେ ସାମୂହିକ ପ୍ରୟାସ ପାଇଁ ଆହ୍ୱାନ



ଭୁବନେଶ୍ୱର, ୧୪(ସଂଚାର ବ୍ୟୁରୋ): ମୂଲ୍ୟବୋଧ ଆଧାରିତ ବିକଶିତ ଓଡ଼ିଶା ଗଠନ ପାଇଁ ସାମୂହିକ ପ୍ରୟାସ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ବୁଧବାର ଲୋକ ଭବନର ନୂତନ ଅଭିଷେକ ହଲ୍‌ଠାରେ ଆୟୋଜିତ ଓଡ଼ିଶା ଦିବସ ପାଳନ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ ପ୍ରକୃତ ବିକାଶ ଭୌତିକ ଭିତ୍ତିଭୂମି ଓ ଆର୍ଥିକ ଅଭିବୃଦ୍ଧିଠାରୁ ଅଧିକ ଏବଂ ସମାଜରେ ସାଧୁତା, କରୁଣା, ଶୃଙ୍ଖଳା ଏବଂ ଦାୟିତ୍ୱବୋଧରେ ପ୍ରତିଫଳିତ ହେବା ଉଚିତ।

ଓଡ଼ିଶା ଦିବସ ଅବସରରେ ରାଜ୍ୟପାଳ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ଏହି ଅବସରକୁ ଓଡ଼ିଶାର ସହଭାଗୀ ପରିଚୟ, ଏକତା ଓ ସ୍ଥାୟୀ ଆତ୍ମାର ଉତ୍ସବ ଭାବେ ବର୍ଣ୍ଣନା କରିଛନ୍ତି। ଓଡ଼ିଶାର ସମୃଦ୍ଧ ପ୍ରାକୃତିକ ଶୋଭା ସମ୍ପଦ ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ ରାଜ୍ୟର ବିସ୍ତୀର୍ଣ୍ଣ ସ୍ପନ୍ଦନଶୀଳ ଉପକୂଳ, ଘନ ଜଙ୍ଗଲ, ନଦୀ ଓ ଉର୍ବର ସମତଳ ଭୂମିର ଏକ ଅନନ୍ୟ ସଙ୍ଗମକୁ ପ୍ରତିନିଧିତ୍ୱ କରେ- ଯାହା ପ୍ରକୃତି ଓ ମାନବ ଜୀବନ ମଧ୍ୟରେ ଏକ ସୁସଜ୍ଜିତ ସହାବସ୍ଥାନର ପ୍ରତୀକ। ଓଡ଼ିଶାର ଐତିହାସିକ ଯାତ୍ରାକୁ ସ୍ମରଣ କରି ରାଜ୍ୟପାଳ କହିଛନ୍ତି ଯେ ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ରାଜ୍ୟ ଗଠନ ଏକ ଦୀର୍ଘ ଓ ଦୃଢ଼ ସଂଘର୍ଷର ପରିଣାମ ଥିଲା। ରାଜ୍ୟପାଳ କହିଛନ୍ତି ଯେ ଏହାର ମହାନ ନେତୃବୃନ୍ଦ ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ କରିବା ସହ ବିଭିନ୍ନ ପ୍ରଦେଶର ଶାସନ ଅଧୀନରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକୀକରଣ ପାଇଁ ମଧ୍ୟ ଲଢ଼ିଥିଲେ।

ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି, ନୀଳକଣ୍ଠ ଦାସ, ଗୌରୀଶଙ୍କର ରାୟ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଫକୀର ମୋହନ ସେନାପତିଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଯେଉଁମାନେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟପାଳ ଓଡ଼ିଶାର ସମୃଦ୍ଧ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ମଧ୍ୟ ଆଲୋକପାତ କରି ଉଲ୍ଲେଖ କରିଥିଲେ ଯେ ମହାପ୍ରଭୁ ଜଗନ୍ନାଥଙ୍କ ପରମ୍ପରା ଅନ୍ତର୍ଭୁକ୍ତି, ସମାନତା ଓ ବିଶ୍ୱ ଭ୍ରାତୃତ୍ୱକୁ ପ୍ରତିପାଦିତ କରିଥାଏ।

# ସ୍ୱ-ଗଣନା ସମ୍ପୂର୍ଣ୍ଣ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ, ୧୪: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରି ନିଜର ସ୍ୱ-ଗଣନା ସମ୍ପୂର୍ଣ୍ଣ କରିଛନ୍ତି। ଦେଶର ପ୍ରଥମ ନାଗରିକ ଭାବେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱ-ଗଣନା ବିକଳ୍ପ ମାଧ୍ୟମରେ ଜନଗଣନା ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଥିସହ ସେ ଦେଶବାସୀଙ୍କୁ ଏହି ପ୍ରକ୍ରିୟାରେ ଆଗ୍ରହର ସହ ଭାଗ ନେବା ସକାଶେ ଆହ୍ୱାନ ମଧ୍ୟ କରିଛନ୍ତି। ସେହିପରି ମୋଦି କହିଛନ୍ତି ଯେ ପ୍ରଥମ ଥର ପାଇଁ ଏହି ଜନଗଣନାରେ ତଥ୍ୟ ସଂଗ୍ରହ ପାଇଁ ଡିଜିଟାଲ୍ ମାଧ୍ୟମ ବ୍ୟବହାର କରି କରାଯାଉଛି। ଏହା ଦେଶବାସୀଙ୍କୁ ସେମାନଙ୍କ ପରିବାର ବିବରଣୀ ନିଜେ ପୂରଣ କରିବାକୁ ସକ୍ଷମ କରିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଦେଶବାସୀଙ୍କୁ ସେମାନଙ୍କ ପରିବାର ବିବରଣୀ ନିଜେ ପୂରଣ କରିବାକୁ ଓ ଜନଗଣନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ଆହୁରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି।

ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜିଠାରୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ଣ୍ଣାଟକ, ଲାକ୍ଷାଦ୍ୱୀପ, ମିଜୋରାମ, ଓଡ଼ିଶା, ସିକିମ ଏବଂ ରାଜଧାନୀ ଦିଲ୍ଲୀର ନୂଆଦିଲ୍ଲୀ ନଗର ପାଳିକା ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡ ଅଞ୍ଚଳ ସମେତ ୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱ-ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଉପରୋକ୍ତ ସ୍ଥାନର ପ୍ରାୟ ୫୫ ହଜାର ପରିବାର ଏହି ସୁବିଧା ପାଇଛନ୍ତି।

# ଆଜିଠୁ ପିୟୁସିସି ଯାଞ୍ଚ କଡ଼ାକଡ଼ି

କଟକ, ୧୪(ସଂଚାର ବ୍ୟୁରୋ): ଆସନ୍ତା କାଲିଠାରୁ ରାଜ୍ୟରେ ପୁଣି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ (ପିୟୁସିସି) ଯାଞ୍ଚ କଡ଼ାକଡ଼ି କରାଯିବ। ଯେଉଁମାନେ ଗାଡ଼ିର ପିୟୁସିସି କରିନଥିବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଯେଉଁମାନଙ୍କ ଗାଡ଼ି ଉପରେ ଟ୍ରାଫିକ୍ ଉଲ୍ଲଂଘନ ପାଇଁ ଜରିମାନା କରାଯାଇଥିଲା, ସେମାନଙ୍କ ପାଇଁ ପରିବହନ ବିଭାଗ ପକ୍ଷରୁ ଏକ ଓଟିଏସ୍ ସ୍କିମ୍ ଲାଗୁ କରାଯାଇଥିଲା। ଅର୍ଥାତ୍ ଧାର୍ଯ୍ୟ ସମୟ ମଧ୍ୟରେ ଜରିମାନା ରାଶିର ୫୦ ପ୍ରତିଶତ ପଇଠ କରିବାକୁ ପଡ଼ିବ ବୋଲି କୁହାଯାଇଥିଲା। ତେବେ ଏହି ଅବଧି ମଧ୍ୟ ଆଜି ଶେଷ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ୫ ମାସ ତଳୁ ଏହ ସ୍କିମ୍ ଲାଗୁ ହୋଇଥିଲେ ହେଁ ଇତିମଧ୍ୟରେ ମାତ୍ର ୨୫ ପ୍ରତିଶତ ଜରିମାନା ଅର୍ଥ ଆଦାୟ ହୋଇପାରିଛି। ତେଣୁ ଜରିମାନା ଅର୍ଥକୁ ଅଧିକରୁ ଅଧିକ ଆଦାୟ ପାଇଁ ଏସ୍‌ଟିଏଏ ପକ୍ଷରୁ ରାଜ୍ୟ ପରିବହନ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପ୍ରାୟ ଗୋଟିଏ ମାସ ପାଇଁ ପୁନର୍ବାର ଏହି ଅବଧି ବୃଦ୍ଧି ହେବ ବୋଲି ଜଣାପଡ଼ିଛି। ସେହିପରି ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟରେ ଗତ ୨୧ରୁ ଚାଲିଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ଆଜି ଶେଷ ହେଉଥିଲେ ହେଁ ଏହାକୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ବସ୍‌ରେ ପକେଟମାର ଅଭିଯୋଗରେ ଜଣେ ଗିରଫ

କୋଲକାତା, ୧୪(ସଂଚାର ବ୍ୟୁରୋ): ଲାଲବଜାରର ୱାଚ୍ ଶାଖାର ଗୋଇନ୍ଦାମାନେ ଆମହର୍ଷ୍ଟ ଷ୍ଟ୍ରିଟରେ ଏକ ଚଳନ୍ତା ବସ୍‌ରେ ଜଣେ ଯାତ୍ରୀଙ୍କଠାରୁ ୫୦ ହଜାର ଟଙ୍କା ପକେଟମାର କରିବା ଅଭିଯୋଗରେ ମହମ୍ମଦ ସୌବାଜ ଓରଫ ହାତିମ୍‌ଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ, ଗୋଇନ୍ଦାମାନେ ଇତିମଧ୍ୟରେ ୪୨ ହଜାର ୫୦୦ ଟଙ୍କା ଉଦ୍ଧାର କରିଛନ୍ତି। କୋଲକାତା ପୋଲିସର ଗୋଇନ୍ଦା ବିଭାଗର ମୁଖ୍ୟ ରୂପେଶ କୁମାର ଏହି ସୂଚନାକୁ ନିଶ୍ଚିତ କରିଛନ୍ତି। ଘଟଣାଟି ମାର୍ଚ୍ଚ ୭ ତାରିଖ ଅପରାହ୍ନରେ ଘଟିଥିଲା। ୨୧୫/୧ ରୁଟ୍‌ରେ ଚାଲୁଥିବା ଏକ ଘରୋଇ ବସ୍‌ରେ ମାଣିକତଲା କ୍ରସିଂରେ ଏହି ଚୋରି ଘଟିଥିଲା। ଅଭିଯୋଗ ଅନୁଯାୟୀ, ଯାତ୍ରୀ ଜଣକ ତାଙ୍କ ଟ୍ରାଉଜର ପକେଟ୍‌ରେ ରଖାଯାଇଥିବା ୫୦ ହଜାର ଟଙ୍କା ହରାଇବା ଜାଣିବା ପରେ ଆମହର୍ଷ୍ଟ ଷ୍ଟ୍ରିଟ୍ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ଏହି ଅଭିଯୋଗ ଆଧାରରେ, ପୋଲିସ ଏକ ମାମଲା ରୁଜୁ କରିଛି। ସ୍ଥାନୀୟ ଥାନା ସହିତ, ଲାଲବଜାରର ୱାଚ୍ ଶାଖାର ଗୋଇନ୍ଦାମାନେ ମଧ୍ୟ ତଦନ୍ତ ଆରମ୍ଭ କରିଛନ୍ତି। ପରବର୍ତ୍ତୀ ସମୟରେ, ସୂତ୍ର ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଲାଲବଜାର ଦଳ ରାଜାବାଗାନର ବାସିନ୍ଦା ମହମ୍ମଦ ସୌବାଜ ଓରଫ ହାତିମଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ପଚରାଉଚରା କରି, ଗୋଇନ୍ଦାମାନେ ସଫଳତାର ସହ ୪୨ ହଜାର ୫୦୦ ଟଙ୍କା ଉଦ୍ଧାର କରିଥିଲେ। ଗିରଫ ବ୍ୟକ୍ତିଙ୍କୁ ବୁଧବାର ଅପରାହ୍ନରେ, ଆଲିପୁର କୋର୍ଟରେ ହାଜର କରିଥିଲେ।

# ମଧୁସୂଦନଙ୍କୁ ପ୍ରଭାତ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି

କଟକ, ୧୪(ସଂଚାର ବ୍ୟୁରୋ): ଦଳମତ ନିର୍ବିଶେଷରେ ତଥା ରାଜନୀତିରେ ଉର୍ଦ୍ଧ୍ୱରେ ରହି ପବିତ୍ର ଓଡ଼ିଶ ଦିବସ ଅବସରରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଆଜି କଟକ ଜଗତପୁର ଗୋଲେଇ ଛକ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଜ୍ୟବାସୀ ଓଡ଼ିଶାର ଐକ୍ୟ, ପରମ୍ପରା, ସଂସ୍କୃତି ଓ ଓଡ଼ିଆ ଭାଷା, ଓଡ଼ିଆ ଜାତି ଏବଂ ଓଡ଼ିଆ ଅସ୍ମିତାର ଗାଥାକୁ ସବୁବେଳେ ମନେ ରଖି ସେହି ମହାନ ଚିନ୍ତାନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଲିଲେ ତାହା ହିଁ ହେବ ମଧୁସୂଦନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଡ. ବିଶ୍ୱାଳ କହିଛନ୍ତି।



# ରାତି ଅଧରେ ବିଧାନସଭା ଅଧିବେଶନ ବାତିଲ ନିଷ୍ପତ୍ତିର ପ୍ରତିବାଦ



● ନିନ୍ଦା ପ୍ରସ୍ତାବ ଉପରେ ଆଲୋଚନା ଚାହୁଁନାହାନ୍ତି ସରକାର: ବିଜେଡି

● ଦୁବେଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୧୪ (ସଂଚାର ବ୍ୟୁରୋ): ବିଜୁବାବୁଙ୍କ ବିଷୟରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଅରୁଚିକର ମନ୍ତବ୍ୟ ଉପରେ ବିଧାନସଭାରେ ନିନ୍ଦା ପ୍ରସ୍ତାବ ଆଣିବା ପାଇଁ ଗତକାଲି ବିଧିବଦ୍ଧ ଭାବେ ଲିଖିତ ଦାବି ରଖିବା ପରେ ଓ ବାଚସ୍ପତି ଏହାକୁ ଗ୍ରହଣ କରିବା ସହ ଏହାକୁ ବିଚାର କରିବେ ବୋଲି ଗୃହରେ ପ୍ରତିଶ୍ରୁତି ଦେବା ପରେ ଅଧରାତିରେ ବିଧାନସଭାର ଚଳିତ ଅଧିବେଶନକୁ ବନ୍ଦ କରିଦିଆଯିବାକୁ ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ସରକାରଙ୍କୁ ଦୋମୁହାଁ ସରକାରର ଆଖ୍ୟା ଦେଇଛନ୍ତି। ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅରୁଚିକର ମନ୍ତବ୍ୟ ସାରା ଦେଶକୁ ବ୍ୟଥିତ କରିଛି। ଏହି ମନ୍ତବ୍ୟ ସମଗ୍ର ଓଡ଼ିଆ ଜାତିକୁ ବ୍ୟଥିତ କରିଥିବା ବେଳେ ଏହାକୁ ନେଇ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଆଡ଼େ ପ୍ରତିବାଦ ହେଉଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏକ ରାଜନୈତିକ ଦଳ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦେଇନାହିଁ। ଗତକାଲି ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବା ସକାଶେ ବାଚସ୍ପତି କହିଥିଲେ ମଧ୍ୟ ମଧ୍ୟରାତ୍ରରେ ବିଧାନସଭାର ଅଧିବେଶନକୁ ବନ୍ଦ କରି ଦିଆଯାଇଛି।

ସେହିପରି ଶ୍ରୀ ନାୟକ କହିଥିଲେ ଯେ ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର କାହିଁକି ଓଡ଼ିଆ ଅସ୍ମିତାର ପ୍ରତୀକ ବିଜୁ ବାବୁଙ୍କ ଉପରେ ଏହି ଅପମାନ ସୂଚକ ମନ୍ତବ୍ୟ ନେଇ ମୁହଁରେ ତୁଣ୍ଡି ଦେଇ ବସିଛି। ନିନ୍ଦା ପ୍ରସ୍ତାବ ମାଧ୍ୟମରେ ବିଧାନସଭାରେ ଆଲୋଚନା ଦାବି ହେବା ପରେ ଅଧିବେଶନକୁ ବାତିଲ କରି ଦିଆଯାଉଛି। ୨୦୧୮ରେ ଓଡ଼ିଆ ଅସ୍ମିତାକୁ ଆଘାତ ଦେଲା ଭଳି ଅଭିଜିତ୍ ଆୟାର ମିତ୍ର ନାମକ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଟ୍ୱିଟ କରିଥିଲେ, ଯାହା ବିରୋଧରେ ନବୀନ ସରକାର ଦୃଢ଼ ପଦକ୍ଷେପ ନେଇଥିଲେ। ସେଥିପାଇଁ ଆୟାରଙ୍କୁ ୪୪ ଦିନ ଜେଲରେ ରହିବାକୁ ପଡ଼ିଥିଲା।

ଏହାଛଡ଼ା ଶ୍ରୀ ମିଶ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀ କି ରାଜ୍ୟ ବିଜେପି କି କେନ୍ଦ୍ର ବିଜେପି କେହି ବି ଘଟଣାକୁ ନିନ୍ଦା କରୁନ ଥିବାରୁ ଏହା ପଛରେ ବିଜୁବାବୁଙ୍କ ଭଳି ମହାନ ଜନନେତାଙ୍କ ପ୍ରତିଷ୍ଠା ଓ ସମ୍ମାନକୁ କ୍ଷୁଣ୍ଣ କରିବା ସକାଶେ ଷଡ଼ଯନ୍ତ୍ର ହୋଇଥିବା ବେଳେ ଏଥିରେ ବିଜେପି ସାମିଲ ଅଛି ବୋଲି ଧରିନେବାକୁ ହେବ।

# 'ଜୟ ବାଂଲା' ପାଲଟା 'ଜୟ ଶ୍ରୀରାମ'ରେ ଜୋତରାମ ଉଷ୍ମ



କୋଲକାତା, ୧୪ (ସଂଚାର ବ୍ୟୁରୋ): ବିଜେପି ପ୍ରାର୍ଥୀ ଅଞ୍ଚଳରେ ପ୍ରବେଶ କରିବା ମାତ୍ରେ ଜୟ ବାଂଲା, ପାଲଟା ଜୟ ଶ୍ରୀରାମ ସ୍ଲୋଗାନରେ ଉତ୍ତପ୍ତ ହେଲା ପୂର୍ବ ବର୍ଦ୍ଧମାନର ଜୋତରାମ। ବିଧାନସଭା ନିର୍ବାଚନର ତାରିଖ ନିକଟତର ହେବା ସହ ଜିଲ୍ଲାରେ ରାଜନୈତିକ ପ୍ରଚାର କ୍ରମାଗତ ଭାବରେ ତୀବ୍ର ହେଉଛି। ବୁଧବାର ବର୍ଦ୍ଧମାନ ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ସଞ୍ଜୟ ଦାସଙ୍କ ପ୍ରଚାରକୁ ନେଇ ଏକ ଉଚ୍ଚ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଜେପି ପ୍ରାର୍ଥୀ ବର୍ଦ୍ଧମାନ-୨ ବ୍ଲକରେ ଥିବା ଜୋତରାମ ଭୀମରାଜ ମନ୍ଦିରରେ ପ୍ରାର୍ଥନା କରି ତାଙ୍କର ପ୍ରଚାର ଆରମ୍ଭ କରିଥିଲେ। ବିଜେପି କର୍ମୀ ଏବଂ ସମର୍ଥକମାନେ ପହଞ୍ଚିବା ମାତ୍ରେ, ଅନେକ ସ୍ଥାନୀୟ ମହିଳା କଳା କପଡା ମୁହଁରେ ଘୋଡାଇ ପ୍ରାର୍ଥୀଙ୍କ ଆଡ଼କୁ ନିର୍ଦ୍ଦେଶ ଦେଇ 'ଜୟ ବାଂଲା' ସ୍ଲୋଗାନ ଦେବାକୁ ଲାଗିଲେ। ତୁରନ୍ତ ପ୍ରତିଶୋଧ ନେବା ପାଇଁ, ବିଜେପି କର୍ମୀ ଏବଂ ସମର୍ଥକମାନେ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ସ୍ଲୋଗାନ ଏବଂ ପାଲଟା ସ୍ଲୋଗାନର ଆଦାନପ୍ରଦାନ ଅଞ୍ଚଳରେ ଏକ ଉତ୍ତପ୍ତ ଏବଂ ଅସ୍ଥିର ପରିବେଶ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ, ବିଜେପି ପ୍ରାର୍ଥୀ ସଞ୍ଜୟ ଦାସ ଜୋତରାମରୁ ଅମିରପୁର ଦେଇ କାନ୍ଦରସୋନା ପର୍ଯ୍ୟନ୍ତ ଏକ ଜନସମ୍ପର୍କ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ସଞ୍ଜୟ ଦାସ ଅଭିଯୋଗ କରିଛନ୍ତି, 'ଜୟ ବାଂଲା' ସ୍ଲୋଗାନ ଦେଉଥିବା ଲୋକଙ୍କ ମଧ୍ୟରୁ କେହି ଅଞ୍ଚଳର ସାଧାରଣ ବାସିନ୍ଦା ନଥିଲେ, କିଛି ପଞ୍ଚାୟତ ସଦସ୍ୟ ଥିଲେ, ଯେତେବେଳେ ଅନ୍ୟମାନେ ପ୍ରଧାନ ଥିଲେ। ତେଣୁ, ଏହା କେବଳ ତୃଣମୂଳ କଂଗ୍ରେସର ଏକ ଚାଲ। ତେବେ, ଜିଲ୍ଲା ତୃଣମୂଳ କଂଗ୍ରେସର ସାଧାରଣ ସମ୍ପାଦକ ବାଗବୁଲ ଇସଲାମ ବ୍ୟଙ୍ଗାତ୍ମକ ଭାବରେ ପାଲଟା ଜବାବ ଦେଇଛନ୍ତି, 'ବିଜେପି ମହିଳାମାନଙ୍କୁ ସମ୍ମାନ ଦିଏ ନାହିଁ। ଏହା କେବଳ ସେହି ମନୋଭାବର ପ୍ରତିଫଳନ।

## ବ୍ୟବସାୟୀଙ୍କୁ ଠକେଇ ଅଭିଯୋଗରେ ଦୁଇ ଗିରଫ

କୋଲକାତା, ୧୪(ସଂଚାର ବ୍ୟୁରୋ): ଧଳା କାଗଜର ବଣ୍ଡଲ ଉପରେ କଲର ଜେରକ୍ସ ବହୁ ନକଲି ୫୦୦ ଟଙ୍କିଆ ନୋଟ୍ ରଖାଯାଇଥିଲା। ଏହି କୌଶଳ ବ୍ୟବହାର କରି, ଦୁଇଜଣ ବ୍ୟକ୍ତିଙ୍କୁ ସହରର ଜଣେ ବ୍ୟବସାୟୀଙ୍କୁ ଏପରି ବହୁ ବଣ୍ଡଲ ଯାହା ପ୍ରାୟ ୩୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଚେଷ୍ଟା କରୁଥିବା ବେଳେ ଗିରଫ କରାଯାଇଥିଲା। ରାଜସ୍ଥାନର ବାସିନ୍ଦା ଦୁଇ ଅଭିଯୁକ୍ତଙ୍କୁ ସୋମବାର ହେୟାରଷ୍ଟ୍ରିଟ୍ ଥାନାର ପୋଲିସ ଗିରଫ କରିଥିଲା। ଗିରଫ ବ୍ୟକ୍ତିଙ୍କ ହେପାଜତରୁ ଉପରୋକ୍ତ କାଗଜ ବଣ୍ଡଲ ଜବତ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ ବ୍ୟାଙ୍କଶାଲ୍ କୋର୍ଟରେ ହାଜର କରାଯାଇଥିଲା। ବିଚାରପତି ସେମାନଙ୍କୁ ଏପ୍ରିଲ ୨ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇ ଦେଇଥିଲେ। ସରକାରୀ ଓକିଲ ଅଭିଜିତ୍ ଚଟ୍ଟୋପାଧ୍ୟାୟ କହିଛନ୍ତି ଯେ ଗିରଫ ବ୍ୟକ୍ତିଙ୍କ ବିରୁଦ୍ଧରେ ଜାଲିଆତି ଏବଂ ଠକେଇ ମାମଲା ରୁଜୁ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତଦନ୍ତ ପାଇଁ ଆବଶ୍ୟକ ମନେ ହେଲେ, ୫୦୦ ଟଙ୍କିଆ ନୋଟ୍‌ର ଉଦ୍ଧାର ରଙ୍ଗୀନ ଫଟୋକପି ଫରେନସିକ୍ ପରୀକ୍ଷା ପାଇଁ ପଠାଯିବ। କାର୍ଯ୍ୟକାଳ ସମୟରେ, ଗିରଫ ବ୍ୟକ୍ତିଙ୍କ ପ୍ରତିରକ୍ଷା ଓକିଲ କୋର୍ଟରେ ଜାମିନ ଆବେଦନ କରିଥିଲେ, ଯେକୌଣସି ସର୍ତ୍ତରେ ଜାମିନ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ, ତେବେ ସରକାରୀ ଓକିଲ ଏହି ଆବେଦନ ଉପରେ ଦୃଢ଼ ଆପତ୍ତି ଦାଖଲ କରିଥିଲେ।

## ବ୍ୟାଗଭର୍ତ୍ତି ଅସ୍ତ୍ର ସହ ପୁଲିସ୍ କବ୍‌ଜାରେ ଯୁବକ

କୋଲକାତା, ୧୪(ସଂଚାର ବ୍ୟୁରୋ): ବିଧାନସଭା ନିର୍ବାଚନ ସୂଚୀ ଘୋଷଣା ପରେ ପୁଲିସ ପ୍ରଶାସନ ରାଜ୍ୟବ୍ୟାପୀ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ଏକ ମୁକ୍ତ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ, ବିଭିନ୍ନ ସ୍ଥାନରେ ଚେକପୋଷ୍ଟ ସ୍ଥାପନ କରାଯାଇଛି। ଏହି କଡ଼ା ସତର୍କତା ମଧ୍ୟରେ, ନଦିଆ ଜିଲ୍ଲାର ତାହେରପୁର ଥାନା ପରିସରରେ ପୋଲିସ ଜଣେ ଅସ୍ତ୍ର ସହ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ବନ୍ଧୁକ, ଏକ ରାଉଣ୍ଡ ଗୁଳି ଏବଂ ଅନ୍ୟାନ୍ୟ ଧାରୁଆ ଅସ୍ତ୍ର ଜବତ କରାଯାଇଛି। ପୋଲିସ ସୂତ୍ର ଅନୁଯାୟୀ, ମଙ୍ଗଳବାର ରାତିରେ ତାହେରପୁର ଥାନା ଅଞ୍ଚଳରେ ନିୟମିତ ନାକା ଚେକିଂ କରାଯାଉଥିଲା। ସେହି ସମୟରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀମାନେ ଜଣେ ଯୁବକଙ୍କୁ ସନ୍ଦେହଜନକ ଭାବରେ ବୁଲୁଥିବା ଦେଖି ତାଙ୍କୁ ଅଟକାଇଥିଲେ। ପଚରାଉଚରା କରିବା ପରେ ତାଙ୍କ ବୟାନରେ ଅସଙ୍ଗତି ଜଣାପଡ଼ିଲା। ଏହାପରେ ପୁଲିସ ତାଙ୍କ ପିଠିରେ ଥିବା ବ୍ୟାଗକୁ ଚେକିଂ କରିଥିଲା। ତଲାସରେ ଏକ ବନ୍ଧୁକ, ଗୋଟିଏ ରାଉଣ୍ଡ ଗୁଳି ଏବଂ ଅନେକ ଧାରୁଆ ଅସ୍ତ୍ର ମିଳିଥିଲା। ପୋଲିସ ଘଟଣାସ୍ଥଳରୁ ଯୁବକଙ୍କୁ ଗିରଫ କରିଥିଲା। ବୁଧବାର ତାଙ୍କୁ ରାଣାଘାଟ ନ୍ୟାୟିକ କୋର୍ଟରେ ହାଜର କରାଯାଇଥିଲା। ନିର୍ବାଚନ ପୂର୍ବରୁ ଏହି ଅସ୍ତ୍ର ଉଦ୍ଧାର ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ଅସ୍ତ୍ର ସହିତ କୌଣସି ବଡ଼ ଧରଣର ଅନ୍ତର୍ଘାତୀ କାର୍ଯ୍ୟର ଷଡଯନ୍ତ୍ର କିମ୍ବା କୌଣସି ରାଜନୈତିକ ଲିଙ୍କ ଅଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ସାରା ସୁରକ୍ଷା ଏବଂ ନଜରକୁ ଆହୁରି କଡ଼ାକଡ଼ି କରାଯାଇଛି।

## ୬ଟି ସ୍ଥାନରେ ଇଡି ଚଢ଼ାଉ

କୋଲକାତା, ୧୪(ସଂଚାର ବ୍ୟୁରୋ): ରାଜ୍ୟରେ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ସକ୍ରିୟ ହୋଇଛି। ଆଜି ସକାଳୁ ଇଡି ସହରର ୬ଟି ସ୍ଥାନରେ ତଲାସ ଚଳାଇଛି। ଏଥିମଧ୍ୟରୁ ପ୍ରମୁଖ ହେଉଛି ବିଶ୍ୱଜିତ ପୋଦ୍ଦାର ଓରଫ 'ସୋନା ପପ୍ପୁ'ଙ୍କ ବାସଭବନ ଯିଏ ବାଲିଗଞ୍ଜ ଅଞ୍ଚଳର ଜଣେ କୁଖ୍ୟାତ ବ୍ୟକ୍ତି ଭାବରେ ପରିଚିତ। ଏହା ସହିତ, ସନ୍ ଏଣ୍ଟରପ୍ରାଇଜେସ୍ ନାମକ ଏକ ନିର୍ମାଣ ସଂସ୍ଥାର କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରାଯାଇଛି। ଅଭିଯୋଗଗୁଡ଼ିକ ସୂଚାଇ ଦେଉଛି ଯେ ନିର୍ମାଣ ବ୍ୟବସାୟରେ ବିପୁଳ ପରିମାଣର 'କଳା ଟଙ୍କା' ବିନିଯୋଗ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଆ...

ରାଜ୍ୟ ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହା ଖୁବ୍ ଶୀଘ୍ର ଆରମ୍ଭ ହେବ। ଐତିହାସିକ ବକୁଳବନର ପୁନରୁଦ୍ଧାର ଓ ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବିନିଯୋଗ କରାଯିବ। ଏହାକୁ ଏକ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଶିକ୍ଷା କେନ୍ଦ୍ରରେ ପରିଣତ କରାଯାଇ ଏହାର ଐତିହାସିକ ପରିଚୟକୁ ସୁରକ୍ଷିତ କରାଯିବ। ଏଥିସହ ୪୯୫ କୋଟିରେ ସତ୍ୟବାଦୀ ଅଞ୍ଚଳର ପୁନର୍ବିକାଶ କରାଯିବ। ଏଠାରେ ହେରିଟେଜ କରିଡର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଆମ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ପାଇଁ ସମ୍ପୂର୍ଣ୍ଣଭାବେ ପ୍ରତିବଦ୍ଧ। ଗୋଟିଏ ଜାତିର ଉତ୍ଥାନର ମୂଳଶକ୍ତି ହେଉଛି ତା'ର ଅସ୍ମିତା। ଅସ୍ମିତା ବିନା ଗୋଟିଏ ଜାତି ଆତ୍ମାବିହୀନ ମେସିନ ପରି। ତେଣୁ ଅର୍ଥନୈତିକ ବିକାଶ ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଆମର ପ୍ରାଥମିକତା। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପରମ ଆରାଧ୍ୟ। ଜଗନ୍ନାଥଙ୍କ ଭକ୍ତିରେ ହିଁ ଓଡ଼ିଆ ଜାତିର ଶକ୍ତି। ତାଙ୍କ ଆଶୀର୍ବାଦରେ ଓଡ଼ିଶା ଆଜି ୯୦ଟି ଗୌରବମୟ ବର୍ଷ ଅତିକ୍ରମ କରି ବର୍ତ୍ତମାନରେ ପହଞ୍ଚିଛି। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଓ ପୁରୀ ସହରର ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ।

ମହାପ୍ରଭୁଙ୍କ ମହିମାର ପ୍ରସାର ପାଇଁ ପୁରୀଠାରେ ଏକ ହଜାର କୋଟି ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପ୍ରତିଷ୍ଠା କରାଯିବା ସହିତ ଗୁଣ୍ଡିଚା ମନ୍ଦିର, ଏମାର ମଠ ଓ ରଘୁନନ୍ଦନ ଲାଇବ୍ରେରୀ ଭଳି ଐତିହାସିକ ଓ ଆଧ୍ୟାତ୍ମିକ ପୀଠର ଗୌରବର ପୁନଃଉଦ୍ଧାର କରାଯିବ। ପୁରୀକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ଆମ ସରକାର ୧୫୦୦ ଏକର ପରିମିତ ଅଞ୍ଚଳରେ ଶାମୁକା ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହି ପ୍ରକଳ୍ପ ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମି ସମନ୍ୱୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ସେ କହିଥିଲେ। ପୁରୀଠାରେ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ପ୍ରତିଷ୍ଠା କରାଯିବ। ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନେଇଛୁ। ଏଥିସହ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାର ପୁନରୁଦ୍ଧାର କରାଯାଇ ଏହାକୁ ମଧ୍ୟ ବିଶ୍ୱସ୍ତରୀୟ ଇକୋଟୁରିଜମ୍ ହବରେ ପରିଣତ କରାଯିବ। ପୁରୀରେ ଏୟାରପୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଛି। ଭୁବନେଶ୍ୱରରୁ ପୁରୀ ଜାତୀୟ ରାଜପଥର ପ୍ରଶସ୍ତିକରଣ କରାଯିବ। ସମଗ୍ର ପୁରୀ ଜିଲ୍ଲା ଏକ ବିକଶିତ ଅଞ୍ଚଳରେ ପରିଣତ ହେବାକୁ ଯାଉଛି ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ପ୍ରାୟ ୮୦ ହଜାର କୋଟି ଟଙ୍କାର ଜାତୀୟ ରାଜପଥ କାମ ଜାରି ରହିଛି। ସରକାର ମଧ୍ୟ ତିନୋଟି ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ପାଇଁ ଯୋଜନା କରିଛନ୍ତି। ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ୨୮୭ କିଲୋମିଟର ବିଶ୍ୱସ୍ତରୀୟ ସଡକ ୯ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ପାରଳାଖେମୁଣ୍ଡିରୁ ବରଗଡର ଅମ୍ବାଭନା ପର୍ଯ୍ୟନ୍ତ ନମୋ-ଏକ୍ସପ୍ରେସ୍ ୱେ ନିର୍ମାଣ କରାଯିବ। ଏହାସହିତ ଦକ୍ଷିଣରୁ ଉତ୍ତରକୁ ଯୋଡି ମାଲକାନଗିରିର ମୋଟୁଠାରୁ ମୟୂରଭଞ୍ଜର ତିରିଙ୍ଗି ପର୍ଯ୍ୟନ୍ତ ୯୬୯ ଦୀର୍ଘ ଅଟଳ ଏକ୍ସପ୍ରେସ୍ ୱେ ମଧ୍ୟ ନିର୍ମାଣ କରାଯିବ ବୋଲି ସେ କହିଥିଲେ।

ପୁରୀରେ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ସହ ଆହୁରି ୭ଟି ଏୟାରପୋର୍ଟ ନିର୍ମାଣ ପାଇଁ ଯୋଜନା କରାଯାଉଛି। ପ୍ରାୟ ୧୫ଟି ଜିଲ୍ଲାରେ ଗୋଟିଏ ହେଲିପୋର୍ଟ ମଧ୍ୟ କରାଯିବ। ସାମୁଦ୍ରିକ ବାଣିଜ୍ୟ ଓ ଯୋଗାଯୋଗ ପାଇଁ କେନ୍ଦ୍ରାପଡ଼ାଠାରେ ପ୍ରାୟ ୨୫ ହଜାର କୋଟି ଟଙ୍କା ବିନିଯୋଗରେ ଏକ ମେଗା ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯିବ। ଗଞ୍ଜାମର ବାହୁଦାଠାରେ ପ୍ରାୟ ୨୨ ହଜାର କୋଟି ଟଙ୍କା ବିନିଯୋଗରେ ଏକ ସାଟେଲାଇଟ୍ ପୋର୍ଟ ସହ ଅନେକ ଛୋଟ ଛୋଟ ବନ୍ଦର ନିର୍ମାଣର ପ୍ରକ୍ରିୟା ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ମୁଖ୍ୟମନ୍ତ୍ରୀ ପାଠ କରିବା ସହ ଉଭୟଙ୍କୁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା...

ଏବଂ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର ହେବ। ଅନ୍ୟପକ୍ଷରେ ବେତନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଖର୍ଚ୍ଚ ବ୍ୟତୀତ, ସମ୍ବିଧାନର ଏକାଦଶ ଅନୁସୂଚୀରେ ଅନ୍ତର୍ଭୁକ୍ତ ୨୯ ବିଷୟ ଅଧୀନରେ ଅଞ୍ଚଳଭିତ୍ତିକ ଆବଶ୍ୟକତା ପାଇଁ ପଞ୍ଚାୟତିରାଜ ପ୍ରତିଷ୍ଠାନ କିମ୍ବା ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଅଣବନ୍ଧିତ ଅନୁଦାନ ବ୍ୟବହାର କରାଯାଏ।

## ୪ ମନ୍ତ୍ରୀ...

ଝାରସୁଗୁଡ଼ା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କରାଯାଇଛି। ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ସିତାଂଶୁ ଶେଖର ମହାପାତ୍ର। ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି। ରଘୁରାମ ମାଛ ହୋଇଛନ୍ତି କୋରାପୁଟ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ବଲାଙ୍ଗୀର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ। ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା। କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ହୋଇଛନ୍ତି ବୌଦ୍ଧ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ଢେଙ୍କାନାଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ। ନିଆଳି ବିଧାୟକ ଛବି ମଲ୍ଲିକ ହୋଇଛନ୍ତି କଟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ।

ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ହୋଇଛନ୍ତି ଗଞ୍ଜାମ ଜିଲ୍ଲା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ଜଗତସିଂହପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ ଅମରେନ୍ଦ୍ର ଦାସ। ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି କୋରେଇ ବିଧାୟକ ଆକାଶ ଦାସନାୟକ। କଳାହାଣ୍ଡି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ସୁଧୀର ରଞ୍ଜନ ପାଟ୍ଟଯୋଶୀ। କନ୍ଧମାଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ଉମା ଚରଣ ମଲ୍ଲିକ। କେନ୍ଦ୍ରାପଡା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ। ଫକୀର ମୋହନ ନାୟକଙ୍କୁ କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ସେହିଭଳି ଗୌରୀ ଶଙ୍କର ମାଝୀ ହୋଇଛନ୍ତି ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ନରସିଂହ ମାଡ଼କାମୀ ହୋଇଛନ୍ତି ମାଲକାନଗିରି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ହୋଇଛନ୍ତି ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ଭାସ୍କର ମଢେଇ। ଦୁଷ୍ମନ୍ତ କୁମାର ସ୍ୱାଇଁ ହୋଇଛନ୍ତି ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ଜୟ ଢୋଲକିଆ ହୋଇଛନ୍ତି ନୂଆପଡା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ଓମ ପ୍ରକାଶ ମିଶ୍ର ହୋଇଛନ୍ତି ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ। ଏହାଛଡ଼ା ରଘୁନାଥ ଜଗଦଲାଙ୍କୁ ସୁବର୍ଣ୍ଣପୁର ଓ ଦୁର୍ଗା ଚରଣ ତନ୍ତିଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ମିଳିଛି।

## ନିସର୍ତ୍ତ...

ବିଜେଡି ଓ କଂଗ୍ରେସ।

ରାଜଧାନୀରୁ ଦିଲ୍ଲୀ ଯାଏଁ ଦଳ ମତ ନିର୍ବିଶେଷରେ ସମାଲୋଚନା ଆଉ ବଢୁଥିବା ଆକ୍ରୋଶ ଭିତରେ କ୍ଷମା ମାଗିଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ସେ ଆଜି 'ଏକ୍ସ'ରେ ନିଜ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ଦେଇଥିବା ବୟାନକୁ ଭୁଲ ଢଙ୍ଗରେ ଉପସ୍ଥାପନ କରାଗଲା। ବିଜୁବାବୁ ସବୁବେଳେ ଉତ୍ତୁଙ୍ଗ ନେତୃତ୍ୱ ଥିଲେ ଓ ରହିବେ। କାହାକୁ ମୋ ବୟାନ କଷ୍ଟ ଦେଇଥିଲେ ନିଃସର୍ତ୍ତ କ୍ଷମା ମାଗୁଛି ବୋଲି ଦୁବେ କହିଛନ୍ତି। ଏଥିସହ ଏହା ସମ୍ପୂର୍ଣ୍ଣ ଭାବେ ତାଙ୍କର ବ୍ୟକ୍ତିଗତ ବୟାନ କହି ଦଳକୁ ଏହି ପ୍ରସଙ୍ଗଠାରୁ ଦୂରେଇବାକୁ ଚାହିଁଛନ୍ତି ନିଶିକାନ୍ତ। ହେଲେ ନିଶିକାନ୍ତଙ୍କ କ୍ଷମା ପ୍ରାର୍ଥନାକୁ ସହଜରେ ଗ୍ରହଣ କରିନାହାନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଅକ୍ଷମଣୀୟ ଦୋଷର ଦ୍ୱାହି ଦେଇ ଅତନୁ ସବ୍ୟସାଚୀ କହିଛନ୍ତି, ଗୋଇଠା ମାରି ବିଷ୍ଣୁ ହେବା ନିଶିକାନ୍ତଙ୍କ ଅଭ୍ୟାସ। ସ୍ୱର ମିଳାଇ କଂଗ୍ରେସ କହିଛି, ସ୍ୱାଧୀନତା ସଂଗ୍ରାମୀଙ୍କୁ ଅସମ୍ମାନ କରିବା ବିଜେପି ନେତାଙ୍କ ପୁରୁଣା ଅଭ୍ୟାସ।

ନିଶିକାନ୍ତ କ୍ଷମା ମାଗିଥିଲେ ମଧ୍ୟ ବିଜେଡି ପକ୍ଷରୁ ଜୋରଦାର ପ୍ରତିବାଦ ଜାରି ରହିଛି। କଟକରେ ନିଶିକାନ୍ତଙ୍କ କୁଶପୁତ୍ତଳିକାକୁ ସାଙ୍କେତିକ ଭାବେ ମାନସିକ ରୋଗୀ ଦର୍ଶାଇ ଆମ୍ବୁଲାନ୍ସ ଯୋଗେ ଏସସିବି ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟପଟେ ନିଶିକାନ୍ତଙ୍କ ସମର୍ଥନରେ ବାହାରି ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି ଯେ କ୍ଷମା ମାଗିବା ପରେ ଏହି ପ୍ରସଙ୍ଗକୁ ନେଇ ବିଜେଡି ବିରୋଧ ବନ୍ଦ କରିବା ଦରକାର।

## ଓଡ଼ିଆରେ ଚିଠି...

ଶତମୁଖ ହୋଇଛନ୍ତି। ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଜନ୍ମ ଓଡ଼ିଶା ମାଟିରେ ଜନ୍ମ ନେଇଥିଲେ। ତାଙ୍କର ଜୀବନ ଅସାଧାରଣ ଶକ୍ତି, ସାହସ ଓ ଦେଶ ଗଠନ ପାଇଁ ଅତୁଟ ସମର୍ପଣର ପ୍ରତୀକ। ବିଜୁ ବାବୁଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କୁ ଅନୁପ୍ରାଣିତ କରିଥାଏ ବୋଲି ସେ କହିଛନ୍ତି। ଗତ ଏକ ଦଶନ୍ଧି ଧରି ଓଡ଼ିଶାର ପ୍ରଗତି ତଥା ଏହାର ଲୋକଙ୍କ ସମୃଦ୍ଧି ପାଇଁ କାମ କରିବାର ସୁଯୋଗ ପାଇଥିବାରୁ ସେ ଏହାକୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ବୋଲି କହିଛନ୍ତି।

ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହୋଇଥିବା ବିକାଶ ଏବଂ କେନ୍ଦ୍ରର ସହଯୋଗ ସମ୍ପର୍କରେ ଉଲ୍ଲେଖ କରି ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ହୋଇଥିବା ବିକାଶକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଓଡ଼ିଶା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଶିକ୍ଷା...

ହ୍ୟାଣ୍ଡବୁକ୍ ପ୍ରଦାନ କରାଯିବ। ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ଯାଞ୍ଚ କରିବା ପାଇଁ ଅତ୍ୟାଧୁନିକ ଆସେସମେଣ୍ଟ ଫ୍ରେମୱାର୍କ ପ୍ରସ୍ତୁତ କରାଯାଇଛି। ଶ୍ରୀ ପ୍ରଧାନ ଏହି ପାଠ୍ୟକ୍ରମକୁ କାର୍ଯ୍ୟକାରୀ କରିଥିବା ଯୋଗୁଁ ସିବିଏସଇ ଓ ଏନସିଇଆରଟିକୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ।

## ବଢ଼ିବନି...

କିନ୍ତୁ ଏହି ରିପୋର୍ଟରେ କୌଣସି ଠୋସ ଅଗ୍ରଗତି ହୋଇଥିବା ଦେଖିବାକୁ ମିଳୁନାହିଁ ବୋଲି ଟ୍ରିବ୍ୟୁନାଲ ଗତ ୨୮ ତାରିଖରେ ହୋଇଥିବା ଶୁଣାଣି ସମୟରେ କହିଥିଲେ। ହେଲେ ଆସନ୍ତା ଶୁଣାଣି ସମୟରେ ଆପୋଷ ଆଲୋଚନାରେ ଆଖିଦୃଶିଆ ଅଗ୍ରଗତି ପରିଲକ୍ଷିତ ହେବ ବୋଲି ଦୁଇ ରାଜ୍ୟର ଆଇନଜୀବୀ ଟ୍ରିବ୍ୟୁନାଲକୁ ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ଆପୋଷ ଆଲୋଚନାରେ ବୈଷୟିକ କମିଟି କିଛି ପ୍ରସଙ୍ଗରେ ଆପତ୍ତି ଉଠାଇଥିବାରୁ ସେମାନେ ରିପୋର୍ଟ ଦାଖଲ କରିନଥିବା ଦୁଇ ରାଜ୍ୟ ପକ୍ଷରୁ କୁହାଯାଇଥିଲା। ଆସନ୍ତା ୧୩ରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ସରୁଥିବାରୁ ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ସମୟ ଧାର୍ଯ୍ୟ ହୋଇଛି। ତା' ପୂର୍ବରୁ ଆପୋଷ ସମାଧାନରେ ଠୋସ ଅଗ୍ରଗତି ହୋଇଥିବା ନେଇ ଟ୍ରିବ୍ୟୁନାଲ ଆଶା ପ୍ରକାଶ କରିଛନ୍ତି।

## ସନ୍ଦେହରେ...

ଅଭିଯୋଗ ବି ଆଣିଥିଲେ। ଏବେ ସେଇ ପିସିସି ସଭାପତି ନିଜର ରାଜନୈତିକ ସ୍ଥିରତା ପାଇଁ ବିଜେଡିକୁ କାନ୍ଧରେ ଲାଉ କରିଛନ୍ତି। ହେଲେ ରାଜନୈତିକ ସମୀକ୍ଷକଙ୍କ ଆକଳନ ଅନୁଯାୟୀ, ବିଜେଡି କେତେବେଳେ ବେତାଳ ଭଳି କଂଗ୍ରେସ ହାତ ଛାଡ଼ିଦେବ, ତାହା କହିହେବନି। କାରଣ ନବୀନ ପଟ୍ଟନାୟକ ଓ ବିଜେପିର ସର୍ବୋଚ୍ଚ ନେତାମାନଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ କାହାକୁ ଅଛପା ନୁହେଁ। ବିଜେପିର ଶୀର୍ଷ ନେତାମାନେ ମଧ୍ୟ ନବୀନଙ୍କୁ କେବେ ବି ଅସମ୍ମାନ କରନ୍ତି ନାହିଁ। ଏପରିକି ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ପ୍ରସଙ୍ଗରେ ଖୋଦ ପ୍ରଧାନମନ୍ତ୍ରୀ ତାଳି ପକାଇଛନ୍ତି। ଆଜି ସେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଓଡ଼ିଆ ଚିଠିରେ ବିଜୁ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି।

ଏଭଳି ସମୀକରଣକୁ ଦେଖି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି ଯେ କଂଗ୍ରେସ ସହ ବିଜେଡିର ଏହି ବୁଝାମଣା ସାମୟିକ ଏବଂ ଏହା ବିଜେପି ଇଙ୍ଗୀତରେ ହୋଇଛି। କାରଣ କଂଗ୍ରେସର ଉତଥାନ ବିଜେପି ପାଇଁ ସଙ୍କଟ। ତେଣୁ କଂଗ୍ରେସ କାନ୍ଧରେ ବିଜେଡିକୁ ଲାଉ କରାଇ କିଛି ବର୍ଷ ପାଇଁ ବୁଲାଇବେ। ଆଉ ଠିକ ନିର୍ବାଚନ ଆସିଲେ ବିଜେଡି ବେତାଳ ସଦୃଶ ଉଡ଼ିଯିବ ଆଉ କଂଗ୍ରେସ ପୁଣି ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ଦୌଡୁଥିବ। ତେବେ ରାଜନୀତିରେ କେତେବେଳେ କ'ଣ ହେବ ତାହା କହିବା ମୁସ୍କିଲ। ହୁଏତ ୨୦୨୯ରେ ବିଜେଡି ଓ କଂଗ୍ରେସ ମେଣ୍ଟ କରିପାରନ୍ତି। କିନ୍ତୁ ତାହା ସମୟ କହିବ।

## ଜଙ୍ଗଲରେ ପୁଲିସର ଚଢ଼ାଉ
# ୨୧୧୬ କିଲୋ ଗଞ୍ଜେଇ ଜବତ

ଫୁଲବାଣୀ,୧୪(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ପୁଲିସ ମୁଖିଆ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ତରଫରୁ ଗଞ୍ଜେଇ କାରବାର ଉପରେ ରୋକ ଲଗେଇବା ପାଇଁ ଧରପଗଡ଼ ଜାରି ରହିଥିବା ବେଳେ ଜିଲ୍ଲାରେ ଗଞ୍ଜେଇ କରବାରକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସିଥିବା ଫିରିଙ୍ଗିଆ ପୁଲିସ ମଧ୍ୟ ଏହି ଗଞ୍ଜେଇ ଧରପଗଡ଼ ଅଭିଯାନ ଜାରି ରଖିଛି । ଏହି ପରିପେକ୍ଷୀରେ ସୋମବାର ଦିନ ଫିରିଙ୍ଗିଆ ପୁଲିସକୁ ମିଳିଛି ଏକ ବଡ଼ ସଫଳତା ପୁଲିସର ସୂଚନା ଅନୁସାରେ ସୋମବାର ଏହି ଫିରିଙ୍ଗିଆ ଥାନା ଅଧୀନରେ ଥିବା ସାଡୀଙ୍ଗିଆ ଗ୍ରାମ୍ୟ ଜଙ୍ଗଲ ରେ ଚାଲାଣ ପାଇଁ ବିପୁଳ ପରିମାଣରେ ଗଞ୍ଜେଇ ଗଛିତ ରଖାଯାଇଥିବା ପୁଲିସ କୁ କୌଣସି ସୂତ୍ର ରୁ ଖବର ମିଳିଥିଲା । ଖବର ପାଇବା ମାତ୍ରେ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଦୀପକ କୁମାର ରାଉତ, ଏସଆଇ ଦିବ୍ୟଜ୍ୟୋତି ସାମଲ ଓ ଏସ ଆଇ ଅଜୟ କୁମାର ସାହୁ ଙ୍କ ସହ ଏକ ଟିମ ଉକ୍ତ ଜଙ୍ଗଲ ରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ପୁଲିସକୁ ୨୧୧୬ କିଲୋ ଗଞ୍ଜେଇ ମିଳିଥିଲା। ତେବେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ କୁ ଓଜନ କରାଯାଇ ଥିବା ବେଳେ ଏହି ଗଞ୍ଜେଇ ଜବତ କୁ ନେଇ ଫିରିଙ୍ଗିଆ ଥାନାରେ ୬୭/୨୦୨୬ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା କହିଛନ୍ତି ଥାନା ଅଧିକାରୀ ମୁରଲୀଧର ସାହୁ।



## ବ୍ୟାସନଗରରେ ନବ ଓଡ଼ିଶା ମହିଳା ସମିତି ପକ୍ଷରୁ ଓଡ଼ିଶା ଦିବସ ପାଳନ



ଯାଜପୁର ରୋଡ଼, ୧୪(ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଞ୍ଚଳ ସହରର ନବ ଓଡ଼ିଶା ମହିଳା ସମିତି ପକ୍ଷରୁ, ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାମ୍ପିଲ ଠାରେ ବାଳିକା ମାନଙ୍କ ମଧ୍ୟରେ ଝୋଟିଚିତ୍ର, ମୁରୁଜ ଚିତ୍ର, ଓ ଓଡ଼ିଆଣୀ ବେଶ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ୩୦ ଜଣ ଛାତ୍ରୀ ଭାଗ ନେଇଥିଲେ। ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ଶ୍ରୀମତୀ ବନ୍ଦିତା ପରିଡ଼ା ଓ ଶ୍ରୀମତୀ ସବିତା ରାଉତ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ସ୍ଥାନ ନିରୂପଣ କରିଥିଲେ, ଝୋଟି ଚିତ୍ରରେ ପ୍ରଥମ ସ୍ଥାନ, ପାର୍ବତୀ ଯେନା, ୨ୟ ସାରସ୍ମିତା ଯେନା, ୩ୟ ନିହାରୀକା ମଲ୍ଲୀକ, ଏବଂ ରଙ୍ଗୋଲିରେ ପ୍ରଥମ ସୁନିତା ତିୟୁ, ୨ୟ ବାସନ୍ତୀ ସାର୍ଥୟା, ୩ୟ ସୁଭଦ୍ରା ପେରାଇ, ଓ ଓଡ଼ିଆଣୀ ବେଶରେ ପ୍ରଥମ ମୋନାଲିସା ଯେନା, , ୨ୟ ପ୍ରିୟା ଯେନା, ୩ୟ ରସ୍ମିତା କେରାଇ ଉତୀର୍ଣ୍ଣ ହୋଇଥିଲେ।ଏହି କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ଅମୂଲୀ ପହି, ସମ୍ପାଦିକା ଶ୍ରୀମତୀ ଜୟନ୍ତୀ ଯେନା'ଙ୍କ ସମେତ ମମତା ବର୍ଦ୍ଧନ, ସୁଜାତା ବାରିକ, ଜେମାମଣୀ କଅଁର ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ, ସସ୍ମିତା ପରିଡ଼ା, ସଂଗ୍ରାମ କେଶରୀ ରାମ, ଦଶରଥ ଡାଙ୍ଗିଲ, ରାକେଶ କୁମାର ସାହୁ, ଯିତେନ୍ଦ୍ର ପ୍ରଧାନ, ଧରିତ୍ରୀ ସାହୁ, ମମତାମୟୀ ଦାଶ, ଉଷାରାଣୀ ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ୨୦୨୫-୨୬ ଆର୍ଥିକ ବର୍ଷରେ ଇତିହାସ ରଚିଛି ପାରାଦ୍ୱୀପ ବନ୍ଦର



ପାରାଦ୍ୱୀପ, ୧୪(ସଂଚାର ବ୍ୟୁରୋ)ଃ ୨୦୨୫-୨୬ ଆର୍ଥିକ ବର୍ଷରେ ଇତିହାସ ରଚିଛି ପାରାଦୀପ ବନ୍ଦର। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପୁଣି ଥରେ ଭାରତର ପୂର୍ବ ଉପକୂଳରେ ଏକ ପ୍ରମୁଖ ବନ୍ଦର ଭାବରେ ଉଭା ହୋଇଛି। ପିପିଏ ୨୦୨୫-୨୬ ଆର୍ଥିକ ବର୍ଷରେ ୧୫୬.୪୫ ମିଲିୟନ ମେଟ୍ରିକ ଟନର କାର୍ଗୋ ପରିବହନ ରେକର୍ଡ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏନେଇ ଆଜି ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ୧୯୬୬ ମସିହାରେ କାର୍ଯ୍ୟକ୍ଷମ ହେବା ପରଠାରୁ ଏହାର ଇତିହାସରେ ସର୍ବୋତ୍ତମ, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪.୦୧% ଅଭିବୃଦ୍ଧି ହାସଲ କରିଛି। ଚ୍ୟାଲେଞ୍ଜପୂର୍ଣ୍ଣ ବଜାର ପରିସ୍ଥିତି, ଲୁହା ପଥର ରପ୍ତାନି ଚାହିଦାରେ ହ୍ରାସ ଏବଂ ପଶ୍ଚିମ ଏସିଆ ସଙ୍କଟ, ଯାହା ଚୂନପଥର, ସାର କଞ୍ଚାମାଲ ଆମଦାନୀକୁ ପ୍ରଭାବିତ କରିଥିଲା, ତଥାପି ପାରାଦୀପ ବନ୍ଦର ଏହାର ପ୍ରଭାବଶାଳୀ ସ୍ଥିତି ବଜାୟ ରଖିଛି। ସମସ୍ତ ଭାରତୀୟ ବନ୍ଦର ମଧ୍ୟରେ ସର୍ବାଧିକ ବର୍ଥ ଉତ୍ପାଦକତା ପଞ୍ଜିକରଣ କରି ପାରାଦୀପ ବନ୍ଦର ସର୍ବୋତ୍ତମ ପ୍ରଦର୍ଶନକାରୀ ବଲ୍କ ବନ୍ଦର ଭାବରେ ଏହାର ସ୍ଥିତି ବଜାୟ ରଖିଛି। ବର୍ଥ ଉତ୍ପାଦକତା ପ୍ରତିଦିନ ପ୍ରତି ବର୍ଥରେ ୩୫୦୫୯ ମେଟ୍ରିକ ଟନ୍ ଅଛି ଯାହା ଜାତୀୟ ହାରାହାରି ପ୍ରାୟ ୧୮, ୦୦୦ ମେଟ୍ରିକ ଟନ୍ ଅଟେ ଓ ଏହା ଜାତୀୟ ହାରାହାରି ପ୍ରାୟ ଦୁଇଗୁଣ।

### ଉତ୍ସାହର ସହ ପାଳିତ ପୁଲିସ ଦିବସ
## ଲୋକସେବା ହିଁ ସତ୍ୟ ଶ୍ରଦ୍ଧାଞ୍ଜଳି ଗଞ୍ଜାମ ଏସପି



ଛତ୍ରପୁର,୧୪(ସଂଚାର ବ୍ୟୁରୋ)ଃ ରାଜ୍ୟ ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଗଞ୍ଜାମ ପୋଲିସ ପକ୍ଷରୁ ସଦରମହକୁମା ଛତ୍ରପୁରର ରିଜର୍ଭ ପୋଲିସ ପଡ଼ିଆରେ ଗରିମାମୟ ଓ ଶୃଙ୍ଖଳିତ ପରିବେଶରେ ଉତ୍ସବ ପାଳନ କରାଯାଇଛି। ଜିଲ୍ଲା ପୋଲିସ ପକ୍ଷରୁ ଆୟୋଜିତ ସୁସଂଗଠିତ କାର୍ଯ୍ୟକ୍ରମରେ ପୋଲିସ ବିଭାଗର ଗୌରବମୟ ପରମ୍ପରା, ଶୃଙ୍ଖଳା ଓ କର୍ତ୍ତବ୍ୟନିଷ୍ଠା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଯୋଗଦେଇ ପ୍ୟାରେଡ଼ର ନିରୀକ୍ଷଣ କରିଥିଲେ ଏବଂ ଅଂଶଗ୍ରହଣକାରୀ ଦଳର ଶୃଙ୍ଖଳାବଦ୍ଧ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ସେ ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିବା ସହ ସହିଦ ପୋଲିସ ଜବାନମାନଙ୍କୁ ସ୍ମରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ଉଦ୍ବୋଧନରେ ଏସପି ଶ୍ରୀ ପାତ୍ର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ଓ ଅବଦାନକୁ ମନେ ପକାଇ କହିଥିଲେ, "ଉତ୍କଳ ନଥିଲେ ପୋଲିସର କୌଣସି ମୂଲ୍ୟ ନାହିଁ"। ସେ ଉଲ୍ଲେଖ କରିଥିଲେ ଯେ, ଲୋକମାନଙ୍କ ପ୍ରତି ସେବା ମନୋଭାବ ହିଁ ସହିଦମାନଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ



ସୁନ୍ଦରଗଡ଼ର,୧୪(ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ସଦର ମହକୁମାଠାରେ ଆୟୋଜିତ ହୋଇଯାଇଛି ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ସମାରୋହ। ସ୍ଥାନୀୟ ସଂସ୍କୃତି ଭବନଠାରେ ଏକ ଫଟୋ ପ୍ରଦର୍ଶନୀ, ସାଧାରଣ ସଭା, ପୁରସ୍କାର ବିତରଣ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରତି ଅବଦାନ ଥିବା ଓଡ଼ିଶାର ସମସ୍ତ ବରପୁତ୍ରାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ଏବଂ ନିଜ ମାଟି, ନିଜ ସଂସ୍କୃତି, ନିଜ ମାତୃଭାଷାକୁ ନେଇ ସର୍ବଦା ଗର୍ବ କରିବା ସହିତ ଏହାକୁ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମର ବରପୁତ୍ର ମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବହୁତ ତ୍ୟାଗ ଦେଇଥିଲେ, ସମସ୍ତ ଯୁବ ପିଢ଼ି ମାନେ ସେହି ତ୍ୟାଗକୁ ସର୍ବଦା ସ୍ମରଣ କରିବା ସହିତ ଓଡ଼ିଶାକୁ ବିକାଶ ଦିଗରେ ଆହୁରି ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥି ଭାବେ ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର ଯୋଗ ଦେଇ ଓଡ଼ିଶାର ସମସ୍ତ ବରପୁତ୍ର ମାନଙ୍କ ସ୍ମୃତି ଚାରଣ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ତାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ମାତୃଭାଷା ତଥା ଓଡ଼ିଆ ଜାତିକୁ ଆହୁରି ଆଗେଇ ନେବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ମହାବିଦ୍ୟାଳୟ ବିଭାପା ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନି ଜଣ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନ ତଥା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ଦେଲେ ଗୁରୁମନ୍ତ୍ର



ଢେଙ୍କାନାଳ,୧୪(ସଂଚାର ବ୍ୟୁରୋ)ଃ ପଣ୍ଡିତ ଦିନ୍ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ - ୨୦୨୬ ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଢେଙ୍କାନାଳ ସଦର ବ୍ଲକ୍‌ର ଭାପୁର ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିର ଉଦ୍‌ଘାଟନ କରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ବକ୍ତବ୍ୟ ମାଧ୍ୟମରେ ଦଳର ଆଭିମୁଖ୍ୟ ଓ ବିଚାରଧାରାରେ ସମସ୍ତଙ୍କୁ ବାନ୍ଧି ରଖିବା ସୂତ୍ରରେ ମହାନ୍ ରାଷ୍ଟ୍ର ନାୟକ ଦିନ୍ଦୟାଳ ଉପାଧ୍ୟାୟ କିଭଳି ଭାବରେ କାର୍ଯ୍ୟକର୍ତ୍ତାମାନଙ୍କୁ ସମାଜର ଅନ୍ତିମ ସ୍ତରରେ ଥିବା ବ୍ୟକ୍ତିର ଉତ୍‌ଥାନ ପାଇଁ ପରାମର୍ଶ ଦେଇଥିଲେ ସେହି ସମ୍ବନ୍ଧରେ ସ୍ମୃତିଚାରଣ କରି ସଙ୍ଗଠନର ଅଭିବୃଦ୍ଧି ପାଇଁ ପ୍ରଶିକ୍ଷଣର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ରଜ୍ୟ ଓ କେନ୍ଦ୍ର ସରକାରଙ୍କର ସଫଳତା ଓ କ୍ରିୟାନ୍ୱୟନ କଲ୍ୟାଣକାରୀ ଯୋଜନାଗୁଡ଼ିକ ସମାଜର ଅନ୍ତିମ ସ୍ତରରେ ଥିବା ବ୍ୟକ୍ତିମାନଙ୍କ ନିକଟରେ ପହଁଚାଇବା ପାଇଁ କାର୍ଯ୍ୟକର୍ତ୍ତାମାନେ ପ୍ରତିବଦ୍ଧତା ଓ ଦାୟିତ୍ୱବାନ୍ ହେବା ପାଇଁ ମତବ୍ୟକ୍ତ କରିଥିଲେ। ୨୦୩୬ ମସିହାରେ ଓଡିଶାକୁ ଏକ ବିକଶିତ ରାଜ୍ୟ ଓ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରଭାବେ ପରିଣତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଭାପୁର ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥୁ ଭାବେ ଯୋଗଦେଇଥିଲେ।

## ସୋଆରେ ଓଡ଼ିଶା ଦିବସ ପାଳିତ



ଭୁବନେଶ୍ୱର,୧୪(ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସୋଆର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ବରିଷ୍ଠ କର୍ମକର୍ତ୍ତାଗଣ ଯୋଗ ଦେଇ ଓଡ଼ିଶା ପ୍ରଦେଶ ଗଠନର ମହାନ ବରପୁତ୍ର ମାନଙ୍କର ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଉପସ୍ଥିତ ବ୍ୟକ୍ତି ବିଶେଷ ବନ୍ଦେ ଓଡ଼ିଶା ଜନନୀ ଗାନ କରିବା ସହ ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପରିଚାଳନା କରିଥିଲେ।

## ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ



ଢେଙ୍କାନାଳ,୧୪(ସଂଚାର ବ୍ୟୁରୋ)ଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜ ଜଣେ ୧୮ ବର୍ଷୀୟ ଯୁବକର ମୃତ୍ୟୁ ହୋଇଯାଇଥିବା ଘଟଣାକୁ ନେଇ ଆଜି ଚିକିତ୍ସାଳୟ ପରିସରରେ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିବାର ଲୋକେ ଏଥିପାଇଁ ଡାକ୍ତରଙ୍କୁ ଦାୟୀ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଭୁବନ ଥାନା ମାଳପୁର ଗ୍ରାମର ପବିତ୍ର ସାମଲଙ୍କ ପୁଅ ଆଲୋକ ସାମଲ ଗତକାଲି ଏକ କାଛ ଉପରକୁ ଚଢ଼ିଥିଲେ। ସେଠାରୁ ତଳକୁ ଡେଇଁପଡ଼ିବାରୁ ତଳେଥିବା ସେଫଟି ଟାଙ୍କି ସ୍ଲାବରେ ତୋଙ୍କ ପଟେ ମାଡ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ କାମାକ୍ଷାନଗର ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗତକାଲି ସଂଧ୍ୟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିର୍ତି କରାଯାଇଥିଲା। ଡାକ୍ତର ଇଞ୍ଜେକେସନ ଓ ପେନକିଲର ଦେବା ସହ ମୂତ୍ରାଶୟରେ ପାଇପ ଲଗାଇ ଘରକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଘର ୬୦ କିମି ଦୂରରେ ଥିବାରୁ ପରିବାର ଲୋକେ ଅନୁରୋଧ କରି ଚିକିତ୍ସାଳୟରେ ରହିଥିଲେ। ରାତିରେ ଆଲୋକଙ୍କର ମୂତ୍ରାଶୟରେ ଅତ୍ୟନ୍ତ ଯନ୍ତ୍ରଣା ହେବାରୁ ବାରମ୍ବାର ଯାଇ ପରିବାର ଲୋକ ଡାକ୍ତର ନର୍ସଙ୍କୁ ଡାକିଥିଲେ ମଧ୍ୟ ସେମାନେ ଶୁଣିନଥିଲେ। ପେନକିଲର ଦେଇ ସକାଳ ପର୍ଯ୍ୟାନ୍ତ ରଖିଥିଲେ। ସକାଳ ୮ଟାରେ ପରିବାର ଲୋକ ଯାଇ କଟକ ରେଫର କରିଦେବାକୁ ଅନୁରୋଧ କରିଥିଲେ। ଡାକ୍ତର ୧୦ଟାରେ ଆସିବେ, ଡାକ୍ତର ନଆସିଲେ ରେଫର କରିହେବ ନାହିଁ କହିଲେ। ଆଉ ଚିକିତ୍ସା କଲେ ନାହିଁ କି ରୋଗୀକୁ ଦେଖିଲେ ନାହିଁ। ଡାକ୍ତର ଓ ନର୍ସଙ୍କ ଅବହେଳାରୁ ଆଲୋକର ଜୀବନ ଚାଲିଯାଇଥିବା ପରିବାର ଲୋକ ଅଭିଯୋଗ କରି କରିଛନ୍ତି

## ସିମିଳିଆରେ ୩.୨୬ ଲକ୍ଷ ହଡ଼ପଃ କାହାର ଆଶୀର୍ବାଦରେ ଚାଲିଥିଲା ଘୋଟାଲା ?

● ସରପଞ୍ଚ ଓ ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ୍

ଯାଜପୁର ଟାଉନ,୧୪(ସଂଚାର ବ୍ୟୁରୋ)ଃ ଯାଜପୁର ବ୍ଲକ୍‌ର ସିମିଳିଆ ପଞ୍ଚାୟତରେ ଘଟିଥିବା ୩.୨୬ ଲକ୍ଷ ଟଙ୍କାର ଅର୍ଥ ଅନିୟମିତତା କେବଳ ଏକ ସାଧାରଣ ଦୁର୍ନୀତି ଘଟଣା ନୁହେଁ; ଏହା ଗ୍ରାମ ପ୍ରଶାସନର ନୀତି ଓ ପାରଦର୍ଶିତା ଉପରେ ଗଭୀର ପ୍ରଶ୍ନଚିହ୍ନ ଠିଆରିକରିଛି। ମିଥ୍ୟା ବିଲ୍, ଭୁଲ ଭାଉଚର୍ ଏବଂ କାଗଜରେ ହୋଇଥିବା "କାମ"ଏହି ସବୁ ମିଶି ଏକ ସୁସଂଗଠିତ ଘୋଟାଲାର ଚିତ୍ର ସ୍ପଷ୍ଟ କରୁଛି। ଅଶୋକ କଲ୍ୟାଣ ମଣ୍ଡପ ଓ ଉତ୍କଳ କଲ୍ୟାଣ ମଣ୍ଡପର ମରାମତି ନାଁରେ ଲକ୍ଷ ଲକ୍ଷ ଟଙ୍କା ଉଠିଗଲା, କିନ୍ତୁ ଭୂମିସ୍ତରରେ କାମର କୌଣସି ପ୍ରମାଣ ମିଳିନି।ତଦନ୍ତରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ, ଯେଉଁ କାମ ଦର୍ଶାଯାଇଛି ସେଗୁଡ଼ିକ ପୂର୍ବରୁ ସମ୍ପନ୍ନ ହୋଇଥିଲା ଓ ନୂତନ ଇଲେକ୍ଟ୍ରିକାଲ କାମର କୌଣସି ଚିହ୍ନ ମିଳିନଥିଲା। ତଥାପି ମିଥ୍ୟା ଦଲିଲ ଆଧାରରେ ଟଙ୍କା ଉଠାଯାଇଥିବା ସ୍ପଷ୍ଟ। ଏହା କେବଳ ଅବହେଳା ନୁହେଁ; ଏହା ସରକାରୀ ଅର୍ଥର ସିଧାସଳଖ ଦୁରୁପଯୋଗ।ଏଠାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି— କନିଷ୍ଠ ଯନ୍ତ୍ରୀ ସ୍ଥଳ ପରିଦର୍ଶନ କରିନଥିଲେ କାହିଁକି, ସହକାରୀ ଅଧିକାରୀ ଯାଞ୍ଚ ବିନା ଟଙ୍କା ମୁକ୍ତ କଲେ କିପରି, ଏତେ ବଡ଼ ଅନିୟମିତତା ଦୀର୍ଘ ସମୟ ଧରି ଚୁପଚାପ କିପରି ଚାଲିଲା।ଏହା କେବଳ କିଛି ବ୍ୟକ୍ତିଙ୍କ ତ୍ରୁଟି ନୁହେଁ ଏହା ସମଗ୍ର ପ୍ରଶାସନିକ ବ୍ୟବସ୍ଥାର ବିଫଳତାକୁ ପ୍ରକାଶ କରୁଛି। ଅନ୍ୟପଟେ, ତଦନ୍ତ ସେପ୍ଟେମ୍ବର ମାସରେ ସମାପ୍ତ ହୋଇଥିବା ସତ୍ତ୍ୱେ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି ହେବାକୁ ୯ ମାସ ସମୟ ଲାଗିଥିବା ଘଟଣା ପ୍ରଶାସନର କାର୍ଯ୍ୟପଦ୍ଧତି ଉପରେ ସନ୍ଦେହ ସୃଷ୍ଟି କରୁଛି।

## ବିଜେଡ଼ି କାଉନସିଲରଙ୍କ ପରଲୋକ

ହିଞ୍ଜିଳିକାଟୁ,୧୪(ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ପୌରପରିଷଦର ୮ ନଂ ୱାର୍ଡର ବିଜେଡ଼ି ମହିଳା କାଉନସିଲର ବିଳାସ କୁମାରୀ ମହାନ୍ତି (୬୮)ଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ମଣିପାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ଘଟଣା ଶୁଣିବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାରୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ଦୀର୍ଘ ୩୫ ବର୍ଷ ଚାକିରୀ କରି ଶେଷରେ ନନ୍ଦିକ ପ୍ରାଥମିକ ବିଦ୍ୟାଳୟରେ ସେ ଅବସର ନେଇଥିଲେ। ପୂର୍ବରୁ ଶିକ୍ଷକତା ଜୀବନରେ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ବେଶ ପ୍ରଶଂସିତ ହୋଇପାରିଥିଲେ। ମୋହନ କଲୋନୀସ୍ଥିତ ବାସଭବନରେ ମର ଶରୀର ପହଞ୍ଚିବା ପରେ ସ୍ଥାନୀୟ ନେତୃବୃନ୍ଦ ଓ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କରିଥିଲେ।ମୃତ୍ୟୁ ଶଯ୍ୟା ନିକଟରେ ପୁଅ ବିଭୂତି ଓ ବୋହୂ ଆଶା, ନାତି ଅନ୍ୱେଷ ଉପସ୍ଥିତ ଥିଲେ।

● ପୌରପାଳିକା ଆନୁକୁଲ୍ୟରେ ଜନଗଣନା କାର୍ଯ୍ୟକ୍ରମ
## ରାଷ୍ଟ୍ରପତିଙ୍କଠୁ ଜନଗଣନାର ଶୁଭାରମ୍ଭ

ବାରିପଦା,୧୪(ସଂଚାର ବ୍ୟୁରୋ)ଃ ଆଜି ଏପ୍ରିଲ ପହିଲା। ଆଜିଠାରୁ ରାଜ୍ୟରେ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ। ଏହି ପରିପ୍ରେକ୍ଷୀରେ ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ପୌରପାଳିକା ତରଫରୁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶକୁନ୍ତଳା ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନଗଣନା ଶୁଭାରମ୍ଭ ହୋଇଛି। ଆଜି ପୌରପାଳିବା ତରଫରୁ ପୌରାଞ୍ଚଳର ଦୁଇ ନମ୍ବର ୱାର୍ଡ ତଥା ବାଇଦାପୋଷୀ ଗ୍ରାମର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାସଭବନକୁ ଯାଇ ତାଙ୍କ ବାସଭବନରେ ରହୁଥିବା ତାଙ୍କ ଭାଉଜ ଶାକରମଣି ଟୁଡୁଙ୍କ ପାଖରୁ ଜନଗଣନା ଶୁଭାରମ୍ଭ କରିଥିଲେ। ତାଙ୍କଠାରୁ ଜନଗଣନାର ସମସ୍ତ ତଥ୍ୟ ପଚାରି ବୁଝିବା ସହ ମୋବାଇଲରେ ସମସ୍ତ ତଥ୍ୟ ଅପଲୋଡ଼ କରିଥିଲେ। ସେହିଭଳି ଦ୍ୱିତୀୟରେ ପୌରାଞ୍ଚଳର ୧୨ ନମ୍ବର ୱାର୍ଡ ଇଚିଣ୍ଡା ଗ୍ରାମରେ ରହୁଥିବା ବୀରଚକ୍ର ଶହୀଦ ନନ୍ଦୁରାମ ସୋରେନ ଙ୍କ ବାସ ଭବନକୁ ଯାଇ ତାଙ୍କ ପତ୍ନୀ ଲକ୍ଷ୍ମୀମଣୀ ସୋରେନ ଙ୍କ ଠାରୁଜନଗଣନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଅପଲୋଡ କରିଥିଲେ। ସେହିଭଳି ତୃତୀୟରେ ରାଇରଙ୍ଗପୁର ବ୍ଲକର ହଳଦା ପଞ୍ଚାୟତର ନୂଆଗାଁନିବାସୀ ସାନ୍ତାଳୀ ସାରସ୍ୱତ ସାଧକ ପଦ୍ମଶ୍ରୀ ଚରଣ ହେମ୍ବ୍ରମ ଙ୍କ ବାସଭବନକୁ ଯାଇ ଜନଗଣନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ।

### କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗସ୍-୨୦୨୬
## ମେଡିସିନ୍ କ୍ୟାଟେଗୋରୀରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନରେ ସୋଆ



ଭୁବନେଶ୍ୱର,୧୪(ସଂଚାର ବ୍ୟୁରୋ)ଃ ସମ୍ମାନଜନକ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍-୨୦୨୬ (ମେଡିସିନ୍ କ୍ୟାଟେଗୋରୀ) ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ଼ି ଟୁ ବି ବିଶ୍ୱବିଦ୍ୟାଳୟ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି। ବିଷୟ ଭିତିକ ମେଡିସିନ୍ କ୍ୟାଟେଗୋରୀରେ ୭୦୧-୮୫୦ ବ୍ରାକେଟ୍‌ରେ ସ୍ଥାନୀତ ହୋଇ ସୋଆ ବିଶ୍ୱସ୍ତରୀୟ ଶୈକ୍ଷିକ ଓ ଗବେଷଣାତ୍ମ ଉତ୍କର୍ଷତା ନିମନ୍ତେ ନିଜକୁ ପ୍ରତିପାଦିତ କରିପାରିଛି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଦେଶର ଅଗ୍ରଣୀ ମେଡିକାଲ୍ କଲେଜ ଭାବେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗସ୍‌ରେ ୧୫ତମ ସ୍ଥାନ ହାସଲ କରିଥିବା ବେଳେ ବିଶ୍ୱ ବିଦ୍ୟାଳୟ କ୍ୟାଟେଗୋରୀରେ ସୋଆ ୧୫ତମ ସ୍ଥାନରେ ରହିଛି। ପୂର୍ବ ଭାରତର ଅଗ୍ରଣୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ ୨୦୦୫ ମସିହାରୁ ଓଡ଼ିଶା ଏବଂ ଏହାର ପଡ଼ୋଶୀ ରାଜ୍ୟର ଅଧିବାସୀଙ୍କୁ ଉତ୍କୃଷ୍ଟମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି। ବିଗତ ବର୍ଷ ଗୁଡ଼ିକରେ ଉତମ ସ୍ୱାସ୍ଥ୍ୟ ସେବା ଏବଂ ସୁଲଭ ମୂଲ୍ୟର ହସ୍ପିଟାଲ୍ ବ୍ୟବସ୍ଥାକୁ ନେଇ ସମାଜର ସବୁ ବର୍ଗରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଏକ ପ୍ରମୁଖ ନାମ ଭାବେ ଉଭା ହୋଇଛି। କୁଶଳୀ ବିଶେଷଜ୍ଞଙ୍କୁ ନେଇ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ଏହି ଅନୁଷ୍ଠାନ ନିଜର ଭିତିଭୂମିରେ ମଧ୍ୟ ବିଶେଷ ଉନ୍ନତି ଘଟାଇଛି।

## ୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ମାଫିଆ ଫେରାର

ଫୁଲବାଣୀ,୧୪(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜେଇ ମାଫିଆକୁ ସାବାଡ଼ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସାରଙ୍ଗ ଗଡ଼ ରାଇକିଆ ଛକ ନିକଟ ଜଙ୍ଗଲରେ ପୁଲିସ ଚଢ଼ାଉ କରିଥିଲେ ଏକ ସ୍ଥାନରେ ମାଫିଆ ଗଞ୍ଜେଇ ଚାଲାଣ କରିବା ପାଇଁ ଅପେକ୍ଷା କରିଥିବା ବେଳେ ପୁଲିସ ଗାଡିକୁ ଦେଖି ଚମ୍ପଟ ମାରିଥିବା ସୂଚନା ମିଳିଛି ମାଫିଆ ଗଞ୍ଜେଇ ଜରି ବସ୍ତା ଗୁଡ଼ିକୁ ଛାଡ଼ି ଜଙ୍ଗଲକୁ ଦୌଡ଼ି ପଳାଇ ଥିଲେ ପୁଲିସ ଦଳ ସହ ଥାନା ଅଧିକାରୀ ଆଶୁତୋଷ ଜେନା ସନ୍ଦେହ କରି ଅଖାକୁ ତନଖ୍ କରିବା ପରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା ସ୍ଥାନରେ ମାଜିଷ୍ଟ୍ରେଟ ଭାବେ କ.ନୂଆଗାଁ ଅତିରିକ୍ତ ତହସିଲଦାର ବସୁଧା ପ୍ରଧାନଙ୍କ ଉପସ୍ଥିତିରେ ଅଖାରେ ଥିବା ୫୦୦ କେଜି ଗଞ୍ଜେଇ ଜବତ କରିଥିଲେ।

### ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ
## ସମାରୋହରେ ଯୋଗଦେଲେ ନଗର ଉନ୍ନୟନ ମନ୍ତ୍ରୀ



ଯାଜପୁର,୧୪(ସଂଚାର ବ୍ୟୁରୋ)ଃ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ୨୦୨୬ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ଡ. ମହାପାତ୍ର ଯାଜପୁର ସହରର ବିଭିନ୍ନ ସ୍ଥାନ ଗସ୍ତ କରି ମେଡିକାଲ କଲେଜ୍ ଛକ, ଗାନ୍ଧୀ ଛକ ଏବଂ ଜିଲ୍ଲା ସ୍କୁଲରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉତ୍କଳ ବାଳାଶ୍ରମ ଏବଂ ଉପକାରାଗାର ପରିଦର୍ଶନ କରି ରୋଗୀ ଓ ଅନ୍ତେବାସୀମାନଙ୍କୁ ଫଳ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ମନ୍ତ୍ରୀ ଡ. ମହାପାତ୍ର ଉତ୍କଳ ବାଳାଶ୍ରମରେ ପହଞ୍ଚିବା ପରେ ସେଠାରେ କୁନି ଶିଶୁମାନଙ୍କ ଗହଣରେ ବସି କଥାବାର୍ତ୍ତା ହୋଇଥିଲେ ଏବଂ ଚକୋଲେଟ୍ ବାଣ୍ଟିଥିଲେ। ଏହା ପରେ ସଂସ୍କୃତି ଭବନ ପରିସରରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ଡ଼.କୃଷ୍ଣଚନ୍ଦ୍ର ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ମହାରାଜ ଯଯାତି କେଶରୀଙ୍କ ନାମରେ ନାମିତ ଯାଜପୁର ଜିଲ୍ଲାରେ ଏକ ସମୃଦ୍ଧ ଇତିହାସ ରହିଛି। ଯାଜପୁରର ଅନେକ ବିଦଗ୍ଧ କବି, ସନ୍ଥ, ସାହିତ୍ୟିକ ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ଏବଂ ଉତ୍କଳୀୟ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ଜାତୀୟ ଜାଗରଣର ଅଗ୍ରଣୀ ନେତୃତ୍ୱ ବିଚିତ୍ରାନନ୍ଦ ଦାସଙ୍କ ଜନ୍ମଭୂମି ହେଉଛି ଯାଜପୁର। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଆଙ୍କ ପ୍ରମୁଖ ସ୍ୱର ସାଜିଥିବା 'ଉତ୍କଳ ଦୀପିକା'ର ପ୍ରକାଶନରେ ବିଚିତ୍ରାନନ୍ଦ ଦାସଙ୍କ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଥିଲେ।

## ସ୍ୱ-ଜନଗଣନା ପ୍ରକ୍ରିୟାର ଆରମ୍ଭ

ଯାଜପୁର,୧୪(ସଂଚାର ବ୍ୟୁରୋ)ଃ ଆଜିଠାରୁ ସାରା ଦେଶରେ ପ୍ରଥମ କରି ଆରମ୍ଭ ହୋଇଛି ଅତ୍ୟାଧୁନିକ ଡିଜିଟାଲ୍ ଭିତିକ ଜନଗଣନା କାର୍ଯ୍ୟ। ଏହି ନୂତନ ପ୍ରଣାଳୀରେ ଜନସାଧାରଣ ଅଧିକୃତ ୱେବସାଇଟ୍ କିମ୍ବା ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ନିଜେ ନିଜର ତଥ୍ୟ ଦାଖଲ କରି 'ସ୍ୱ-ଜନଗଣନା' କରିବାର ସୁଯୋଗ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ମଧ୍ୟ ଏହା ଆରମ୍ଭ ହୋଇଛି। ଆଜି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ନିଜେ ଏଥିରେ ସାମିଲ ହୋଇ ସ୍ୱ-ଜନଗଣନା ପ୍ରକ୍ରିୟାରେ ନିଜର ତଥ୍ୟ ପ୍ରଦାନ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ସ୍ୱ-ଜନଗଣନା ପ୍ରକ୍ରିୟାରେ ମୋଟ ୩୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଥିବା ବେଳେ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀଙ୍କୁ ଏହି ଜାତୀୟ କାର୍ଯ୍ୟରେ ସକ୍ରିୟ ସହଯୋଗ କରିବାକୁ ନିବେଦନ କରିଛନ୍ତି। ଆଜି ଜିଲ୍ଲାପାଳଙ୍କ ଦ୍ୱାରା ସ୍ୱ-ଜନଗଣନା ଉଦଘାଟନ କାର୍ଯ୍ୟକ୍ରମରେ ସେନସସ୍ ନିର୍ଦ୍ଦେଶାଳୟ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ସାଧାରଣ ଓ ବିବିଧ ବିଭାଗ ସହକାରୀ ଜିଲ୍ଲାପାଳ, ଦୁଇ ଜଣ ମାଷ୍ଟର ଟ୍ରେନର, ଏନୁମେରଟର ଏବଂ ସୁପରଭାଇଜର ଉପସ୍ଥିତ ଥିଲେ।

## ଗୌରୀଶଙ୍କରଙ୍କ ଜନ୍ମମାଟିରେ ଓଡ଼ିଶା ଦିବସ ପାଳିଲେ ବିଧାୟକ ଶାରଦା



ନିଶ୍ଚିନ୍ତକୋଇଲି,୧୪(ସଂଚାର ବ୍ୟୁରୋ)ଃ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଐତିହାସିକ ପବିତ୍ର ଓଡ଼ିଶା ଦିବସ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଞ୍ଚାୟତ ସମିତି ଅଧିନ ଅସୁରେଶ୍ୱର ଗ୍ରାମ ପଞ୍ଚାୟତ ନିକଟସ୍ଥ କର୍ମବୀର ଗୌରୀଶଙ୍କର ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି। ମାହାଙ୍ଗା ବିକାଶ ପରିଷଦ ସଂଯୋଜକ ଅଧ୍ୟାପକ ଡ଼.ଅଶୋକ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗ ଦେଇ କର୍ମବୀର ଗୌରୀଶଙ୍କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଓଡ଼ିଶା ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଜୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଧାୟକ ପ୍ରଧାନ ସେଠାରୁ ନିଜ ସମର୍ଥକ ମାନଙ୍କ ସହ ପଦଯାତ୍ରାରେ ଆସି ଅସୁରେଶ୍ୱର ବିଦ୍ୟାଳୟର ନବନିର୍ମିତ ଦୁଇଗୋଟି ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ନିଶ୍ଚିନ୍ତକୋଇଲି,୧୪(ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଗୋଡରା ପଞ୍ଚାୟତସ୍ଥିତ କାହ୍ନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପଳିତହୋଇଯାଇଚି, ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭଦ୍ରେଶ୍ୱର ଥାନା ଅଧିକାରିଣୀ ଶ୍ରୀମତୀ ସନ୍ଧ୍ୟାରାଣି ସିଂ, ଥିବାବେଳେ ସଭାପତିତ୍ୱ କରିଥିଲେ ଶ୍ରୀଯୁକ୍ତ ଅମର ପ୍ରସାଦ ଦେଉରି (ପ୍ରଧାନ ଶିକ୍ଷକ) ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ସତ୍ୟସିବ ସୁନ୍ଦର କର, ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ରଘୁନାଥ ମହାନ୍ତି, ନାରାୟଣ ରାଉତ, ବଳରାମ ସାହୁ, ଦୀପକ ମଲ୍ଲ, ମନୋରଞ୍ଜନ ନାୟକ, ସହଯୋଗୀ ଭାବେ ଶ୍ରୀଯୁକ୍ତ କିଶୋର ପ୍ରଧାନ, ଧନ୍ୟବାଦ ଜଣେଇଥିଲେ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ନାୟକ, ଏହି ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରି ବିଦ୍ୟାଳୟର ମେଧାବୀ ଛାତ୍ର ଛାତ୍ରୀ ଓ ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ, ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ସିଖେତ୍ରି ସଦସ୍ୟ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

ସଂଚାର THE SANCHAR

# ଖୋଲିଲା ଭିଏଫ୍‌ଏସ୍ ଗ୍ଲୋବାଲ ଭିସା ସେଣ୍ଟର୍

- ସୁଦୃଢ଼ ହେବ ରାଜ୍ୟର ଗ୍ଲୋବାଲ କନେକ୍ଟିଭିଟି ଢାଞ୍ଚା
- ପ୍ରଥମ ପର୍ଯ୍ୟାୟରେ ୧୦ ଦେଶକୁ ଭିସା ସେବା
- ସହଜ ହେବ ବିଦେଶ ଯାତ୍ରା, ଶିଳ୍ପ ଓ ପର୍ଯ୍ୟଟନକୁ ପ୍ରୋତ୍ସାହନ
- ଅନ୍ତର୍ଜାତୀୟ ସମ୍ପର୍କକୁ ମଜବୁତ କରିବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ବରମୁଣ୍ଡାଠାରେ ଭିଏଫଏସ ଗ୍ଲୋବାଲ ଦ୍ୱାରା ପରିଚାଳିତ ନୂତନ ଭିସା ଆବେଦନ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଭିସା ଆପ୍ଲିକେସନ୍ ସେଣ୍ଟର ପାଇଁ ରାଜ୍ୟବାସୀଙ୍କ ବହୁଦିନରୁ ଦାବି ରହିଆସିଥିଲା। ଆମେ ଏ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ନିକଟରେ ସହଯୋଗ କାମନା କରିଥିଲୁ। କେନ୍ଦ୍ର ସରକାରଙ୍କ ସହଯୋଗରେ ଆଜି ଭୁବନେଶ୍ୱରରେ ଏହି ଭିସା ଆପ୍ଲିକେସନ୍ ସେଣ୍ଟର କାର୍ଯ୍ୟକ୍ଷମ ହେଲା। ଏହା ଓଡ଼ିଶାବାସୀଙ୍କୁ ଅନ୍ତର୍ଜାତୀୟ ଭିସା ସେବା ପ୍ରଦାନ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାଦ୍ୱାରା ଓଡ଼ିଶାର ଗ୍ଲୋବାଲ କନେକ୍ଟିଭିଟି ଢାଞ୍ଚା ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଏହି କେନ୍ଦ୍ର ସ୍ଥାପିତ ହେବା ଦ୍ୱାରା ସମଗ୍ର ବିଶ୍ୱ ସହ ଓଡ଼ିଶାର କନେକ୍ଟିଭିଟି ବୃଦ୍ଧି ହେବ। ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରିକ ସେବା ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ। ସେ କହିଥିଲେ ଯେ ଏପରି ପଦକ୍ଷେପ ଓଡ଼ିଶାର ଯୁବବର୍ଗଙ୍କ ବିଦେଶ ଯାତ୍ରାକୁ ସହଜ କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ ଓ ଅନ୍ତର୍ଜାତୀୟ ସମ୍ପର୍କକୁ ମଜବୁତ କରିବ।

ସେ ଆହୁରି କହିଥିଲେ ଯେ ରାଜ୍ୟରେ ଶିଳ୍ପାୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଅଭିବୃଦ୍ଧି ଯୋଗୁଁ ଓଡ଼ିଶାରେ ଏକ ଭିସା ଆପ୍ଲିକେସନ ସେଣ୍ଟରର ଆବଶ୍ୟକତା ଥିଲା। ସ୍ଥାନୀୟ ଯୁବ ପ୍ରଫେସନାଲଙ୍କ ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ସେମାନେ ଭିସା ଆବେଦନ ପାଇଁ କୋଲକାତା ଓ ହାଇଦ୍ରାବାଦକୁ ଯାଉଥିଲେ। ଏବେ ସେମାନେ ସହଜରେ ଓ ସୁବିଧାରେ ଭିସା ପାଇପାରିବେ। ରାଜ୍ୟ ସରକାର ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ପରିସରରେ ପ୍ରାୟ ୩ ହଜାର ବର୍ଗଫୁଟ୍ ଜାଗା ଏହି ଭିସା ସେଣ୍ଟର ପାଇଁ ପ୍ରଦାନ କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ର ୟୁନାଇଟେଡ୍ କିଙ୍ଗଡମ୍, ଆୟରଲ୍ୟାଣ୍ଡ, ଅଷ୍ଟ୍ରିଆ, ଇସ୍ତୋନିଆ, ଇଟାଲୀ, ମାଲ୍ଟା, ସ୍ୱିଜରଲ୍ୟାଣ୍ଡ, ଜାପାନ, ମରକ୍କୋ ଓ ଇଜିପ୍ଟ ପରି ମୋଟ ୧୦ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରିବ। ଆଗାମୀ ଦିନରେ ଅଧିକ ଦେଶକୁ ଏହି ସେବା ସହ ଯୋଡ଼ାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ଭିଏଫଏସ ଗ୍ଲୋବାଲ ଭାରତର ୨୦ଟି ସହରରେ ୫୬୦ରୁ ଅଧିକ କେନ୍ଦ୍ର ମାଧ୍ୟମରେ ୫୩ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରୁଛି। ଭିଏଫଏସ୍ ଗ୍ଲୋବାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବିନ କାର୍କରିଆ ସଂସ୍ଥାଟିକୁ ବିଶ୍ୱର ସର୍ବବୃହତ୍ ଭିସା ଓ କନସ୍ୟୁଲାର ସେବା ପ୍ରଦାନକାରୀ ଭାବେ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ନେତୃତ୍ୱରେ ସଂସ୍ଥାଟି ୧୬୭ଟି ଦେଶରେ ୭୦ଟି ସରକାରକୁ ଭିସା ସେବା ଯୋଗାଇ ଦେଉଛି। ଭାରତର ୨୦ଟି ସହରରେ ଏହି ସଂସ୍ଥାର ୫୬୦ ଟି ଭିସା ଆପ୍ଲିକେସନ ସେଣ୍ଟର କାମ କରୁଛି। ଭିଏଫଏସ ଗ୍ଲୋବାଲ ଏକ ବିଶ୍ୱସନୀୟ ପ୍ରଯୁକ୍ତି ସେବା ପ୍ରଦାନକାରୀ ସଂସ୍ଥା ଭାବେ ସରକାର ଓ ଦୂତାବାସମାନଙ୍କୁ ଭିସା, ପାସପୋର୍ଟ ଓ କନସ୍ୟୁଲାର ସେବା ପ୍ରଦାନ କରିବାରେ ସହଯୋଗ କରୁଛି। ୧୬୭ଟି ଦେଶରେ ଏହି ସଂସ୍ଥାର ୪ ହଜାରରୁ ଅଧିକ କେନ୍ଦ୍ର ରହିଛି। ଏହି ଅବସରରେ ଅଷ୍ଟ୍ରିଆ, ଇଟାଲୀ ଓ ସ୍ୱିଜରଲ୍ୟାଣ୍ଡ ଦୂତାବାସର ଭାରତରେ ଅବସ୍ଥାପିତ ଅଧିକାରୀଙ୍କ ସମେତ ଓଡ଼ିଶା ବିଧାନସଭାର ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଭିଏଫଏସ ଗ୍ଲୋବାଲ ସାଉଥ ଏସିଆର ସିଓଓ ୟୁମି ତଲୱାର ଉପସ୍ଥିତ ଥିଲେ।



# ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଆରମ୍ଭ

- ସ୍ୱ-ଗଣନା ପୋର୍ଟାଲରେ ନିଜସ୍ୱ ତଥ୍ୟ ଦେଲେ ମୁଖ୍ୟ ସଚିବ
- କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବାକୁ ଅପିଲ

ଭୁବନେଶ୍ୱର, ୧।୪ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ଓ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ସମଗ୍ର ରାଜ୍ୟର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହ ତାଲିକା ପ୍ରସ୍ତୁତି ଆସନ୍ତା ୧୬ରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଆସନ୍ତା ୧୬ରୁ ମେ' ୧୫ ତାରିଖ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଆଜିଠାରୁ ଆରମ୍ଭ ହୋଇଛି ସ୍ୱ-ଗଣନା କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ସେଲ୍ଫ ଏନ୍ୟୁମେରେସନ ପୋର୍ଟାଲ-ଏସଇ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରିପାରିବେ। ଏହି ସ୍ୱ-ଗଣନା କାର୍ଯ୍ୟକ୍ରମ ଆଜିଠାରୁ ଆସନ୍ତା ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ ଓ ଏପ୍ରିଲ୍ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ ଏବଂ ଲୋକେ ଦେଇଥିବା ତଥ୍ୟର ଯାଞ୍ଚ କରି ଚୂଡ଼ାନ୍ତ କରିବା ପରେ ଦାଖଲ କରିବେ। ଭାରତୀୟ ଜନଗଣନାରେ ପ୍ରଥମଥର ପାଇଁ ସ୍ୱ- ଗଣନାର ପ୍ରାବଧାନ ରଖାଯାଇଛି। ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିଜେ ପୋର୍ଟାଲ ମାଧ୍ୟମରେ ନିଜସ୍ୱ ତଥ୍ୟ ପ୍ରଦାନ କରିଛନ୍ତି। ଏହି ଜାତୀୟ କାର୍ଯ୍ୟକ୍ରମରେ ସ୍ୱ-ଗଣନା ମାଧ୍ୟମରେ ସଠିକ ତଥ୍ୟ ପ୍ରଦାନ କରି ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କୁ ନିବେଦନ ମଧ୍ୟ କରିଛନ୍ତି।

# ପ୍ରାତଃ ୭.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଖୋଲା ରହିବ ନନ୍ଦନକାନନ

**ଆସିବେ ୩ ପ୍ରଜାତିର ୧୮ ଜୀବଜନ୍ତୁ**

ବାରଙ୍ଗ,୧।୪(ସଂଚାର ବ୍ୟୁରୋ):ଆଜିଠାରୁ ବଦଳିଛି ନନ୍ଦନକାନନ ଖୋଲିବା ଓ ବନ୍ଦ ହେବା ସମୟ। ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ସମୟରେ ପରିବର୍ତ୍ତନ କରାଯାଇଛି। ପ୍ରତିବର୍ଷ ଭଳି ଗ୍ରୀଷ୍ମ ଋତୁ ସାଙ୍ଗକୁ ଦିନ ବଡ଼ ହୋଇଯିବା ଯୋଗୁଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଆଜିଠାରୁ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୭ଟା ୩୦ରେ ଖୋଲି ସନ୍ଧ୍ୟା ୫ଟା ୩୦ଟାରେ ବନ୍ଦ ହେବ। ଏନେଇ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ସୂଚନା ଦିଆଯାଇଛି। ପୂର୍ବରୁ ଶୀତକାଳୀନ ଭ୍ରମଣ ପାଇଁ ଦିନ ଛୋଟ ଥିବାରୁ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ ଉଭୟ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଖୋଲା ରହୁଥିଲା। ସେହିପରି ଟିକେଟ ବୁକିଂର ଶେଷ ସମୟ ସନ୍ଧ୍ୟା ୫ଟା ରହିବ। ପୂର୍ବଭଳି ପ୍ରତି ସୋମବାର ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ନନ୍ଦନକାନନକୁ ଆସିବେ ନୂଆ ଅତିଥି। ୩ ପ୍ରଜାତିର ୧୮ ଜୀବଜନ୍ତୁ ଆସିବେ ନନ୍ଦନକାନନ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି। ଚଳିତ ବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଗୁଜରାଟର ଜୁନାଗଡ଼ ସକ୍କରବାଗ ଚିଡ଼ିଆଖାନା ମଧ୍ୟରେ ଏହି ପ୍ରକ୍ରିୟା ହୋଇଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କ ଅନୁମୋଦନ ପରେ ଚଳିତ ବର୍ଷର ଏହା ଦ୍ୱିତୀୟ ପର୍ଯ୍ୟାୟ ଜନ୍ତୁ ଅଦଳବଦଳ ପ୍ରକ୍ରିୟା ବୋଲି ଜଣାପଡ଼ିଛି।




# ଡାହାଣୀ ସନ୍ଦେହରେ ଖୁଡ଼ୀଙ୍କୁ ହତ୍ୟା ଉଦ୍ୟମ

ମୋରଡ଼ା,୧।୪(ସଂଚାର ବ୍ୟୁରୋ):ନିଜ ଖୁଡ଼ୀକୁ ଡାହାଣୀ ସନ୍ଦେହ କରି ଜୀବନରୁ ମାରିଦେବାକୁ ପୁତୁରା ଉଦ୍ୟମ କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଥାନା ଅଧୀନସ୍ଥ ସଂସା ଗ୍ରାମରେ। ଗ୍ରାମର ସୋମବାରୀ ହାଁସଦା ତାଙ୍କ ପରିବାର ଲୋକଙ୍କ ସହ ମଙ୍ଗଳବାର ରାତିରେ ଶୋଇଥିବା ସମୟରେ ରାତି ପ୍ରାୟ ୧୨ଟା ବେଳେ ତାଙ୍କୁ ତାଙ୍କ ପୁତୁରା ଶ୍ୟାମସୁନ୍ଦର ହାଁସଦା ହତ୍ୟା କରିବା ସକାଶେ ଉଦ୍ୟମ କରିଥିଲା। ସେ ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଏକ ପଥର ସାହାଯ୍ୟରେ ସୋମବାରୀଙ୍କୁ ଆକ୍ରମଣ କରିଥିଲା। ତେବେ ସୋମବାରୀ



ମଶାରୀ ଟାଙ୍ଗି ଶୋଇଥିବାରୁ ଏହି ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିଲେ। କିନ୍ତୁ ଏହା ପରେ ବି ସୋମବାରୀଙ୍କୁ ହତ୍ୟା କରିବା ସକାଶେ ପୁଣିଥରେ ଶ୍ୟାମସୁନ୍ଦର ଉଦ୍ୟମ କରିଥିଲା। ଏଥର ସୋମବାରୀ ଖୁବ୍ ଜୋର୍‌ରେ ପାଟି କରିବାରୁ ପରିବାର ଲୋକେ ଓ ପଡ଼ୋଶୀମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ତେବେ ଘଟଣାସ୍ଥଳରୁ ପୁତୁରା ଶ୍ୟାମସୁନ୍ଦର ଫେରାର ହୋଇଯାଇଛି। ଅନ୍ୟପକ୍ଷରେ ସୋମବାରୀ ଗୁରୁତର ଭାବେ ଆହତ ହୋଇଥଇବା ବେଳେ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ଖବର ପାଇ ଆଜି ସକାଳେ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ପାରିବାରିକ କଳହ ଓ ସୋମବାରୀଙ୍କୁ ଡାହାଣୀ ସନ୍ଦେହ କରି ଶ୍ୟାମସୁନ୍ଦର ଘର ଛାଡ଼ି ବାହାରେ ରହୁଛନ୍ତି। ତେବେ ଗତକାଲି ଡାହାଣୀ ସନ୍ଦେହରେ ତାଙ୍କ ମା'ଙ୍କୁ ଜୀବନରୁ ମାରି ଦେବାକୁ ସେ ଚେଷ୍ଟା କରିଛନ୍ତି ବୋଲି ସୋମବାରୀଙ୍କ ବୋହୂ କାଜଲ ହାଁସଦା କହିଛନ୍ତି।

# କୁମ୍ଭୀର ମୁହଁରୁ ଖସିଆସିଲେ ଗୁରୁଚରଣ



କଳିଙ୍ଗନଗର,୧।୪(ସଂଚାର ବ୍ୟୁରୋ): ସ୍ଥାନୀୟ ଯୋକଡ଼ିଆ ପାଟିଆ ନଈରେ ଜନୈକ ବ୍ୟକ୍ତି କୁମ୍ଭୀର ମୁହଁରୁ ବର୍ତ୍ତିବାରେ ସକ୍ଷମ ହୋଇଛନ୍ତି। ଉକ୍ତ ଶ୍ରମଜୀବୀ ଜଣଙ୍କ ନଦୀରେ ଗାଧୋଉଥିବା ସମୟରେ ଅଚାନକ ତାଙ୍କୁ କୁମ୍ଭୀରଟି ଆକ୍ରମଣ କରିଥିଲା। ଏଥିରେ ଉକ୍ତ ବ୍ୟକ୍ତି ଜଣଙ୍କ ଖଣ୍ଡିଆଖାବରା ହୋଇଥିଲେ ମଧ୍ୟ ଛାଟିପିଟି ହୋଇ ଶେଷରେ କୁମ୍ଭୀରଠାରୁ ନିଜକୁ ବଞ୍ଚାଇଛନ୍ତି। ଘଟଣାଟି ଯାଜପୁର ଜିଲ୍ଲା ଅନ୍ତର୍ଗତ ରସୁଲପୁର ବ୍ଲକ୍‌ର କୁଜିବର ନିକଟରେ ଘଟିଛି। ଆହତ ବ୍ୟକ୍ତି ଜଣଙ୍କ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଅଞ୍ଚଳର ଗୁରୁଚରଣ ଦେହୁରୀ(୬୦) ବୋଲି ଜଣାପଡ଼ିଛି। ସେ ଏଠାକୁ ଜନୈକ ଚାଷୀଙ୍କ ଜମିରୁ ଚିନାବାଦାମ ଓପାଡ଼ିବା ପାଇଁ ଆସିଥିଲେ। ତେବେ ଆଜି ସେ ନଦୀରେ ଗାଧୋଉଥିବା ସମୟରେ ତାଙ୍କୁ କୁମ୍ଭୀରଟି ପଛପଟୁ ଆକ୍ରମଣ କରିଥିଲା। ତାଙ୍କ ଦେହରେ ଏକାଧିକ ସ୍ଥାନରେ କ୍ଷତଚିହ୍ନ ରହିଥିବା ବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଥାନାରେ ପଶି ଯୁବକଙ୍କ ଉନ୍ମତ୍ତ କାଣ୍ଡ

- ଥାନାଧିକାରୀଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକ



ଉଦଳା,୧।୪(ସଂଚାର ବ୍ୟୁରୋ): ଥାନାରେ ପଶି ଜନୈକ ଯୁବକ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ମହିଳା ଥାନାଧିକାରୀଙ୍କ ସହ ଅନ୍ୟ ମହିଳା ଅଧିକାରୀଙ୍କୁ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଗାଳିଗୁଲଜ କରିଛନ୍ତି। କପ୍ତିପଦା ଥାନା ଭିତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁସାରେ, ଏକ ମାମଲାରେ ବାଲେଶ୍ୱର ଜିଲ୍ଲା ଧରମପୁର ଅଞ୍ଚଳର ଦୀପକ ସିଂ ଥାନାକୁ ଭଦ୍ର ଲୋକ ସାଜି ଆସିଥିଲେ। ତେବେ ଥାନା ଭିତରେ ବସିଥିବା ବେଳେ ଅଚାନକ ସେ କପ୍ତିପଦା ଥାନାଧିକାରୀଙ୍କ ସହ ସବ୍‌ଇନ୍ସପେକ୍ଟର ଓ ଅନ୍ୟ ମହିଳା ଅଧିକାରୀଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଥାନାରେ ହଙ୍ଗାମା କରିଥିଲେ। ଏପରିକି ଥାନା ଭିତରେ ପୁଲିସ କର୍ମଚାରୀଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ସେ ଧମକ ଦେଇଥିଲେ। ଫଳତଃ ଏହାକୁ ନେଇ ଥାନାରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ଦୀପକଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଫାଟିଲା ଗ୍ୟାସ୍ ସିଲିଣ୍ଡର, ବର୍ତ୍ତିଗଲେ ପରିବାର ଲୋକେ



ତୁମୁଡ଼ିବନ୍ଧ,୧।୪(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ମୁଖ୍ୟ ବଜାରସ୍ଥିତ ଦୁଷ୍ମନ୍ତ ସାହୁ ନାମକ ବ୍ୟବସାୟୀଙ୍କ ବାସଭବନରେ ଆଜି ଅଚାନକ ରୋଷେଇ ସମୟରେ ରନ୍ଧନ ଗ୍ୟାସ ଫାଟିଯାଇଥିବା ବେଳେ ପରିବାର ଲୋକେ କିନ୍ତୁ ସୌଭାଗ୍ୟବଶତଃ ଏଥିରୁ ମୁକୁଳିଯାଇଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ସକାଳୁ ଦୁଷ୍ମନ୍ତଙ୍କ ପତ୍ନୀ ନିତ୍ୟକର୍ମ ସାରି ରୋଷେଇ ଘରେ ଗ୍ୟାସ୍‌ରେ ରୋଷେଇ କରୁଥିବା ସମୟରେ ହଠାତ ଚୁଲାରୁ ଗ୍ୟାସ ସିଲିଣ୍ଡରକୁ ସଂଯୋଗ କରୁଥିବା ପାଇପ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ଭୟଭୀତ ହୋଇ ଦୁଷ୍ମନ୍ତଙ୍କ ପତ୍ନୀ ଚିତ୍କାର କରି ବାହାରକୁ ଦୌଡ଼ି ପଳାଇଆସିଥିଲେ। ତାଙ୍କ ଚିତ୍କାର ଶୁଣି ପଡ଼ିଶା ଲୋକେ ଘର ଆଗରେ ଜମା ହେବା ସହ ତୁମୁଡିବନ୍ଧ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ତେବେ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ୟାସ ସିଲିଣ୍ଡର୍‌ଟି ଭୀଷଣ ଶବ୍ଦ କରି ଫାଟିଯାଇଥିଲା। ପରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପାଖାପାଖି ଏକ ଘଣ୍ଟା ଉଦ୍ୟମ କରି ଉକ୍ତ ନିଆଁକୁ ଲିଭାଇଥିଲେ। ତେବେ ବିସ୍ଫୋରଣରେ ଘରର ଗୋଟିଏ ପଟ କାନ୍ଥ ଭୁଶୁଡ଼ି ପଡ଼ିଥିବା ବେଳେ ଅନେକ ଜାଗାରେ ଫାଟ ସୃଷ୍ଟି ହୋଇଛି। ତେବେ ଗ୍ୟାସ୍ ସିଲିଣ୍ଡରଟିରେ କେଉଁ କାରଣରୁ ଅଗ୍ନି ସଂଯୋଗ ହେଲା, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ।

# ଆସନ୍ତା ୫ ଦିନ ଦିନବେଳା ଗରମ, ରାତିରେ ବର୍ଷା



ଭୁବନେଶ୍ୱର, ୧।୪ (ସଂଚାର ବ୍ୟୁରୋ) : ଦିନରେ ହେବ ପ୍ରବଳ ଗରମ । ସନ୍ଧ୍ୟାରେ ହେବ ବର୍ଷା । ଏନେଇ ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । ଆସନ୍ତା ୫ ଦିନ ରାଜ୍ୟରେ ଏଭଳି ସ୍ଥିତି ଲାଗି ରହିବ। ରାଜ୍ୟରେ ବଢ଼ିବ ଆଦ୍ରତା । ବଢ଼ିବ ଗୁଳୁଗୁଳି, ଶିଝିବ ଓଡ଼ିଶା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଗଞ୍ଜାମ, ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଆର୍ଦ୍ର ପରିସ୍ଥିତି ଜାରି ରହିବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲା ଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଜଗତସିଂହପୁର, ଗଞ୍ଜାମ, ଗଜପତି, ନୂଆପଡ଼ା ଓ ନବରଙ୍ଗପୁରର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହ ବିଜୁଳି ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏହିଭଳି ସ୍ଥିତି ଲାଗି ରହିବ ବୋଲି ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡ଼ା, କୋରାପୁଟ, ନୂଆପଡ଼ା, ନବରଙ୍ଗପୁର, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଏବଂ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ଏବଂ ଘଣ୍ଟାପ୍ରତି ୩୦-୪୦ କିମି ପବନ ବହିବା ସମ୍ଭାବନା ଅଛି।

## ସ୍ତ୍ରୀଙ୍କୁ ମାରି ନିଆଁ ଲଗାଇବା ବେଳେ ଜଳିଗଲେ ସ୍ୱାମୀ



ବଲାଙ୍ଗୀର, ୧।୪ (ସଂଚାର ବ୍ୟୁରୋ) : ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ଏଏନଏମ ଦମୟନ୍ତୀ ବାରିକ (୫୬) ଙ୍କ ମୃତ୍ୟୁ ଘଟଣା । ଖବର ଅନୁସାରେ, ମଙ୍ଗଳବାର ରାତିରେ ଷ୍ଟାଫ୍ କ୍ୱାର୍ଟରେ ଦମୟନ୍ତୀ ବାରିକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା । ତେବେ ବଲାଙ୍ଗିର ସଦର ଏସଡିପିଓ ସରୋଜ ଉପାଧ୍ୟାୟ ଘଟଣାକୁ ନେଇ କହିଛନ୍ତି ଯେ, ଏଏନଏମ ମହିଳାଙ୍କୁ ତାଙ୍କ ସ୍ୱାମୀ ଉପେନ୍ଦ୍ର କାଲସାଏ (୬୦) ପିଟିପିଟି ମାରି ଦେଇଥିଲେ ଏବଂ ଏହା ପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଏହି ସମୟରେ ସେ ନିଜେ ମଧ୍ୟ ପୋଡି ଯାଇଥିଲେ । ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବର୍ତ୍ତମାନ ତାଙ୍କ ସ୍ୱାମୀଙ୍କର ମଧ୍ୟ ମୃତ୍ୟୁ ଘଟିଛି । ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା ଏଏନଏମଙ୍କ ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ପାଇଥିଲେ। ପୋଲିସ ସାଇଣ୍ଟିଫିକ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାମଚନ୍ଦ୍ରପୁର ସରକାରୀ କ୍ୱାର୍ଟରରେ ସ୍ୱାମୀ ସ୍ତ୍ରୀ ରହୁଥିବା ବେଳେ ପୁଅ ଝିଅ ବାହାରେ ରହି ପଢୁଥିବା ଜଣାପଡ଼ିଛି । ପାରିବାରିକ କଳହରୁ ଏହି କାଣ୍ଡ ଘଟିଥିବା କୁହାଯାଉଛି। ଏନେଇ ଅଧିକ ତଦନ୍ତ ଜାରି ରଖିଛି ପୋଲିସ ।

## ୩ ପର୍ଯ୍ୟନ୍ତ ହାଇକୋର୍ଟ ଛୁଟି

କଟକ,୧।୪ (ସଂଚାର ବ୍ୟୁରୋ):ଓଡ଼ିଶା ହାଇକୋର୍ଟ ଆଜିଠୁ ୩ ତାରିଖ ପର୍ଯ୍ୟନ୍ତ ଛୁଟି ରହିବ। ହାଇକୋର୍ଟଙ୍କ କ୍ୟାଲେଣ୍ଡର ଅନୁଯାୟୀ ଏପ୍ରିଲ ୧ (ବୁଧବାର) ଓଡ଼ିଶା ଦିବସ ଓ ଏପ୍ରିଲ ୩ ଗୁଡ୍ ଫ୍ରାଇଡେ (ଶୁକ୍ରବାର) ପାଇଁ ପୂର୍ବରୁ ଛୁଟି ଘୋଷଣା ହୋଇଛି। ତେବେ ଆସନ୍ତାକାଲି (ଗୁରୁବାର) ଓଡ଼ିଶା ହାଇକୋର୍ଟ ଛୁଟି ଘୋଷଣା



କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇ ଏହି ଦିନକୁ ଛୁଟି ଭାବେ ଘୋଷଣା କରାଯାଇଛି। ଏପ୍ରିଲ ୨ ତାରିଖ ବଦଳରେ ଅଗଷ୍ଟ ୨୯ ତାରିଖ (ଶନିବାର) ହାଇକୋର୍ଟ ଖୋଲା ରହିବ ଓ ଏହା ଏକ କାର୍ଯ୍ୟ ଦିବସ ଭାବେ ଗଣା ହେବ ବୋଲି ଓଡ଼ିଶା ହାଇକୋର୍ଟଙ୍କ ରେଜିଷ୍ଟ୍ରାର (ନ୍ୟାୟିକ)ଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଓଡ଼ିଶା ପୁଲିସକୁ 'ପ୍ରେସିଡେଣ୍ଟସ୍ କଲର' ପୁରସ୍କାର

**୯୧ ବର୍ଷ ପରେ ମିଳିଲା ସମ୍ମାନ**



ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସକୁ 'ପ୍ରେସିଡେଣ୍ଟସ୍ କଲର' ପୁରସ୍କାର ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ପୁଲିସକୁ ପ୍ରେସିଡେଣ୍ଟ ମର୍ଯ୍ୟାଦାଜନକ 'ପୁଲିସ କଲର' ପ୍ରଦାନକୁ ମଞ୍ଜୁରୀ ଦେଇଛନ୍ତି। ପୁଲିସ କଲର୍ ହେଉଛି ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଏକ ପୁଲିସ ବାହିନୀକୁ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ, ଯାହା ସେମାନଙ୍କ ଅସାଧାରଣ ସେବା ଓ ସାହସିକତାକୁ ସୂଚିତ କରେ। 'ପ୍ରେସିଡେଣ୍ଟସ୍ କଲର' ପୁରସ୍କାର ପାଇବା ସଶସ୍ତ୍ର ବାହିନୀ ପାଇଁ ଗର୍ବ ଓ ସମ୍ମାନର ବିଷୟ। ଏହି ପୁରସ୍କାର ମିଳିବା ସେମାନଙ୍କ ପାଇଁ କଠିନ ପରିଶ୍ରମ, ସାହସିକତା ଓ ସମର୍ପଣର ପ୍ରତୀକ। ଓଡ଼ିଶା ପୁଲିସର କାର୍ଯ୍ୟଦକ୍ଷତା, ପରାକାଷ୍ଠାର ନିଦର୍ଶନକୁ ଦେଖି ଏହା ପ୍ରଥମ ଥର ପାଇଁ ଓଡ଼ିଶା ପୁଲିସକୁ ପ୍ରଦାନ କରାଯାଉଛି। ଯାହା ଓଡ଼ିଶା ପୁଲିସ ପ୍ରତିଷ୍ଠାର ୯୧ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ପ୍ରଦାନ କରାଯାଉଛି। ଯାହାକୁ ନେଇ ଡିଜିପି ୱାଇବି ଖୁରାନିଆ ସବୁ ସ୍ତରର ସହକର୍ମୀ, ଅଧିକାରୀଙ୍କୁ ଶ୍ରେୟ ଦେଇଛନ୍ତି। ଓଡ଼ିଶା ପୁଲିସର ଏହି ସଫଳତାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ପ୍ରଶଂସା କରିଛନ୍ତି।

**'ଓଡ଼ିଶା ଦିବସ'ର ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ**

# 'ବିକଶିତ ଓଡ଼ିଶା' ପାଇଁ ୧୦ଟି ସଂକଳ୍ପ ନେବାକୁ ଆହ୍ୱାନ



ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପବିତ୍ର 'ଓଡ଼ିଶା ଦିବସ' ଅବସରରେ ଦେଶ ତଥା ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ଭିଡିଓ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ୧୦ ବର୍ଷ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠନର ଶତାବ୍ଦୀ ପୂର୍ତ୍ତି ଅଭିମୁଖେ ଗୁରୁତ୍ୱପୂର୍ଣ୍ଣ ଯାତ୍ରା ବୋଲି କହିବା ସହ ଶ୍ରୀ ପ୍ରଧାନ ଓଡ଼ିଶାକୁ ସମୃଦ୍ଧ ଓ ବିକଶିତ ରାଜ୍ୟ ଭାବେ ଗଢ଼ିବା ସକାଶେ ୧୦ଟି ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି। ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଦିନଟି ସମସ୍ତଙ୍କ ପାଇଁ ଗୌରବର ଦିନ। ଏହା ଆମ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସଂଘର୍ଷର ବିଜୟ ଉତ୍ସବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମହାପୁରୁଷଙ୍କର ଅତୁଳନୀୟ ଅବଦାନ ରହିଛି। ସେମାନଙ୍କ ସଂଘର୍ଷ ଯୋଗୁଁ ଓଡ଼ିଆ ଜାତି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପାଇଛି।

୨୦୩୬ରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂରିବାକୁ ଥିବା ବେଳେ କେନ୍ଦ୍ରମନ୍ତ୍ରୀ ପ୍ରତି ଓଡ଼ିଆଙ୍କୁ ୧୦ଟି ସଂକଳ୍ପ ନେବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଆଜିଠାରୁ ଠିକ୍ ୧୦ ବର୍ଷ ପରେ ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ସେହିପରି ୨୦୪୭ରେ ଦେଶ ସ୍ୱାଧୀନତାର ଶତାବ୍ଦୀ ପୂରଣ କରିବ। ଏଥିପାଇଁ ଆଗାମୀ ୧୦ ବର୍ଷରୁ ୨୧ ବର୍ଷ ଅତ୍ୟନ୍ତ ନିର୍ଣ୍ଣାୟକ ଓ ମହତ୍ତ୍ୱପୂର୍ଣ୍ଣ। ତେଣୁ ଆଜି ସମସ୍ତଙ୍କ ପାଇଁ ଆତ୍ମସମୀକ୍ଷାର ଦିନ। ଆମକୁ ସଂକଳ୍ପ ନେବାକୁ ହେବ ଯେ - ଆମେ ଆମର ମାତୃଭାଷାକୁ ସମ୍ମାନ ଦେବା ଏବଂ ଏହାର ପ୍ରଚାର ପ୍ରସାର କରିବା। ଓଡ଼ିଶାର ବିକାଶ ଓ ପ୍ରଗତିରେ ନିଜ ନିଜ କ୍ଷେତ୍ରରେ ଅବଦାନ ଦେବା। ଜାତି, ଧର୍ମ ଓ ଭେଦଭାବ ଭୁଲି ଏକ ସମୃଦ୍ଧ ଏବଂ ସଶକ୍ତ ଓଡ଼ିଶା ଗଠନରେ ସହାୟକ ହେବା। ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଞ୍ଚାଇବା ପାଇଁ ସାମୂହିକ ଦାୟିତ୍ୱ ନେବା। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରିବା। ଆମର ବିଦ୍ୟାଳୟ, ମନ୍ଦିର, ଐତିହ୍ୟ ସ୍ଥଳୀ ଓ ରାସ୍ତାଘାଟକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା। ଜଳ ଓ ଶକ୍ତିର ସଂରକ୍ଷଣ କରି ପ୍ରକୃତିର ସୁରକ୍ଷା କରିବା। ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ସ୍ଥିତି ବା କୌଣସି ଘଡ଼ିସନ୍ଧି ମୁହୂର୍ତ୍ତରେ ଧୈର୍ଯ୍ୟର ସହ ପରିସ୍ଥିତିକୁ ମୁକାବିଲା କରିବା ଏବଂ ଅନ୍ୟମାନଙ୍କୁ ସାହସ ଓ ସହଯୋଗ ପ୍ରଦାନ କରିବା। ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର୍ ଲୋକାଲ' ଆହ୍ୱାନରେ ଅନୁପ୍ରାଣିତ ହୋଇ ଓଡ଼ିଶାର ସ୍ଥାନୀୟ ସାମଗ୍ରୀକୁ ପୋତ୍ସାହନ ଦେବା ସହ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା। ସର୍ବୋପରି ଜଣେ ସଚେତନ ନାଗରିକ ଭାବେ ନିଜର ଅଧିକାରକୁ ସାବ୍ୟସ୍ତ କରିବା ସହ କର୍ତ୍ତବ୍ୟ ସମ୍ପାଦନ କରିବା। ଏହି ସଂକଳ୍ପଗୁଡ଼ିକ ହିଁ ଆମକୁ ଆଗାମୀ ଦିନରେ ଏକ ସ୍ୱାଭିମାନୀ, ସମୃଦ୍ଧ ଏବଂ ବିକଶିତ ଓଡ଼ିଶା ଗଠନର ମାର୍ଗ ଦେଖାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ଆଜିର ଓଡ଼ିଶା ଏକ ବଡ଼ ପରିବର୍ତ୍ତନର ପଥରେ ଅଗ୍ରସର ହେଉଛି। ରାଜ୍ୟର ସମୃଦ୍ଧ ସଂସ୍କୃତି, ଭାଷା ଓ ଐତିହ୍ୟକୁ ଯୁବପିଢ଼ି ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଆସନ୍ତା ୧୪ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ କରିବେ। ଏହି ଅଭିଯାନ ଅଧୀନରେ ଶିଶୁଙ୍କ ପାଇଁ ଖଡ଼ିଛୁଆଁ ଓ ବର୍ଣ୍ଣବୋଧ ବଣ୍ଟନ, ଓଡ଼ିଆ ନାମଫଳକ ଲଗାଇବା ପାଇଁ ସଚେତନତା, ପୁସ୍ତକ ମେଳା, ସାହିତ୍ୟ ଚର୍ଚ୍ଚା ସହ ବରପୁତ୍ରମାନଙ୍କ ଆଦର୍ଶ ଉପରେ ଆଲୋଚନା କରାଯିବ। ଏହି ପଦକ୍ଷେପ ଐତିହ୍ୟକୁ ବିଶ୍ୱ ଦରବାରରେ ନୂତନ ପରିଚୟ ଦେବା ସହ ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଲାଗୁ ହେଲା ନୂଆ ଆୟକର ଆଇନ




ନୂଆଦିଲ୍ଲୀ,୧।୪: ନୂଆ ଆର୍ଥିକ ବର୍ଷ ସହ ଏପ୍ରିଲ ୧ରୁ ସାରା ଦେଶରେ କାର୍ଯ୍ୟକାରୀ ହେଉଛି ନୂଆ ଆୟକର ଆଇନ। ଏହା ୬ ଦଶନ୍ଧି ପୁରୁଣା ପ୍ରତ୍ୟକ୍ଷ ଟିକସ ଆଇନକୁ ବାଦ ଦେବ। ଅନୁପାଳନ ବ୍ୟବସ୍ଥା, ଶବ୍ଦ ଏବଂ ଟିକସ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ଦେଖିବାକୁ ମିଳିବ। ଏଥିରେ ଆର୍ôଥକ ବର୍ଷ ଏବଂ ଆସେସ୍ମେଣ୍ଟ ବର୍ଷ ପରିବର୍ତ୍ତେ ଟିକସ ବର୍ଷ ଭଳି ନୂଆ ସଂସ୍କାର କାର୍ଯ୍ୟକାରୀ ହେଉଛି। ଆୟକର ଫାଇଲିଂକୁ ସରଳୀକରଣ କରିବା ଏବଂ ଟିକସଦାତାଙ୍କ ବୁଝିବା ଭଳି ଶବ୍ଦ ଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି। ଏହାବାଦ ଆୟକର ରିଟର୍ଣ୍ଣ ଫାଇଲ କରିବା ସମୟ ସୀମାରେ ମଧ୍ୟ ପରିବର୍ତ୍ତନ କରାଯାଇଛି।

ବେତନଭୋଗୀ କର୍ମଚାରୀଙ୍କ ଲାଗି ଏହି ଅବଧି ଜୁଲାଇ ୩୧ ଅପରିବର୍ତ୍ତିତ ରହିଛି। ଅଡିଟ୍ ଆବଶ୍ୟକତା ନ ଥିବା କ୍ଷେତ୍ରରେ ସ୍ୱରୋଜଗାର ଟିକସଦାତା ପ୍ରଫେଶନାଲଙ୍କ ପାଇଁ ଏହା ଅଗଷ୍ଟ ୩୧ ରହିଛି। ଫ୍ୟୁଚର ଏବଂ ଅପ୍ସନ କ୍ଷେତ୍ରରେ ପ୍ରତିଭୂତି ବିନିମୟ ଟିକସ (ଏସ୍ଏସ୍ଟି) ବୃଦ୍ଧି ହୋଇଥିବାରୁ ଡେରିଭେଟିଭ ଟ୍ରେଡିଂ ମହଙ୍ଗା ହେବ। ସେହିଭଳି ଘରଭଡ଼ା ଭତ୍ତା (ଏଚ୍ଆର୍ଏ) ନିୟମକୁ କଡ଼ାକଡ଼ି କରାଯାଇଛି। ଏଥିଲାଗି ଘର ମାଲିକଙ୍କ ସମ୍ପର୍କରେ ତଥ୍ୟ, ପାନ୍ ତଥ୍ୟ ପ୍ରଦାନ କରିବାକୁ ହେବ। ଉଚ୍ଚ ଏଚ୍ଆର୍ଏ ଛାଡ କ୍ଷେତ୍ରରେ ସହର ଗୁଡ଼ିକର ଯୋଗ୍ୟତା ନିୟମକୁ ମଧ୍ୟ ବ୍ୟାପକ କରାଯାଇଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ପୁନେ ଏବଂ ଅହମ୍ମଦାବାଦ ଭଳି ସହର ଗୁଡ଼ିକ ବର୍ତ୍ତମାନ ଏଥିରେ ଯୋଡ଼ି ହୋଇଛନ୍ତି। ସେହିଭଳି କର୍ମଚାରୀଙ୍କ ସମ୍ପର୍କିତ ଟିକସ ସୁବିଧାକୁ ମଧ୍ୟ ସମ୍ପ୍ରସାରଣ କରାଯାଇଛି। ମିଲ୍ ବେନିଫିଟ୍ କୋହଳ ଏବଂ ଟିକସମୁକ୍ତ ଉପହାର ସୀମା ବଢ଼ିଛି। ଷ୍ଟକ୍ ବାଏବ୍ୟାକ ଉପରେ ଏବେ ଟିକସ ଲାଗିବ। ବିଭିନ୍ନ ଉତ୍ସରୁ ଆୟ ଉପରେ ଟିଡିଏସ୍ କ୍ଷେତ୍ରରେ ଏକକ ଡିକ୍ଲାରେସନ କରିବେ ଟିକସଦାତା। ଏନ୍ଆର୍ଆଇଙ୍କଠାରୁ ସମ୍ପତ୍ତି କ୍ରୟ ଉପରେ ପାନ୍ ଜରିଆରେ ଟିଡିଏସ୍ ଡିଡକ୍ସନ କରିପାରିବେ। ବିଦେଶ ଗସ୍ତ ଉପରେ ଟିସିଏସ୍ ୨% ଥିବାରୁ ବିଦେଶୀ ଖର୍ଚ୍ଚ କ୍ଷେତ୍ରରେ ଆଶ୍ୱସ୍ତି ମିଳିବ।

ଶିକ୍ଷା ଓ ଡାକ୍ତରୀ ଖର୍ଚ୍ଚ ଲାଗି ବିଦେଶକୁ ଅର୍ଥ ପଠାଇଲେ ଟିସିଏସ୍ ମଧ୍ୟ କମ୍ ରହିବ। ପରିବର୍ତ୍ତିତ ରିଟର୍ଣ୍ଣ ସୀମା ମାର୍ଚ୍ଚ ୩୧କୁ ବୃଦ୍ଧି କରାଯାଇଛି। ମାତ୍ର ଡିସେମ୍ବର ପରେ ଆବେଦନ କଲେ ଅତିରିକ୍ତ ଦେୟ ଲାଗିବ। ଆସେସମେଣ୍ଟ ବର୍ଷ ୨୦୨୬-୨୭ ଲାଗି ଆୟକର ରିଟର୍ଣ୍ଣ ଫର୍ମ ୧ ଓ ୭ ଜାରି ହୋଇଛି। ଧାର୍ଯ୍ୟ ସମୟ ଅବଧି ମଧ୍ୟରେ ଏହାକୁ ଫାଇଲ କରିବେ ଟିକସଦାତା। ନୂଆ ଆଇଟିଆର୍-୧ (ସହଜ) ଦ୍ୱାରା ରିଟର୍ଣ୍ଣ ଫାଇଲ ଆହୁରି ସରଳ ହେବ ବୋଲି କହିଛନ୍ତି ବିଶେଷଜ୍ଞ।




## ବ୍ୟାଙ୍କିଂ କ୍ଷେତ୍ରରେ କ୍ୟାରିୟର ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ

ନୂଆଦିଲ୍ଲୀ, ୧।୪:ବ୍ୟାଙ୍କିଂ କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ସ୍ୱପ୍ନ ଦେଖୁଥିବା ପ୍ରାର୍ଥୀମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ଆଇଡିବିଆଇ ବ୍ୟାଙ୍କ (ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ବ୍ୟାଙ୍କ ଅଫ ଇଣ୍ଡିଆ) ବିଭିନ୍ନ ସ୍ପେସିଆଲିଷ୍ଟ ଅଧିକାରୀ (ଏସଓ) ପଦବୀରେ ନିଯୁକ୍ତି ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଛି। ଏହି ନିଯୁକ୍ତି ଅଭିଯାନ ମାଧ୍ୟମରେ ବ୍ୟାଙ୍କ ମୋଟ ୨୨ ଟି ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବ। ଏହି ପଦବୀଗୁଡ଼ିକ ଆଇଟି, ଏମଆଇଏସ, ସିକ୍ୟୁରିଟି, ରିସ୍କ ମ୍ୟାନେଜମେଣ୍ଟ ଏବଂ ଅଡିଟ୍ ଭଳି ପ୍ରମୁଖ ବିଭାଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛି। ଆଇଡିବିଆଇ ବ୍ୟାଙ୍କ ନିଯୁକ୍ତି ଆବେଦନ ତାରିଖ ଏବଂ ପ୍ରକ୍ରିୟା ଆଇଡିବିଆଇ ବ୍ୟାଙ୍କରେ ସ୍ପେସିଆଲିଷ୍ଟ ଅଧିକାରୀ ପଦବୀ ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟା ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇଯାଇଛିଛି। ଆଗ୍ରହୀ ପ୍ରାର୍ଥୀମାନେ ବ୍ୟାଙ୍କର ସରକାରୀ ୱେବସାଇଟ୍, **idbibank.in** ପରିଦର୍ଶନ କରି ଆବେଦନ କରିପାରିବେ। ଶେଷ ତାରିଖ ୨୦୨୬ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ରହିଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଆଇଟି ଏବଂ ଏମଆଇଏସରେ ୧୯ଟି ପଦବୀ, ସିକ୍ୟୁରିଟି ଗ୍ରେଡ୍-ଡିରେ ୮ଟି, ରିସ୍କ ମ୍ୟାନେଜମେଣ୍ଟ ଓ ଇନଫର୍ମେସନ୍ ସିଷ୍ଟମ ପାଇଁ ୪ଟି ପଦବୀ ଓ ଇନଫର୍ମେସନ୍ ସିଷ୍ଟମ (ଆଇଏସ୍) ଗ୍ରେଡ୍-ସିରେ ୨ଟି ପଦବୀ ଅନ୍ତର୍ଭୁକ୍ତ। ପଦବୀଗୁଡ଼ିକୁ ଡି, ସି, ବି ଏବଂ ଓ ଗ୍ରେଡ୍ ରେ ବର୍ଗୀକୃତ କରାଯାଇଛି।। ଆବେଦନକାରୀ ପ୍ରାର୍ଥୀଙ୍କ ବୟସ ୨୫ ରୁ ୪୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ସରକାରୀ ନିୟମ ଅନୁଯାୟୀ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ବୟସ ଛାଡ଼ ପ୍ରଦାନ କରାଯିବ। ଆବେଦନ ଫି ବର୍ଗ ଅନୁସାରେ ନିର୍ଣ୍ଣୟ କରାଯାଇଛି। ସାଧାରଣ, ଓବିସି ଏବଂ ଇଡବ୍ଲୁଏସ ବର୍ଗର ପ୍ରାର୍ଥୀମାନଙ୍କୁ ୧୦୫୦, ଏସସି, ଏସଟି ଓ ପିଡବ୍ଲୁଡି ବର୍ଗର ପ୍ରାର୍ଥୀମାନଙ୍କୁ ୨୫୦ଟଙ୍କା ଆବେଦନ ଆବେଦନ ଶୁଳ୍କ ଦେବାକୁ ପଡିବ। ଆଇଡିବିଆଇ ବ୍ୟାଙ୍କ ନିଯୁକ୍ତି ପାଇଁ ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କ ଗ୍ରେଡ୍ ଅନୁଯାୟୀ ମାସିକ ୧,,୨୪,୦୦୦ ରୁ ୧,୯୭,୦୦୦ ପର୍ଯ୍ୟନ୍ତ ଏକ ଭଲ ଦରମା ପ୍ୟାକେଜ୍ ପ୍ରଦାନ କରାଯିବ। ଦରମା ବ୍ୟତୀତ ପ୍ରାର୍ଥୀମାନେ ବ୍ୟାଙ୍କିଂ ଭତ୍ତା, ସ୍ୱାସ୍ଥ୍ୟସେବା ସୁବିଧା ଏବଂ ଅନ୍ୟାନ୍ୟ କର୍ମଚାରୀ ସୁବିଧା ମଧ୍ୟ ପାଇପାରିବେ।

## ଏଣିକି ଇନଷ୍ଟାଗ୍ରାମ ଚଲାଇଲେ ଗଣିବେ ଟଙ୍କା !



ନୂଆଦିଲ୍ଲୀ,୧।୪: ମେଟା ନିଜର ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏକ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। କମ୍ପାନୀ ଏକ ନୂଆ ପ୍ରିମିୟମ ସବସ୍କ୍ରିପସନ ମଡେଲ **'Instagram Plus'** ଉପରେ କାମ କରୁଛି, ଯାହା ୟୁଜର୍ସଙ୍କ ଅନୁଭୂତିକୁ ସମ୍ପୂର୍ଣ୍ଣ ବଦଳାଇ ଦେବ। ଏହି ପ୍ଲାନରେ ଏପରି କିଛି ଫିଚର୍ସ ମିଳିବ ଯାହା ବର୍ତ୍ତମାନ ସାଧାରଣ ୟୁଜର୍ସଙ୍କ ପାଇଁ ଉପଲବ୍ଧ ନାହିଁ। ମିଡିଆ ରିପୋର୍ଟ ଅନୁଯାୟୀ, **'Instagram Plus'**ର ପରୀକ୍ଷଣ ବର୍ତ୍ତମାନ ମେକ୍ସିକୋ, ଜାପାନ ଏବଂ ଫିଲିପାଇନ୍ସ ଭଳି କିଛି ନିର୍ଦ୍ଦିଷ୍ଟ ଦେଶରେ କରାଯାଉଛି। ବର୍ତ୍ତମାନ ଏହା କେବଳ ସୀମିତ ୟୁଜର୍ସଙ୍କ ପାଇଁ ଉପଲବ୍ଧ ହୋଇଥିବା ବେଳେ, ଆଗାମୀ ଦିନରେ ଏହାକୁ ବିଶ୍ୱର ଅନ୍ୟ ଦେଶମାନଙ୍କରେ ମଧ୍ୟ ଲଞ୍ଚ କରାଯାଇପାରେ। ଏହି ପେଡ୍ ସର୍ଭିସର ସବୁଠାରୁ ବଡ଼ ଫିଚର ହେଉଛି ଆପଣ ନିଜର ପରିଚୟ ନଲୁଚାଇ ଯେକୌଣସି ବ୍ୟକ୍ତିଙ୍କ ଷ୍ଟୋରୀ ଦେଖିପାରିବେ। ସେମାନଙ୍କ ଷ୍ଟୋରୀ ଭ୍ୟୁ ଲିଷ୍ଟରେ ଆପଣଙ୍କ ନାମ ଦେଖାଇବ ନାହିଁ। ଆପଣଙ୍କ ଷ୍ଟୋରୀକୁ କିଏ କେତେଥର ଦେଖିଛି, ତାହାର ସୂଚନା ମଧ୍ୟ ଆପଣ ପାଇପାରିବେ। ବର୍ତ୍ତମାନ କେବଳ 'କ୍ଲୋଜ୍ ଫ୍ରେଣ୍ଡ୍ସ' ଲିଷ୍ଟର ସୁବିଧା ଥିବାବେଳେ, ନୂଆ ପ୍ଲାନରେ ଆପଣ ଷ୍ଟୋରୀ ପାଇଁ ଅଲଗା ଅଲଗା ଗ୍ରୁପ୍ ବା ଲିଷ୍ଟ ପ୍ରସ୍ତୁତ କରିପାରିବେ। ୟୁଜର୍ସ ନିଜ ଷ୍ଟୋରୀକୁ ୨୪ ଘଣ୍ଟାରୁ ଅଧିକ ସମୟ ପାଇଁ ରଖିପାରିବେ ଏବଂ ସପ୍ତାହକୁ ଥରେ ନିଜର ଏକ ଷ୍ଟୋରୀକୁ ହାଇଲାଇଟ୍ କରି ସମସ୍ତଙ୍କ ଆଗରେ ପ୍ରଦର୍ଶିତ କରିପାରିବେ। ଷ୍ଟୋରୀରେ ସାଧାରଣ ଲାଇକ୍ ବଦଳରେ ଏନିମେଟେଡ୍ 'ସୁପରଲାଇକ୍' ପଠାଇବାର ସୁବିଧା ମିଳିବ। ଷ୍ଟୋରୀ ଦେଖିଥିବା ଲୋକଙ୍କ ତାଲିକାରେ ଆପଣ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ସର୍ଚ୍ଚ ମଧ୍ୟ କରିପାରିବେ।

ସୂଚନାଯୋଗ୍ୟ ଯେ, ଇନଷ୍ଟାଗ୍ରାମ ପ୍ଲସ୍ ଏବଂ ମେଟା ଭେରିଫାଏଡ୍ ସମ୍ପୂର୍ଣ୍ଣ ଭିନ୍ନ। 'ଭେରିଫାଇଡ୍' ପ୍ଲାନ୍ ମୁଖ୍ୟତଃ ବ୍ଲୁ-ଟିକ୍ ଏବଂ ସୁରକ୍ଷା ପାଇଁ କ୍ରିଏଟର୍ସଙ୍କୁ ଦିଆଯାଉଥିବା ବେଳେ, 'ଇନଷ୍ଟାଗ୍ରାମ୍ ପ୍ଲସ୍' ସାଧାରଣ ୟୁଜର୍ସଙ୍କ ବ୍ୟବହାରକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ ଏହାର ମୂଲ୍ୟ ବାବଦରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କିନ୍ତୁ ରିପୋର୍ଟ ଅନୁଯାୟୀ, ବିଭିନ୍ନ ଦେଶରେ ଏହାର ମାସିକ ସବସ୍କ୍ରିପସନ ଫି' ୧୦୦ ରୁ ୨୦୦ ଟଙ୍କା ମଧ୍ୟରେ ରହିପାରେ। ଭାରତରେ ଏହାର ପ୍ରକୃତ ମୂଲ୍ୟ କେତେ ହେବ, ତାହା ଲଞ୍ଚ ହେବା ପରେ ହିଁ ଜଣାପଡ଼ିବ।

## ଓରାକଲ୍‌ରେ ୩୦ ହଜାର କର୍ମଚାରୀଙ୍କ ଚାକିରି ଗଲା




### ୪୦%ରୁ ଅଧିକ ଭାରତୀୟ

ୱାସିଂଟନ, ୧।୪: ଆମେରିକୀୟ ଆଇଟି କମ୍ପାନି ଓରାକଲ୍ ସମ୍ପର୍କରେ ଏକ ବଡ଼ ଖବର ଆସିଛି। ରିପୋର୍ଟ ଅନୁଯାୟୀ, କମ୍ପାନି ଭାରତରେ ପ୍ରାୟ ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିଛି ଏବଂ ଆଗାମୀ ମାସରେ ଆଉ ଏକ ବଡ଼ ଧରଣର ଛଟେଇ ହେବାର ସମ୍ଭାବନା ରହିଛି। ଭାରତୀୟ କର୍ମଚାରୀମାନେ କମ୍ପାନିର ବିଶ୍ୱସ୍ତରରେ ୪୦ ପ୍ରତିଶତରୁ ଅଧିକ କର୍ମଚାରୀଙ୍କୁ ପ୍ରତିନିଧିତ୍ୱ କରନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କମ୍ପାନି ବିଶ୍ୱ ସ୍ତରରେ ପ୍ରାୟ ୩୦ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। ଏହି ସୂଚନା ଛଟେଇ ଯୋଗୁଁ ପ୍ରଭାବିତ ହୋଇଥିବା କର୍ମଚାରୀମାନେ ନିଶ୍ଚିତ କରିଛନ୍ତି। ଭାରତରେ ଓରାକଲର ମୋଟ କର୍ମଚାରୀ ସଂଖ୍ୟା ପ୍ରାୟ ୩୦ ହଜାର ବୋଲି ଜଣାପଡିଛି, ସେମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ କର୍ମଚାରୀ ଏହି ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି। କମ୍ପାନି ଏହି ବିଷୟରେ ଆନୁଷ୍ଠାନିକ ଭାବରେ ମତାମତ ଦେବାକୁ ମନା କରିଦେଇଛି।

ସକାଳ ୬ଟାରେ କର୍ମଚାରୀମାନଙ୍କୁ ପଠାଯାଇଥିବା ଏକ ଇମେଲରେ କୁହାଯାଇଛି ଯେ, କମ୍ପାନି କିଛି ସାଂଗଠନିକ ପରିବର୍ତ୍ତନ କରୁଛି, ଯାହା ଫଳରେ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫଳସ୍ୱରୂପ, ଅନେକ ପଦବୀକୁ ଉଚ୍ଛେଦ କରାଯାଉଛି, ଯାହା କର୍ମଚାରୀଙ୍କ ଚାକିରି ଉପରେ ପ୍ରଭାବ ପକାଇଛି। ଛଟେଇ ପରେ କର୍ମଚାରୀମାନଙ୍କ ପାଇଁ ଏକ ପ୍ୟାକେଜ୍ ମଧ୍ୟ ଘୋଷଣା କରାଯାଇଛି। ଏହି ଯୋଜନା ଅନୁଯାୟୀ, ଗୋଟିଏ ବର୍ଷ ଚାକିରି ପୂରଣ କରିଥିବା କର୍ମଚାରୀମାନଙ୍କୁ ୧୫ ଦିନର ଦରମା ଦିଆଯିବ। ଏଥିରେ ଚାକିରିରୁ ଅବ୍ୟାହତି ତାରିଖ ପର୍ଯ୍ୟନ୍ତ ଦରମା, ଛୁଟି ନଗଦକରଣ, ଯୋଗ୍ୟତା ଅନୁଯାୟୀ ଗ୍ରାଚ୍ୟୁଇଟି ଏବଂ ଏକ ମାସର ନୋଟିସ୍ ଅବଧି ପାଇଁ ଦରମା ଅନ୍ତର୍ଭୁକ୍ତ। କମ୍ପାନି ଅତିରିକ୍ତ ଦୁଇ ମାସର ଦରମା ମଧ୍ୟ ପ୍ର ସ୍ତାବ ଦେଇଛି, କିନ୍ତୁ ଏହି ପ୍ୟାକେଜ୍ କେବଳ ପାରସ୍ପରିକ ସମ୍ମତିରେ ଇସ୍ତଫା ଦେଉଥିବା କର୍ମଚାରୀଙ୍କ ପାଇଁ। ଛଟେଇ ଉପରେ ପ୍ରଶ୍ନ ଉଠିଛି। ଏହାଯୋଗୁ ଭାରତୀୟ କର୍ମଚାରୀମାନେ ଅଧିକ ପ୍ରଭାବିତ ହୋଇଛନ୍ତି। କମ୍ପାନିର ପୂର୍ବତନ କର୍ମଚାରୀ ମେରୁଗୁ ଶ୍ରୀଧର ଦାବି କରିଛନ୍ତି ଯେ ତାଙ୍କୁ ପୂର୍ବରୁ ଛଟେଇ କରାଯାଇଛି। ସେ ବ୍ୟାଖ୍ୟା କରିଛନ୍ତି ଯେ ଆମେରିକାରେ କଠୋର ଶ୍ରମ ଆଇନ ସ୍ଥାନୀୟ କର୍ମଚାରୀଙ୍କ ଅପେକ୍ଷା ଭାରତୀୟ କର୍ମଚାରୀଙ୍କୁ ଅଧିକ ପ୍ରଭାବିତ କରିଛି। ସାମଗ୍ରିକ ଭାବରେ, ଓରାକେଲର ଛଟେଇ କେବଳ ଭାରତ ପାଇଁ ନୁହେଁ ବରଂ ବିଶ୍ୱ ସ୍ତରରେ ଆଇଟି କ୍ଷେତ୍ର ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି।

## ଚାରି ମାସ ମଧ୍ୟରେ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୫୦୦ ଟଙ୍କା ବୃଦ୍ଧି




ନୂଆଦିଲ୍ଲୀ, ୧।୪:ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇଛି। ସରକାରୀ ପିଏସୟୁ ଆଇଓୟୁ, ଏଚପିସିଏଲ, ଏବଂ ବିପିସିଏଲ ଆଜି ୧୯ କିଲୋଗ୍ରାମ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟରେ ଯଥେଷ୍ଟ ବୃଦ୍ଧି କରିଛନ୍ତି। ବିଶ୍ୱ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ତୈଳ କମ୍ପାନିଗୁଡ଼ିକ ବୁଧବାର ବାଣିଜ୍ୟିକ ଏଲପିଜି (୧୯ କିଲୋଗ୍ରାମ) ସିଲିଣ୍ଡରର ମୂଲ୍ୟରେ ୧୯୫.୫୦ ଟଙ୍କା ବୃଦ୍ଧି କରିଛନ୍ତି। ୧୪.୨ କିଲୋଗ୍ରାମ ଘରୋଇ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ବୃଦ୍ଧି ହୋଇନାହିଁ। ମାର୍ଚ୍ଚ ୭ ତାରିଖରେ ସେମାନଙ୍କର ମୂଲ୍ୟ ବୃଦ୍ଧି କରାଯାଇଥିଲା। ଇଣ୍ଡିଆନ ଅଏଲ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଏବଂ ଭାରତ ପେଟ୍ରୋଲିୟମ ଆଜି ଏହି ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟରେ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଏହି ସିଲିଣ୍ଡରର ଏକ ରିଫିଲ୍ ଦିଲ୍ଲୀରେ ୨୦୭୮.୫୦ ଟଙ୍କାରେ ଉପଲବ୍ଧ ହେବ। ଗତକାଲି ପର୍ଯ୍ୟନ୍ତ ଏହାର ମୂଲ୍ୟ ୧୭୬୮.୫୦ ଟଙ୍କା ଥିଲା। ବୁଧବାର ଠାରୁ ନୂତନ ମୂଲ୍ୟ ଲାଗୁ ହୋଇଛି। ଏହା ଲଗାତାର ଚତୁର୍ଥ ମାସ ଯେଉଁଥିରେ ଏହି ସିଲିଣ୍ଡରର ମୂଲ୍ୟ ବୃଦ୍ଧି ପାଇଛି। ଏକ ମାସ ପୂର୍ବରୁ ମାର୍ଚ୍ଚ ୧ରେ ୨୮, ଫେବୃଆରୀ ୧ ରେ ୪୯ ଏବଂ ଜାନୁଆରୀ ୧ ରେ ୧୧୧ ବୃଦ୍ଧି କରାଯାଇଥିଲା। ଏହାର ଅର୍ଥ ହେଉଛି ମାତ୍ର ଚାରି ମାସ ମଧ୍ୟରେ ଏହା ୪୯୮ ମହଙ୍ଗା ହୋଇଛି। ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ କର୍ପୋରେସନର ୱେବସାଇଟରୁ ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ମୂଲ୍ୟ ଏବେ ୨୦୭୮.୫୦ ହୋଇଛି। କୋଲକାତାରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ମୂଲ୍ୟ ୨୨୦୮.୦୦ ବୃଦ୍ଧି ପାଇଛି। ମୁମ୍ବାଇରେ, ଏହା ୨୦୩୧.୫୦ ରେ ଉପଲବ୍ଧ ହେବ। ଦକ୍ଷିଣ ଭାରତର ଚେନ୍ନାଇରେ ଏହାର ମୂଲ୍ୟ ୨୨୪୬.୫୦ ବୃଦ୍ଧି କରାଯାଇଛି। ଘର ପାଇଁ ବ୍ୟବହୃତ ୧୪.୨ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ମୂଲ୍ୟ ଆଜି ଅପରିବର୍ତ୍ତିତ ରହିଛି। ଗତ ମାର୍ଚ୍ଚ ୭ ତାରିଖରେ ଏହି ସିଲିଣ୍ଡରର ମୂଲ୍ୟ ୬୦ ବୃଦ୍ଧି କରାଯାଇଥିଲା। ତା'ପରେ, ଦିଲ୍ଲୀରେ ସାଧାରଣ ଗ୍ରାହକଙ୍କ ପାଇଁ ଏହାର ମୂଲ୍ୟ ୮୫୩ ଟଙ୍କାରୁ ୯୧୩ ଟଙ୍କାକୁ ବୃଦ୍ଧି ପାଇଛି। ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ମଧ୍ୟ ଏହି ମୂଲ୍ୟକୁ ଅନୁସରଣ କରନ୍ତି।

### ଏୟାରଟେଲ୍ ଗ୍ରାହକଙ୍କୁ ବଡ଼ ଭେଟି

## ଖୁବ୍ ଶସ୍ତାରେ ଦେଖନ୍ତୁ ଆଇପିଏଲ, ଲଞ୍ଚ ହେଲା ୪୮ ଟଙ୍କିଆ ନୂଆ ପ୍ଲାନ୍

ନୂଆଦିଲ୍ଲୀ, ୧।୪: ଏବେ ସାରା ଦେଶରେ ଆଇପିଏଲ ୨୦୨୬ର କ୍ରେଜ୍। କ୍ରିକେଟ୍ ପ୍ରେମୀମାନେ ଯେପରି ବିନା କୌଣସି ବାଧାରେ ମ୍ୟାଚ୍‌ର ଆନନ୍ଦ ନେଇପାରିବେ, ସେଥିପାଇଁ ଟେଲିକମ୍ କମ୍ପାନୀମାନଙ୍କ ମଧ୍ୟରେ ଏବେ 'ପ୍ଲାନ୍ ୱାର୍' ଆରମ୍ଭ ହୋଇଛି। ଏହି ରେସ୍ରେ ସମସ୍ତଙ୍କୁ ପଛରେ ପକାଇ ଏୟାରଟେଲ୍ ନିଜ ଗ୍ରାହକଙ୍କ ପାଇଁ ଅତି ଶସ୍ତା ଡାଟା ପ୍ଲାନ୍ ଲଞ୍ଚ୍ କରିଛି। ମାତ୍ର ୪୮ ଟଙ୍କାରେ କମ୍ପାନୀ ଏବେ ଡାଟା ସହିତ ଓଟିଟିବେନିଫିଟ୍ ପ୍ରଦାନ କରୁଛି। ଏୟାରଟେଲ୍ ପକ୍ଷରୁ ଅଣାଯାଇଥିବା ଏହି ନୂଆ ପ୍ଲାନ୍‌ଟି ମୁଖ୍ୟତଃ ଏକ 'ଡାଟା ଭାଉଚର'। ଏହାର ମୁଖ୍ୟ ଆକର୍ଷଣ ଗୁଡ଼ିକ ହେଲା ଓଟିଟିବେନିଫିଟ୍: ସବୁଠାରୁ ବଡ଼ କଥା ହେଉଛି, ଏହି ଅଳ୍ପ ଟଙ୍କାର ପ୍ଲାନ୍‌ରେ କମ୍ପାନୀ ଜିଓ ହଟ୍‌ଷ୍ଟାର୍‌ର ଏକ ମାସ ପାଇଁ ମୋବାଇଲ୍ ସବ୍‌ସ୍କ୍ରିପସନ୍ ସମ୍ପୂର୍ଣ୍ଣ ମାଗଣାରେ ଦେଉଛି। ଆଇପିଏଲ ୨୦୨୬ ଦେଖିବା ପାଇଁ ୟୁଜର୍ସମାନେ ଯେପରି ଜିଓ ହଟ୍‌ଷ୍ଟାର୍‌ର ଆକ୍ସେସ୍ ପାଇପାରିବେ, ସେଥିପାଇଁ କମ୍ପାନୀ ଏହି ମାଷ୍ଟରଷ୍ଟ୍ରୋକ୍ ଖେଳିଛି। କେବଳ ୪୮ ଟଙ୍କା ନୁହେଁ, ଏୟାରଟେଲ୍ ପାଖରେ ଜିଓ ହଟ୍‌ଷ୍ଟାର୍‌ର ସୁବିଧା ଥିବା ଅନ୍ୟ କେତେକ ପ୍ଲାନ୍ ମଧ୍ୟ ରହିଛି। ସେଗୁଡ଼ିକ ହେଲା-୧୯୫ ଟଙ୍କା, ୨୭୯ ଟଙ୍କା ଏବଂ ୩୬୧ ଟଙ୍କିଆ ପ୍ଲାନ। ଏହି ପ୍ଲାନ୍‌ଗୁଡ଼ିକରେ ଡାଟା ସହ ଓଟିଟିସୁବିଧା ମିଳୁଛି। ୨୭୯ ଟଙ୍କିଆ ପ୍ଲାନ୍‌ରେ ଗ୍ରାହକଙ୍କୁ ନେଟଫ୍ଲିକ୍ସ ଏବଂ ଜି୫ ର ସବ୍‌ସ୍କ୍ରିପସନ୍ ମଧ୍ୟ ମିଳୁଛି, ଯାହାର ବୈଧତା ଏକ ମାସ ରହିଛି। ରିଲାଏନ୍ସ ଜିଓ ମଧ୍ୟ ନିଜ ୟୁଜର୍ସଙ୍କ ପାଇଁ ସ୍ୱତନ୍ତ୍ର ପ୍ଲାନ୍ ରଖିଛି, କିନ୍ତୁ ଏୟାରଟେଲ୍ ତୁଳନାରେ ଏହା ଟିକେ ମହଙ୍ଗା। ଜିଓ ୟୁଜର୍ସଙ୍କୁ ଜିଓ ହଟ୍‌ଷ୍ଟାର୍‌ର ସବ୍‌ସ୍କ୍ରିପସନ୍ ପାଇଁ ଅତି କମ୍‌ରେ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏୟାରଟେଲ୍ ୪୮ ଟଙ୍କାରେ ମାତ୍ର ୧ଜିବି ଡାଟା ଦେଉଥିବା ବେଳେ, ଜିଓ ୧୦୦ ଟଙ୍କାରେ **5G** ଡାଟା ସହିତ ୩୦ ଦିନ ପାଇଁ ଜିଓ ହଟ୍‌ଷ୍ଟାର୍ ମୋବାଇଲ୍ ଆକ୍ସେସ୍ ପ୍ରଦାନ କରୁଛି। ଗ୍ରାହକମାନେ ଏହି ନୂଆ ୪୮ ଟଙ୍କିଆ ପ୍ଲାନ୍‌କୁ ଏୟାରଟେଲ୍‌ର ଅଫିସିଆଲ୍ ୱେବସାଇଟ୍ କିମ୍ବା **'Airtel Thanks App'** ବ୍ୟବହାର କରି ରିଚାର୍ଜ କରିପାରିବେ। ଏହା ପ୍ରାୟ ସମସ୍ତ ଟେଲିକମ୍ ସର୍କଲ୍‌ରେ ଉପଲବ୍ଧ ହେଉଛି। ଯଦି ଆପଣ କମ୍ ଖର୍ଚ୍ଚରେ ଆଇପିଏଲ ମ୍ୟାଚ୍ର ଆନନ୍ଦ ନେବାକୁ ଚାହୁଁଛନ୍ତି, ତେବେ ଏୟାରଟେଲ୍‌ର ଏହି ୪୮ ଟଙ୍କିଆ ପ୍ଲାନ୍ ଆପଣଙ୍କ ପାଇଁ ସର୍ବୋତ୍ତମ ବିକଳ୍ପ ହୋଇପାରେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣିନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ସୁରେନ୍ଦ୍ର ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ



କନ୍ଧମାଳ,୧।୪(ସଂଚାର ବ୍ୟୁରୋ): ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ବର୍ଦ୍ଧିତ, ଦୃଷ୍ଟିହୀନ ଭତ୍ତା ଯୋଗାଇ ଦେଉଥିବା ବେଳେ ଆଜି ପର୍ଯ୍ୟନ୍ତ କାହିଁକି ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଯେକୌଣସି ସରକାରୀ ସହାୟତା ପାଇ ପାରୁ ନାହାଁନ୍ତି ସୁରେନ୍ଦ୍ର କହଁରା। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାନ୍ତିବାଲି ପଞ୍ଚାୟତ ଅନ୍ତର୍ଗତ କାମଟଣା ଗ୍ରାମର ସୁରେନ୍ଦ୍ର କହଁରା। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବାକୁ ବୃଦ୍ଧି ଜିବୀ ମହଲରୁ ଦାବି କରିଛନ୍ତି।

# ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ ସହିତ ଚାରାରୋପଣ କାର୍ଯ୍ୟକ୍ରମ




ବୈଶିଙ୍ଗା,୧।୪(ସଂଚାର ବ୍ୟୁରୋ): ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ପବିତ୍ର ଓଡ଼ିଶା ଦିବସ ପାଳନ ସହିତ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଓଡ଼ିଶା ର ବରପୁତ୍ରଙ୍କର ସ୍ମୃତି ଚାରଣ କରିବା ସହିତ ବିକଶିତ ଓଡ଼ିଶା ନିର୍ମାଣ ପାଇଁ ଅତ୍ୟନ୍ତ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କର ବନ୍ଦେ ଓଡ଼ିଶା ଜନନୀ ଗାନ, ଚିତ୍ରାଙ୍କନ, କୁଇଜ ଆଦି କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ୍ ସହାୟତାରେ ତଥା ଗ୍ରାମର ବର୍ଷୀୟାନ୍ ବ୍ୟକ୍ତି ଭରତଚନ୍ଦ୍ର ମହାନ୍ତଙ୍କ କରକମଳରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଜାମୁକୋଳି ଚାରା ରୋପଣକରାଯାଇ ବାଡବନ୍ଦୀ କରାଯାଇଥିଲା। ଏହି କାର୍ଯ୍ୟରେ ବିଦ୍ୟାଳୟର କର୍ମଚାରୀ ମଣ୍ଟୁ ମାଣ୍ଡି ପୂର୍ଣ୍ଣ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ଯେ, ବର୍ଷସାରା ପ୍ରତିଟି ପାଳନୀୟ ଦିବସରେ ରାଇକମା ଆଶ୍ରମ ବିଦ୍ୟାଳୟ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବେତନଟୀରେ ଓଡ଼ିଶା ଦିବସ ପାଳିତ



ବେତନଟୀ,୧।୪(ସଂଚାର ବ୍ୟୁରୋ): ଓଡ଼ିଶା ଦିବସ ପାଳନ କମିଟି ବେତନଟୀ ଦ୍ୱାରା ଅପରାହ୍ନରେ ସ୍ଥାନୀୟ ବନ୍ଧନ ମଣ୍ଡପ ଠାରେ ଓଡ଼ିଶା ଦିବସକୁ ମହା ସମାରୋହରେ ପାଳନ କରାଯାଇଛି। ଏଥିରେ ବେତନଟୀର ଅନେକ ସାମାଜିକ ଅନୁଷ୍ଠାନର ସଦସ୍ୟ ସଦସ୍ୟା ତଥା ମୁଖ୍ୟଗଣ ଯୋଗ ଦେଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥି ନିମନ୍ତେ ଅନୁଷ୍ଠିତ ସଭାରେ କବି ସଙ୍ଗମର ସଭାପତି ବାସୁଦେବ ନାପିତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ସଂଯୁକ୍ତା ଜୀ ଓ ମୁଖ୍ୟବକ୍ତା ଭାବେ ମୟୁର ସାହିତ୍ୟ ସଂସଦର ସଭାପତି ଭାସ୍କର ଚନ୍ଦ୍ର ଦ୍ୱିବେଦୀ, ବିଶେଷ ଅତିଥି ଭାବେ କାଣିମହୁଲୀ ଶ୍ରୀବିଦ୍ୟା ବିହାରର ଅଧ୍ୟକ୍ଷ କୃତିବାସ ଦାସ, ସମ୍ମାନିତ ଅତିଥି ସିଭିଲ ସୋସାଇଟିର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି, ପଦ୍ମମାଳୀର ସଂପାଦିକା ପ୍ରଭାତୀ ମହାନ୍ତି, ଅଧ୍ୟାପିକା କଳ୍ପଲତା ବେହେରା, ଅବସରପ୍ରାପ୍ତ ପ୍ରଫେସର ଉଷା ଶତପଥୀ ପ୍ରମୁଖ ମଞ୍ଚାସୀନ ଅତିଥିଗଣ ଓଡ଼ିଶା ଦିବସ ପାଳନର ବିଶେଷତା ଉପରେ ଆଲୋକପାତ କରିଥିଲେ। ରୋଟାରୀ କ୍ଲବ୍ ସଭାପତି ଗିରିଧାରୀ ସାହୁ ଓ ସଂପାଦକ ରବୀନ୍ଦ୍ର ନାଥ ମିଶ୍ର, ଆଇନଜୀବୀ ଅର୍ଣ୍ଣବ କୁମାର ଘୋଷ, ଗୌତମ ଚନ୍ଦ୍ର ବେହେରା, ମୀନ କେତନ ମହାନ୍ତି, ପର୍ଶୁରାମ ସାହୁ, ରାଜନେତା ବିଶ୍ୱନାଥ ହେମ୍ବ୍ରମ, ସିଦ୍ଧାର୍ଥ ଅଗ୍ରୱାଲ, ପ୍ରକାଶ ବେହେରାଙ୍କ ଉପସ୍ଥିତି ସହ କମଳ ଲୋଚନ କର, ପପୁବାବୁ, ଚନ୍ଦନ ଦାସ ସହଯୋଗ କରିଥିଲେ।

# ବିଦ୍ୟାଳୟରେ କର୍ମଚାରୀଙ୍କ ବିଦାୟ ସମ୍ବର୍ଦ୍ଧନା ସଭା



ବୈଶିଙ୍ଗା,୧।୪(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ହେମପୁର ହାଇସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ଶ୍ରୀଯୁକ୍ତ ଜଗବନ୍ଧୁ ଜେନା ଦୀର୍ଘ ୬ ବର୍ଷ ଧରି ଏହି ବିଦ୍ୟାଳୟରେ ଡେପୁଟେସନରେ ନିଷ୍ଠାର ସହ କାର୍ଯ୍ୟ କରିବା ପରେ ଗତ ୩୧.୦୩.୨୦୨୬ ରିଖରେ ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆଜି ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ସେ ନିଜ ଅଭିଭାଷଣରେ ଶ୍ରୀ ଜେନାଙ୍କ କର୍ତ୍ତବ୍ୟପରାୟଣତା ଓ ସମୟାନୁବର୍ତ୍ତିତାର ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ସୁସ୍ଥ ଓ ନିରାମୟ ଅବସର ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରାତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁଧାକର ପରିଡ଼ା ଏବଂ ମୁଖ୍ୟ ବକ୍ତା ଭାବେ ପୁରାତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗିରିଜା ଆଚାର୍ଯ୍ୟ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ବହୁ ପୁରାତନ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀ ଜେନାଙ୍କ ସହ ବିତାଇଥିବା ସ୍ମୃତି ଚାରଣ କରିଥିଲେ।

# ସୋଆ ଏସ୍ଏଚ୍ଏମ୍ ପକ୍ଷରୁ ପଖାଳ ଉତ୍ସବ ଆରମ୍ଭ



ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ): ପ୍ରତ୍ୟେକ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ସ୍ୱାଦ ନେବା ସହ ଏହାର ପ୍ରଚାର ଓ ପ୍ରସାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସଏଚ୍ଏମ୍) ପକ୍ଷରୁ ବୁଧବାର ଏକ ୫-ଦିନିଆ ପଖାଳ ଉତ୍ସବ ଆରମ୍ଭ ହୋଇଛି।

ଏସ୍ଏଚ୍ଏମ୍‌ରେ ଆୟୋଜିତ ହୋଇଥିବା ପଖାଳ ଉତ୍ସବକୁ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟନ କରିବା ସହିତ ଓଡ଼ିଆ ଅସ୍ମିତାକୁ ବଜାୟ ରଖି ଉତ୍କଳ ଦିବସ ପରିପ୍ରେକ୍ଷୀରେ ପଖାଳ ଉତ୍ସବ ପାଳନ କରିବା ପ୍ରତି ଓଡ଼ିଆ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। ଓଡ଼ିଶାର ଘରେ ଘରେ ଏହି ପାରମ୍ପରିକ ଖାଦ୍ୟ ବେଶ ଆଦୃତ ହୋଇଥିବା ବେଳେ ସାରା ବିଶ୍ୱରେ ଏହାର ଚାହିଦା ବୃଦ୍ଧି ପାଉଛି। ସ୍ୱାସ୍ଥ୍ୟ ପାଇଁ ପଖାଳ ଏକ ଔଷଧ ପରି କାମ କରିବା ସହିତ ଏହାର ତୋରାଣି ଅଂଶୁଘାତ ସମୟରେ ବେଶ ସହାୟକ ହୋଇଥାଏ ବୋଲି ପ୍ରଫେସର ନନ୍ଦ କହିଥିଲେ।

ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସହିତ ଏହାର ଇତିହାସ, ଜୀବନଶୈଳୀ, ପରମ୍ପରା ଓ ସଂସ୍କୃତିକୁ ବାନ୍ଧି ରଖିବାର ପ୍ରୟାସ ଏହି ପଖାଳ ଉତ୍ସବର ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏସ୍ଏଚ୍ଏମ୍ ପକ୍ଷରୁ ଏପ୍ରିଲ୍ ୧ ରୁ ୫ ତାରିଖ ପର୍ଯ୍ୟନ୍ତ 'ପଖାଳ ଉତ୍ସବ'ର ଆୟୋଜନ କରାଯାଇଛି। ୫ ଦିନ ବ୍ୟାପି ଚାଲିବାକୁ ଥିବା ଏହି ଉତ୍ସବରେ ପଖାଳ ସାଙ୍ଗକୁ ବିଭିନ୍ନ କିସମର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ପାରମ୍ପରିକ ବ୍ୟଞ୍ଜନ ପରିବେଷଣ ସହିତ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ପ୍ରତ୍ୟେକ ଓଡିଆଙ୍କ ଖାଦ୍ୟରୁଚି ତଥା ଭାବଧାରାକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସ୍ଏଚ୍ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି କହିଛନ୍ତି। ଖରାଦିନେ ପ୍ରତ୍ୟେକ ଓଡ଼ିଆ ଖରା ତାତିକୁ ଏଡ଼ାଇବା ପାଇଁ ପଖାଳ ଖାଇବାକୁ ହିଁ ପସନ୍ଦ କରିଥାନ୍ତି ବୋଲି ସେ କହିଥିଲେ।

ଓଡ଼ିଶାର କଳା ଓ ସଂସ୍କୃତି ସହିତ ବିଭିନ୍ନ ଜିଲ୍ଲାର ହସ୍ତତନ୍ତ ଏବଂ ହସ୍ତଶିଳ୍ପ, ପରମ୍ପରା ଓ ଗ୍ରାମୀଣ ପରିବେଶ ଏବଂ ଏସ୍ଏଚ୍ଏମ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭିନ୍ନ ଭିନ୍ନ ହସ୍ତକଳାର ଏକ ଝଲକ ଏହି ଉତ୍ସବରେ ଦେଖିବାକୁ ମିଳିଛି। ଅତିଥିମାନଙ୍କୁ ଏହି ଉତ୍ସବରେ ପ୍ରତ୍ୟେକ ଦିନ ୧୨ ଟାରୁ ୩ ଟା ପର୍ଯ୍ୟନ୍ତ ପଖାଳ ପରଷା ଯିବ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ରେକର୍ଡ ପରିମାଣ ସହାୟତା ରାଶି ପ୍ରଦାନ



ଯାଜପୁର,୧।୪(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୦୨୬ ରେ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ରେକର୍ଡ ପରିମାଣ ସହାୟତା ରାଶି ପ୍ରଦାନ କରାଯାଇଛି ଯାହା ପୂର୍ବରୁ କେବେ ସମ୍ଭବ ହୋଇ ନ ଥିଲା। ଚଳିତ ଆର୍ଥିକ ବର୍ଷର ଶେଷ ସହାୟତା ରାଶି ବଣ୍ଟନ ଭାବେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଆଜି ତା ୩୧.୦୩.୨୦୨୬ ରିଖ ଶ୍ରମିକ ମାନଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଛି। ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପ୍ରଦତ୍ତ ବିଭିନ୍ନ ସହାୟତା ରାଶି ସମସ୍ତ ୫୭୧ ଜଣ ଆବେଦନକାରୀଙ୍କୁ ୨, ୦୦, ୧୯, ୮୦୦/- ଟଙ୍କା ତାଙ୍କର ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ଛଡାଯାଇଛି। ଏହି ଅବସରରେ ଆଜି ଶିକ୍ଷା ସହାୟତା ବାବଦରେ ୩୬୮ ଜଣଙ୍କୁ ୨୯, ୯୯, ୮୦୦/- ଟଙ୍କା, ବିବାହ କାଳୀନ ସହାୟତା ୧୩୧ ଜଣଙ୍କୁ ୬୫, ୨୫, ୦୦୦/- ଟଙ୍କା, ମହିଳା ଶ୍ରମିକମାନଙ୍କ ପ୍ରସୂତୀକାଳୀନ ସହାୟତା ୧୩ ଜଣଙ୍କୁ ୧, ୩୦, ୦୦୦/- ଟଙ୍କା, ମୃତ୍ୟୁକାଳୀନ ସହାୟତା ୩୪ ଜଣଙ୍କୁ ୧, ୦୨, ୦୦, ୦୦୦/- ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୩୩ ଜଣଙ୍କୁ ୧, ୬୫, ୦୦୦/- ଟଙ୍କାର ସହାୟତା ରାଶି ପ୍ରେରଣ କରାଯାଇଛି। ସେହିପରି ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ଏହି ଅବସରରେ ୧୦ ଜଣ ମୃତ୍ୟୁ ବରଣ କରିଥିବା ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ୨୦, ୦୦, ୦୦୦/- ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସୁଧୀର କୁମାର ସାହୁ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷ ସର୍ବାଧିକ ସହାୟତା ରାଶି ଶ୍ରମିକଙ୍କ କଲ୍ୟାଣ ପାଇଁ ଯାଜପୁର ଜିଲ୍ଲାରେ ପ୍ରଦାନ କରାଯାଇଛି ଯାହା ପୂର୍ବରୁ କେବେ ସମ୍ଭବପର ହୋଇ ନ ଥିଲା।

# ବାଙ୍ଗିରିପୋଷି -ରୁପ୍ସା ଡିଏମୟୁ ଟ୍ରେନ ଧକ୍କାରେ ଜଣଙ୍କ ମୃତ୍ୟୁ

ବୈଶିଙ୍ଗା,୧।୪(ସଂଚାର ବ୍ୟୁରୋ): ବୁଧବାର ରାତି ୮.୩୦ ମିନିଟ ସମୟରେ ମଛପଦା ନିକଟରେ ଜନୈକ ବ୍ୟକ୍ତି ବାଙ୍ଗିରିପୋଷି -ରୁପ୍ସା ଟ୍ରେନ ଧକ୍କାରେ ଗଣ୍ଡି -ମୁଣ୍ଡ ଅଲଗା ହୋଇ ଯାଇଥିବାର ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ମଛପଦା ନିକଟସ୍ଥ ମଲକତି ଗ୍ରାମର ନିନା ସିଂହ ଙ୍କ ପୁଅ ରବି ସିଂହ (୬୦)ବୁଧିକାର ରାତି ୮.୩୦ ମିନିଟ୍ ସମୟରେ ଟ୍ରେନ ଆସୁଥିବାର ର ଜାଣି ନପାରି ରେଳ ଲାଇନ ପାରି ହେଉଥିବା ବେଳେ ଡି ଏମ୍ ୟୁ ତାଙ୍କୁ ଧକ୍କା ଦେଇଥିଚା ଯୋଗୁଁ ମୁଣ୍ଡ ଗଣ୍ଡି ଅଲଗା ହୋଇ ଯାଇଥିଲା। ଟ୍ରେନ ଚାଳକ ଟ୍ରେନ କୁ ଅଟକାଇ ସ୍ଥାନୀୟ ଲୋକଙ୍କୁ ଖବର ଦେବା ସହିତ ଜି ଆର ପି କୁ ଜଣାଇ ଟ୍ରେନ ନେଇ ଆଗକୁ ବଢିଥିଲେ। ଖବର ପାଇ ପରିବାର ବର୍ଗ ସମେତ ଗ୍ରାମବାସୀ ମାନେ ପହଞ୍ଚିଥିଲେ। ବାଲେଶ୍ୱର ଜି ଆର ପି ପୋଲିସ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ନେଇ ଯାଇଥିଲେ।



## ଡିଜିଟାଲ ଆପରେ ହେବ ଜନଗଣନା

# ପ୍ରଶିକ୍ଷଣ ନେଲେ ଫିରିଙ୍ଗିଆ ବ୍ଲକର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ସୁପରଭାଇଜର



ଫୁଲବାଣୀ,୧।୪(ସଂଚାର ବ୍ୟୁରୋ): ଜନ୍ ଗଣନା କାରୀମାନେ ଲୋକଙ୍କୁ ୩୩ ଟି ପ୍ରଶ୍ନ ଜିଲ୍ଲା ସ୍ତରୀୟ ଜନଗଣନା ୨୦୨୬/୨୭ ପାଇଁ ପଚାରିବେ ସଠିକ ତଥ୍ୟ ଦେବାକୁ ଜିଲ୍ଲାପାଳ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଓ ବେଦ ଭୂଷଣ କହିଛନ୍ତି ତେବେ ଏହି ତିନି ଶିକ୍ଷୟତ୍ରୀ ଓ ସୁପର ଭାଇଜର ମାନଙ୍କୁ ନେଇ ଦିନିଆଁ ପ୍ରଶିକ୍ଷଣ ଶିବିର ଟି ଫିରିଙ୍ଗିଆ ଅତିରିକ୍ତୁ ତିନିଦିନିଆ ପ୍ରଶିକ୍ଷଣ ଶିବିର କନ୍ଧମାଳ ତହସିଲଦାର ଜ୍ୟୋତି ପ୍ରକାଶ ସେଠି ପୃଥ୍ୱୀରାଜ ମହାନନ୍ଦିଆ ଙ୍କ ପ୍ରତକ୍ଷ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ତତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ବେଳେ ପଞ୍ଚାୟତ କଲେଜ ପରିସରରେ ଏହି ଶିବିର ରେ ଫୁଲବାଣୀ ସରକାରୀ ଆରମ୍ଭହୋଇଛି। ଫିରିଙ୍ଗିଆ ସହସିଲ ଅଟୋନମସ ମହାବିଦ୍ୟାଳୟ ର ଯୋଗ୍ରାଫି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ବିଭାଗ ର ସହକାରୀ ପ୍ରଫେସର ଜ୍ୟୋତିର୍ମୟୀ କାର୍ଯ୍ୟରତ ୧୪୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କମର୍ଶ ଅଧ୍ୟାପକ ଗିରିଜା ପ୍ରସାଦ ନେଇ ଦୁଇଟି ପର୍ଯ୍ୟୟରେ ଏହି ତାଲିମ ପ୍ରଦାନ ଦାସ, ଏଏମସିଏସ କଲେଜ ଟିକାବାଲି ର କରାଯାଉଥିବା ବେଳେ ଏହି ପ୍ରଶିକ୍ଷଣ ଶିବିର ରାଜନୀତି ବିଜ୍ଞାନ ଅଧ୍ୟାପକ ବନମାଳୀ ଫିରିଙ୍ଗିଆ ତହସିଲଦାର ତହସିଲଦାର, ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜ୍ୟୋତିପ୍ରକାଶ ସେଠି ଙ୍କ ଅଧକ୍ଷତା ରେ ର ଅଧ୍ୟାପକ ପ୍ରଦୀପ୍ତ କୁମାର ଜନଗଣନା ଡିଜିଟାଲ ଆପ ମାଧ୍ୟମରେ କିପରି ବିଶ୍ୱାଳ, ଭୋକେସନଲା ଶିକ୍ଷକ ସୁଶାନ୍ତ କୁମାର କାମ କରିବେ ପ୍ରଶିକ୍ଷଣ କରାଯାଇଥିଲା।

# କୋଟିଆ ସୀମାନ୍ତବାସୀଙ୍କୁ ନେଇ ଓଡ଼ିଶା ଦିବସ ପାଳିତ



ପଟ୍ଟାଙ୍ଗି,୧।୪(ସଂଚାର ବ୍ୟୁରୋ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧିନରେ ରହିଥିବା ଦୁଇ ରାଜ୍ୟର ବିବାଦୀୟ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ପ୍ରଶାସନ ପକ୍ଷରୁ ୯୦ ତମ ଓଡିଶା ଦିବସ ପାଳନ ହୋଇଯାଇଛି । ଏହି ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଫୋଟୋ ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଯେଉଁଥିରେ ସ୍ଥାନୀୟ ବିଧାୟକ ତଥା ସିଏଲ୍ପି ଲିଡର୍ ରାମଚନ୍ଦ୍ର କାଡାମ୍, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ସୁନାବେଡ଼ା ଏନ୍ଏସି ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ପୂର୍ବତନ ଏମପି ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ପ୍ରମୁଖଙ୍କ ସହ ଆୟୋଜିତ କାର୍ଯ୍ୟକ୍ରମର ସଭାପତି ତଥା ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ ମିଳିମିଶି ପ୍ରଥମ କରି ପଞ୍ଚାୟତ ସଦର ମହକୁମାରେ ଆୟୋଜିତ ଉକ୍ତ ଫୋଟୋ ଚିତ୍ର ପରିଦର୍ଶନ କରି ନିଜେ ନିଜର ଫୋଟୋ ଉଠାଇ ଉପଭୋଗ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟକ୍ରମର ସଭାପତି ତଥା ଜିଲାପାଳ ମହାଜନଙ୍କ ସଭାପତିତ୍ୱରେ ଆୟୋଜିତ ଓଡିଶା ଦିବସ କାର୍ଯ୍ୟ ସମସ୍ତ ଅତିଥି ଯୋଗଦେଇ ୧୯୩୬ ମସିହାରେ ଗଠନ ହୋଇଥିଲା ଭାଷା ଭିତିକ ସ୍ୱତନ୍ତ୍ର ରାଜ୍ୟ ଓଡିଶା । ଯାହାକି ଓଡିଆ ବା ଆମମାନଙ୍କ ପାଇଁ ସ୍ୱତନ୍ତ୍ରତା ପରିଚୟ ସୃଷ୍ଟି କରିଥିଲା ବୋଲି ନିଜ ନିଜ ଅଭିଭାଷଣ ଉପସ୍ଥିତ କୋଟିଆ ପଞ୍ଚାୟତ ସୀମାନ୍ତ ବାସିଙ୍କୁ ବୁଝାଇଥିଲେ ।

# କୋରେଇ ବିଧାୟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତ



ଯାଜପୁର ରୋଡ଼,୧।୪(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ'ଙ୍କୁ ଚୟନ କରାଯାଇଛି ବୋଲି ସୋସିଆଲ ମିଡିଆରେ ତାଙ୍କ ଶୁଭେଚ୍ଛୁମାନେ ତାଙ୍କୁ ପ୍ରଶଂସା କରିଛନ୍ତି। ବିଧାୟକ ଶ୍ରୀ ଦାସନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ରାଜ୍ୟ ସରକାର ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଥିବାରୁ ତାଙ୍କ ଶୁଭେଚ୍ଛୁ ମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏଥି ସହିତ ଯାଜପୁର ଜିଲ୍ଲାକୁ ମଜବୁତ କରିବା ଓ ପଞ୍ଚାୟତ, ସହରର ଉନ୍ନତି ପାଇଁ ସଂଗ୍ରାମ କରି କୋଣ ଅନୁକୋଣରେ ବିକାଶର ଧାରା ପହଂଚିବ ବୋଲି ତାଙ୍କ ସମର୍ଥକମାନେ ବିଶ୍ୱାସ ରଖିଛନ୍ତି। ଏହି କଥା ପଦାକୁ ଆସିବା ପରେ ବିଭିନ୍ନ ମହଲରୁ ଶ୍ରୀ ଦାସ ନାୟକଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ବୈଶିଙ୍ଗା,୧।୪(ସଂଚାର ବ୍ୟୁରୋ): ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗର ଡେମନଷ୍ଟ୍ରେଟର ଶ୍ରୀଯୁକ୍ତ ସନ୍ୟାସୀ ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଦିବସ ଗମ୍ଭୀର ଓ ଗୌରବମୟ ପରିବେଶରେ ପାଳନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମସ୍ତଙ୍କ ମନରେ ଶାନ୍ତ ଓ ଭାବୁକତାର ମିଶ୍ର ଅନୁଭୂତି ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ତାଙ୍କ ପ୍ରାରମ୍ଭିକ ଭାଷଣରେ ସନ୍ୟାସୀ ସାରଙ୍କ ଦୀର୍ଘ ସେବାଜୀବନ, ଶିକ୍ଷାକ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନ ଏବଂ ବିଦ୍ୟାଳୟର ଉନ୍ନତିରେ ତାଙ୍କର ଭୂମିକା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରୁ ପୂର୍ବରୁ ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକମାନେ ତଥା ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ମାନେ ନିଜ ନିଜ ଭାଷଣରେ ଶ୍ରୀଯୁକ୍ତ ସନ୍ୟାସୀ ନାୟକଙ୍କର ସରଳ ସ୍ୱଭାବ, କର୍ତ୍ତବ୍ୟନିଷ୍ଠା ଓ ସହକର୍ମୀମାନଙ୍କ ସହ ସମ୍ମିଳିତ ଭାବରେ କାମ କରିବାର ମନୋଭାବକୁ ଉଚ୍ଚ ପ୍ରଶଂସା କରିଥିଲେ। ସେମାନେ ଏହା ମଧ୍ୟ କହିଥିଲେ ଯେ ସାରଙ୍କର ଅବଦାନ ବିଦ୍ୟାଳୟର ଇତିହାସରେ ସଦା ସ୍ମରଣୀୟ ରହିବ।

# ତହସିଲ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଧାମନଗର,୧।୪(ସଂଚାର ବ୍ୟୁରୋ): ଧାମନଗର ତହସିଲ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀଙ୍କୁ ଅଫିସ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଦୀର୍ଘ ତିନି ଦଶନ୍ଧିର ଅଭୁଲା ସ୍ମୃତି ଓ କର୍ତ୍ତବ୍ୟନିଷ୍ଠାର ସନ୍ତକ ଛାଡ଼ି ମଙ୍ଗଳବାର ଧାମନଗର ତହସିଲ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ଶତ୍ରୁଘ୍ନ ରାଉତ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୩୦ ବର୍ଷର ଏହି ନିରନ୍ତର ସେବା ମଧ୍ୟରେ ସେ ଧାମନଗରର ପାଣି ପବନ ସହ ନିଜକୁ ଏପରି ମିଶାଇ ଦେଇଥିଲେ ଯେ, ସେ ଆଜି ଏହି ଅଞ୍ଚଳର ଜଣେ ଅପରିହାର୍ଯ୍ୟ ବ୍ୟକ୍ତିତ୍ୱ ପାଲଟିଛନ୍ତି। ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଯେକୌଣସି ନୂତନ ତହସିଲଦାରଙ୍କ ଲାଗି ଶତ୍ରୁରା ବାବୁ ପ୍ରଥମ ପରାମର୍ଶଦାତା ଥିଲେ। ସେ ଜଣେ ସରକାରୀ କର୍ମଚାରୀ ନଥିଲେ ବରଂ ଜନସାଧାରଣଙ୍କ ଲାଗି ଜଣେ ସାହାଯ୍ୟକାରୀ ବନ୍ଧୁ ମଧ୍ୟ ଥିଲେ। ଅଫିସକୁ ଆସୁଥିବା ସାଧାରଣ ଲୋକଙ୍କୁ କେଉଁ କୋଠରୀରେ କାମ ହେବ, ତାହା ସେ ଅତି ସହଜରେ ବୁଝାଇ ଦେଉଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର ସେବା ମନୋଭାବ ତାଙ୍କୁ ସମସ୍ତଙ୍କର ପ୍ରିୟପାତ୍ର କରିପାରିଛି। ମାର୍ଚ୍ଚ ୩୧ ମଙ୍ଗଳବାର ତାଙ୍କର ଅବସରକାଳୀନ ଦିବସରେ ତହସିଲ ପରିସରରେ ଏକ ଭାବପୂର୍ଣ୍ଣ ବିଦାୟ ସଭାର ଆୟୋଜନ କରାଯାଇଥିଲା।

# ସଦ୍‌ଭାବନା ସମିତିର ମାନବ ଧର୍ମ ସମ୍ମିଳନୀ ବାର୍ଷିକୋତ୍ସବ

ବାରିପଦା,୧।୪(ସଂଚାର ବ୍ୟୁରୋ): ୧୯୮୦ ମସିହା ଠାରୁ ଦେଶରେ ନିଆରା ଗଠିତ ବାରିପଦା ସଦ୍‌ଭାବନା ସମିତି ତାର ପ୍ରତିଷ୍ଠା ଦିବସ ଅପ୍ରେଲ ୧ ଉତ୍କଳ ଦିବସରେ ୪୭ତମ ମାନବ ଧର୍ମ ସମ୍ମିଳନୀ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ଓଡିଶାରେ ମାନବ ଧର୍ମର ତଥା ବାରିପଦା ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପୌରହିତ୍ୟ କରି ସଦ୍‌ଭାବନା ପରସ୍ପର ମଧ୍ୟରେ ସାମ୍ୟଭାବ ଏବଂ ପରସ୍ପରକୁ ସମତୁଲତାରେ, ସରସତାରେ ଯୋଡିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ଜାତୀୟ ସଂହତି ଥାଇ ସଦ୍‌ଭାବନା ସମିତିର ପ୍ରୟାସ ଅନୁସରଣୀୟ କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ସଚ୍ଚ ଭକ୍ତି ଆମୋଘ ସାଧନା ହେଲେ ସମାଜ ସୁଧୁରିଯିବ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ପ୍ରବକ୍ତା ଭାବେ ବେଦ ବିଶାରଦ ଆଚାର୍ଯ୍ୟ ଦେବ ବିଜୟଜୀ ଧର୍ମ ଏବଂ ଆଧ୍ୟାତ୍ମିକତା ଭିତରେ ଅନ୍ତର ଯେ ବୁଝେ ସେ ଅତିମାନବ ଓ ମନୁଷ୍ୟକୁ ଉପାସ୍ୟ ଦେବତା ମାନବ ସେବା ହିଁ ମାନବ ସେବାର ଯେ ମର୍ମ ବୁଝେ ସେ ପୂଜାପଶାରେ ବିଳାସିତାକୁ ଆପଣେଇ ନଥାଏ ବୋଲି ବକ୍ତବ୍ୟ ରଖିଥିଲେ ।

# ବୃଦ୍ଧଙ୍କ ମାଡ଼ରେ ଯୁବକ ମୃତ



କନ୍ଧମାଳ,୧।୪(ସଂଚାର ବ୍ୟୁରୋ): ଆଜି ସକାଳ ସମୟ ୯ ଘଣ୍ଟିକା ସମୟରେ କନ୍ଧମାଳ ଜିଲ୍ଲାର କୋଟଗଡ଼ ଥାନା ଅତର୍ଗତ ଗୁଗୁରୁମାହା ପଞ୍ଚାୟତ ସ୍ଥିତ ବୁଟାଡି ଗ୍ରାମର ଜଣେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ୭୦ ବର୍ଷର ବୃଦ୍ଧ ବ୍ୟକ୍ତି, ସେହି ଗ୍ରାମର ଅର୍ଥାତ ଗୋଟିଏ ଗ୍ରାମର ଅନ୍ୟ ଏକ ୩୫ ବର୍ଷର ଯୁବକକୁ ମାଡ ମାରି ହତ୍ୟା କରିଛି। ଉକ୍ତ ଗ୍ରାମର ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ଜଣାଯାଉଛି ଯେ ବୃଦ୍ଧ ଜଣକର ନାମ ଶ୍ରୀ ମୁକୁଟ୍ରେ ବଡସେଟ ଓ ମୃତ୍ୟୁ ବରଣ କରିଥିବା ଯୁବକର ନାମ ଶ୍ରୀ ସୁଶାନ୍ତ ମଣ୍ଡଳମାଝି, ମାଙ୍କ ନାମ ଶ୍ରୀମତୀ ତୁମ୍ବିଲିମାଇ ମଣ୍ଡଳମାଝି। ଉଭୟ ଦୁଇ ଜଣ ମିଶି ହତ୍ୟାକାରୀଙ୍କ ଘରେ ମଦ ପିଇବା ପରେ କୌଣସି କାରଣକୁ ନେଇ ଉଭୟ ମଧ୍ୟରେ କଳହ ସୃଷ୍ଟି ହେଲା। ଫଳରେ ବୃଦ୍ଧ ଜଣକ ଯୁବକକୁ ତଳେ ପକାଇ ବାରମ୍ବାର ଗୋଡ଼ରେ ମାଡିବା ପରେ ମୁଣ୍ଡରେ ଶକ୍ତ ଆଘାତ କରିଥିଲା। ଯାହା ଦ୍ୱାରା ଯୁବକ ପ୍ରାଣ ହରାଇ ଥିଲା। ହତ୍ୟାକାରୀ ବୃଦ୍ଧ ଜଣକ ହତ୍ୟା କରିବା ପରେ ଗ୍ରାମରୁ ଗାଇବ ହୋଇଯାଇଛି। ଜଣାପଡୁନି ଗଲା କୁଆଡେ? ଅନ୍ୟ ପକ୍ଷରେ ଯୁବକର ମା କହୁଛି ମୁ ଜଣେ ବିଧବା ତା ସହିତ ବିକଳାଙ୍ଗ ମଧ୍ୟ ମୋର କେହି ଆଶ୍ରୟ ନାହିଁ, ମୋ ପ୍ରତି, ମୋ ପୁଅ ପ୍ରତି, ମୋ ପରିବାର ପ୍ରତି ହୋଇଥିବା ଅନ୍ୟାୟ ର ନ୍ୟାୟ କିଏ ଦେବ? ମୋ ପୁଅ ବିବାହିତା, ତାର ଦୁଇଟି ଛୁଆଁ ଆଉ ବହୁ, କିଭଳି ପାଳିବି ଏ ବାପ ଛେଉଣ୍ଡ ପିଲା ମାନଙ୍କୁ? ଏ ଭଳି ପ୍ରଶ୍ନ ପଚାରିଛନ୍ତି ମା। ଆଉ କହିଛନ୍ତି ମିଡ଼ିଆ ମାଧ୍ୟମରେ ମୁ ହାତ ଯୋଡି ଅନୁରୋଧ କରୁଛି ପୋଲିସ ପ୍ରଶାସନକୁ ମତେ ନ୍ୟାୟ ଦିଅନ୍ତୁ।

## ପିଏମ ଶ୍ରୀ ଧାମନଗର ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ

# 'ଅରୁଣିମା'ପୁସ୍ତକ ଉନ୍ମୋଚିତ, ପୁରସ୍କାର ପ୍ରଦାନ




ଧାମନଗର,୧।୪(ସଂଚାର ବ୍ୟୁରୋ): ପିଏମ ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳନ ସହ ଅତିଥି ମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଅରୁଣିମା' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବୁଧବାର ଦିବା ୧୦ ଘଟିକା ସମୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର କୁମାର ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ପଲ୍ଲୀଭାରତ ମହାଳିକ ଅତିରିକ୍ତ ତହସିଲଦାର ଧାମନଗର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥିବୃନ୍ଦ କୈଳାସ ମହାପାତ୍ର ମାନ୍ୟବର ମନ୍ତ୍ରୀ ପ୍ରତିନିଧ ଧାମନଗର ବିଜ୍ଞାପିତ ଅଞ୍ଚଳ ଧାମନଗର, ସରୋଜ ମହାପାତ୍ର ସାଂସଦ ନଗର ପ୍ରତିନିଧି ଧାମନଗର ବିଜ୍ଞାପିତ ଅଞ୍ଚଳ ଧାମନଗର, ଶୁଭ୍ରଜିତ ଦାଶ ଥାନା ଅଧିକାରୀ ଧାମନଗର, ମହେଶ୍ୱର ସ୍ୱାଇଁ ସଭାପତି ପଞ୍ଚସଖା ଶିକ୍ଷା ସେତୁ, ପ୍ରହଲ୍ଲାଦ ମହାପାତ୍ର ସଭାପତି ବିଦ୍ୟାଳୟ ପରିଚାଳନା କମିଟିର ପ୍ରମୁଖ ଯୋଗ ଦେଇ ଶିକ୍ଷା ଓ କ୍ରୀଡ଼ା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଶିକ୍ଷାର୍ଥୀ ପୁରସ୍କାର, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ର ପୁରସ୍କାର ଏବଂ ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷକ ଭାସ୍କର ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ବଟକୃଷ୍ଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବଡଗଡ଼ ଥାନାକୁ ଜାତୀୟ ସ୍ତରରେ ସମ୍ମାନ

● ଆଇଆଇସିଙ୍କୁ ଡିଜିପିଙ୍କ ପକ୍ଷରୁ ସମ୍ମାନିତ



ଛତ୍ରପୁର,୧।୪(ସଂଚାର ବ୍ୟୁରୋ): ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ବଡଗଡ଼ ପୋଲିସ ଥାନା ଗୌରବ ଅର୍ଜନ କରିଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଦ୍ୱାରା ୨୦୨୫ ବର୍ଷ ପାଇଁ ଓଡ଼ିଶାର ସର୍ବଶ୍ରେଷ୍ଠ ପୋଲିସ ଥାନା ଭାବେ ବଡଗଡ଼ ଥାନାକୁ ଚୟନ କରାଯାଇଛି। ଏହି ଅବସରରେ ଓଡ଼ିଶାର ମାନ୍ୟବର ଡିଜିପିଙ୍କ ହସ୍ତରେ ବଡଗଡ଼ ଥାନାର ଆଇଆଇସିଙ୍କୁ ସମ୍ମାନିତ କରାଯାଇଥିଲା। ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ଏହି ସଫଳତା ପାଇଁ ବଡଗଡ଼ ଥାନାର ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିବା ସହ ଆଗାମୀ ଦିନରେ ଏହିପରି କାର୍ଯ୍ୟଦକ୍ଷତା ଅବ୍ୟାହତ ରଖିବାକୁ ଆହ୍ୱାନ କରିଥିଲେ। ଏହି ସମ୍ମାନ ବଡଗଡ଼ ଥାନାର ସମସ୍ତ ପୋଲିସ କର୍ମଚାରୀଙ୍କ ନିଷ୍ଠା, ପେଶାଦାରିତ୍ୱ ଓ ଉତ୍କୃଷ୍ଟ ସେବାର ପ୍ରତିଫଳ ବୋଲି ମନେ କରାଯାଉଛି। ସେପରି ଗଞ୍ଜାମ ପୋଲିସର ସମୂହ ଉଦ୍ୟମ ଓ କର୍ତ୍ତବ୍ୟନିଷ୍ଠାକୁ ମଧ୍ୟ ଏହା ପ୍ରକାଶ କରିଛି। ଏହି ଉପଲବ୍ଧି ଓଡ଼ିଶା ପୋଲିସ ପ୍ରତି ସାଧାରଣ ଲୋକଙ୍କ ଆସ୍ଥାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।




# ଭାରତରେ ମାତୃ ମୃତ୍ୟୁ ହାର ୮୦% ହ୍ରାସ



ଗତ ଦଶନ୍ଧି ମଧ୍ୟରେ ଭାରତରେ ମାତୃ ମୃତ୍ୟୁ ଅନୁପାତ (ଏମଏମଆର) ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପାଇଛି। କିନ୍ତୁ ୨୦୧୫ ପରଠାରୁ ଉନ୍ନତିର ଗତି ଧୀର ହୋଇଯାଇଛି। ୨୦୨୩ ରେ ବିଶ୍ୱ ସ୍ତରରେ ୨.୪ ଲକ୍ଷ ମାତୃ ମୃତ୍ୟୁ ମଧ୍ୟରୁ ପ୍ରାୟ ୨୪,୭୦୦ ଭାରତରେ ଘଟିଥିଲା ଯାହା ସର୍ବାଧିକ ମାତୃ ମୃତ୍ୟୁ ହାର ଥିବା ଦେଶମାନଙ୍କ ମଧ୍ୟରୁ ଗୋଟିଏ କରିଦେଇଛି।

ଯଦିଓ ଏମଏମଆର ହ୍ରାସ ପାଇ ୧୧୬ ହୋଇଛି ରାଜ୍ୟଗୁଡ଼ିକ ମଧ୍ୟରେ ଅସମାନତା, ସ୍ୱାସ୍ଥ୍ୟସେବାର ଗୁଣବତ୍ତା ଏବଂ ସମୟୋଚିତ ଚିକିତ୍ସାର ଅଭାବ ପ୍ରମୁଖ ଚ୍ୟାଲେଞ୍ଜ ରହିଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଏହି ଅଭାବଗୁଡ଼ିକୁ ତୁରନ୍ତ ସମାଧାନ କରାନଯାଏ,ତେବେ ୨୦୩୦ ସୁଦ୍ଧା ସୁରକ୍ଷିତ ମାତୃତ୍ୱର ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇପାରେ।

ଦି ଲାନସେଟରେ ପ୍ରକାଶିତ ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ ଭାରତ ସର୍ବାଧିକ ମାତୃ ମୃତ୍ୟୁହାର ଥିବା ଦେଶମାନଙ୍କ ମଧ୍ୟରେ ରହିଛି। ୨୦୨୩ ମସିହାରେ, ଗର୍ଭଧାରଣ ଏବଂ ପ୍ରସବ ସମ୍ବନ୍ଧୀୟ କାରଣ ଯୋଗୁଁ ସାରା ବିଶ୍ୱରେ ପ୍ରାୟ ୨୪୦,୦୦୦ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଯାହା ମଧ୍ୟରୁ ପ୍ରାୟ ୨୪୭୦୦ ମୃତ୍ୟୁ ଭାରତରେ ରେକର୍ଡ କରାଯାଇଥିଲା। ନାଇଜେରିଆ, ପାକିସ୍ତାନ ଏବଂ ଇଥିଓପିଆ ଭଳି ଦେଶ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି। ତଥାପି, ଦୀର୍ଘକାଳୀନ ତଥ୍ୟ ଦର୍ଶାଉଛି ଯେ ଭାରତ ମାତୃ ମୃତ୍ୟୁହାର ହ୍ରାସ କରିବା ପାଇଁ ଭଲ ପ୍ରୟାସ କରିଛି। ୧୯୯୦ ମସିହାରେ ଏହି ସଂଖ୍ୟା ପ୍ରାୟ ୧.୧୯ ଲକ୍ଷ ଥିବା ବେଳେ, ୨୦୧୫ ମସିହାରେ ଏହା ୩୬,୯୦୦ ଏବଂ ୨୦୨୩ ମସିହାରେ ୨୪,୭୦୦ କୁ ହ୍ରାସ ପାଇଲା। ସେହିପରି, ମାତୃ ମୃତ୍ୟୁ ଅନୁପାତ ମଧ୍ୟ ୧୯୯୦ ମସିହାରେ ୫୦୮ ରୁ ୨୦୨୩ ମସିହାରେ ପ୍ରତି ୧ ଲକ୍ଷ ଜୀବିତ ଜନ୍ମରେ ୧୧୬ କୁ ହ୍ରାସ ପାଇଛି, ଯାହା ଉନ୍ନତିର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ।

ବିଶେଷଜ୍ଞଙ୍କ ମତରେ, ଏହି ଉନ୍ନତି ମୁଖ୍ୟତଃ ବର୍ଦ୍ଧିତ ନିରାପଦ ପ୍ରସବ, ଉନ୍ନତ ପ୍ରସବ ପୂର୍ବ ଯତ୍ନ ଏବଂ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ପରିଚାଳିତ ହୋଇଛି। ତଥାପି, ରାଜ୍ୟଗୁଡ଼ିକ ମଧ୍ୟରେ ଅସମାନତା ରହିଛି। କେରଳ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ଭଲ ପ୍ରଦର୍ଶନ କରୁଛନ୍ତି, ଯେତେବେଳେ ଉତ୍ତର ପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ପରିସ୍ଥିତି ଚିନ୍ତାଜନକ ରହିଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଅଧିକାଂଶ ମାତୃ ମୃତ୍ୟୁ ଅତ୍ୟଧିକ ରକ୍ତସ୍ରାବ, ଉଚ୍ଚ ରକ୍ତଚାପ, ସଂକ୍ରମଣ ଏବଂ ଅନ୍ୟାନ୍ୟ ଜଟିଳତା ଭଳି ପ୍ରତିରୋଧଯୋଗ୍ୟ କାରଣ ଯୋଗୁଁ ହୁଏ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାନଯାଏ, ତେବେ ୨୦୩୦ ସୁଦ୍ଧା ସୁରକ୍ଷିତ ମାତୃତ୍ୱ ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇପାରେ।

# ନିଦ୍ରା କାହିଁକି ସମ୍ପୂର୍ଣ୍ଣ ଥକାପଣ ଦୂର କରେ ନାହିଁ ?



ଆଜିକାଲି ଲୋକମାନେ ପ୍ରବଳ ଥକ୍କା ଅନୁଭବ କରୁଛନ୍ତି, ଯାହା ଶୋଇବା କିମ୍ବା ବିଶ୍ରାମ ନେବା ପରେ ମଧ୍ୟ କମିଯାଏ ନାହିଁ। ଲୌହସାର ଅଭାବ ପ୍ରାୟତଃ ଏହାର କାରଣ। ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ପୁଷ୍ଟିସାର ହେତୁ ଆଇରନ୍‌ର ଅଭାବର ଲକ୍ଷଣ ରହୁଛି। ଏହି ଖଣିଜ ଅଭାବ ରକ୍ତହୀନତାର ଆଶଙ୍କା ବଢ଼ାଇଥାଏ ଓ ଶରୀରକୁ ଅମ୍ଳଜାନ ଯୋଗାଣ ହ୍ରାସ କରିଥାଏ। ଲୁହା ଅଭାବର ଏହି ଲକ୍ଷଣକୁ ଶୀଘ୍ର ଚିହ୍ନି ପାରିଲେ ସ୍ୱାସ୍ଥ୍ୟରେ ତୁରନ୍ତ ଉନ୍ନତି ଆସିପାରେ। ରକ୍ତରେ ହିମୋଗ୍ଲୋବିନ୍ ଉତ୍ପାଦନ ପାଇଁ ଲୌହସାର ଅତ୍ୟାବଶ୍ୟକ। ହିମୋଗ୍ଲୋବିନ୍‌ର କାର୍ଯ୍ୟ ହେଉଛି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ପରିବହନ କରିବା। ଅଭାବ ହେଲେ ଥକ୍କାପଣ, ଫିକାପଣ ଓ ଶ୍ୱାସକ୍ରିୟା ଭଳି ଦଶଟି ଲକ୍ଷଣ ଦେଖାଯାଇପାରେ। ଏଗୁଡ଼ିକୁ ଅଣଦେଖା କଲେ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇପାରେ।

**ଲଗାତାର ଥକ୍କାପଣ:** କାମ ପରେ କ୍ଳାନ୍ତ ଅନୁଭବ କରିବା ସାଧାରଣ କଥା। ତଥାପି, ଯଦି ଆପଣ ଅଧିକ କାର୍ଯ୍ୟକଳାପ ବିନା ମଧ୍ୟ କ୍ଳାନ୍ତ ଅନୁଭବ କରନ୍ତି ଏବଂ ବିଶ୍ରାମ ନେବା ପରେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରନ୍ତି ନାହିଁ ତେବେ ଏହା ଲୌହ ଅଭାବର ଲକ୍ଷଣ ହୋଇପାରେ। ଏହା ପ୍ରାୟତଃ ସେତେବେଳେ ଘଟେ ଯେତେବେଳେ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଅମ୍ଳଜାନ ଗ୍ରହଣ ନ ଥିବାରୁ ଶକ୍ତିର ଅଭାବ ହୁଏ।

**ଚର୍ମ ହଳଦିଆ ପଡ଼ିବା:** ଯଦି ଆପଣଙ୍କ ଚର୍ମ ଫିକା ପଡ଼ିବାକୁ ଲାଗେ ଏବଂ ଲୋକମାନେ ହଳଦିଆ ରଙ୍ଗ ଦେଖୁଛନ୍ତି ତେବେ ଏହା ଲୌହ ଅଭାବ ଯୋଗୁଁ ହୋଇପାରେ। ହିମୋଗ୍ଲୋବିନର ଅଭାବ ଆପଣଙ୍କ ଶରୀରରେ ରକ୍ତର ପରିମାଣକୁ ହ୍ରାସ କରିପାରେ, ଯାହା ଫଳରେ ଆପଣଙ୍କ ଶରୀର ଫିକା ଦେଖାଯିବ।

**ନିଶ୍ୱାସ ନେବା:** କଠିନ ଶାରୀରିକ ପରିଶ୍ରମ ପରେ ନିଶ୍ୱାସ ନେବା କଷ୍ଟକର ହୁଏ। ତଥାପି, ଯଦି ଆପଣ ଅଳ୍ପ ଚାଲିବା କିମ୍ବା ସିଢ଼ି ଚଢ଼ିବା ପରେ ମଧ୍ୟ ଏହି ସମସ୍ୟା ଅନୁଭବ କରନ୍ତି, ତେବେ ସତର୍କ ରୁହନ୍ତୁ। ଏହାର ଅର୍ଥ ହେଉଛି ଆପଣଙ୍କ ଶରୀର ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ପାଉନାହିଁ।

**ହୃଦସ୍ପନ୍ଦନ:** ଲୁହା ଅଭାବରୁ ମଧ୍ୟ ହୃଦସ୍ପନ୍ଦନ ଦ୍ରୁତ ହୋଇପାରେ। କାରଣ ହୃଦୟକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହା ହୃଦସ୍ପନ୍ଦନ ବୃଦ୍ଧି କରେ। ଯଦି ଆପଣ ଏହି ଲକ୍ଷଣ ଲକ୍ଷ୍ୟ କରନ୍ତି, ତେବେ ଆପଣଙ୍କ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଆବଶ୍ୟକୀୟ ପରୀକ୍ଷା କରାନ୍ତୁ।

**ମୁଣ୍ଡ ବୁଲାଇବା ଏବଂ ମୁଣ୍ଡ ବିନ୍ଧା:** ଯେତେବେଳେ ମସ୍ତିଷ୍କ ଅମ୍ଳଜାନର ଅଭାବରେ ପ୍ରଭାବିତ ହୁଏ, ସେତେବେଳେ ଏହାର କାର୍ଯ୍ୟକ୍ଷମତା ମଧ୍ୟ ଖରାପ ହୋଇଯାଏ। ଏହା ମୁଣ୍ଡ ବୁଲାଇବା କିମ୍ବା ମୁଣ୍ଡ ବିନ୍ଧା ସୃଷ୍ଟି କରିପାରେ।

**କେଶ ପଡ଼ିବା:** ଲୌହ ଅଭାବ କେଶ ମୂଳର ପୁଷ୍ଟିସାର ହ୍ରାସ କରେ, ଯାହା ଫଳରେ ହଠାତ୍ କେଶ ଝଡ଼ିଯାଏ। ଏହି ଲକ୍ଷଣ ବିଶେଷକରି ମହିଳାମାନଙ୍କଠାରେ ଦେଖାଯାଏ।

**ଦୁର୍ବଳ ନଖ:** ନଖ ଦେଖି ମଧ୍ୟ ଲୁହା ଅଭାବ ଚିହ୍ନଟ କରାଯାଇପାରିବ। ଲୁହା ଅଭାବ ଯୋଗୁଁ ନଖ ପତଳା ଓ ଭାଙ୍ଗିଯାଏ।

**ଶରୀର ଥଣ୍ଡା ହୋଇଯାଏ:** କମ ଲୌହ ସ୍ତର ରକ୍ତ ସଞ୍ଚାଳନକୁ ପ୍ରଭାବିତ କରେ, ଯାହା ଫଳରେ ଶରୀର ଥଣ୍ଡା ହୋଇଯାଏ, ବିଶେଷକରି ହାତ ଏବଂ ପାଦରେ, ଯାହା ରକ୍ତ ପ୍ରବାହରେ ବାଧା ସୃଷ୍ଟି କରି ଥଣ୍ଡା ଅନୁଭବ କରିପାରେ।

**ଲୁହା ଅଭାବୀ ଖାଦ୍ୟ:** ଲୌହ ଅଭାବରୁ ରକ୍ଷା ପାଇବା ପାଇଁ, ନିୟମିତ ପରୀକ୍ଷା କରାଇବା ଓ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ମହିଳାମାନେ ବିଶେଷକରି ମାସିକ ଋତୁସ୍ରାବ ସମୟରେ ବିପଦରେ ଥାଆନ୍ତି, ତେଣୁ ଏହି ସମୟରେ ସେମାନେ ସେମାନଙ୍କ ଖାଦ୍ୟ ପ୍ରତି ବହୁତ ସତର୍କ ରହିବା ଉଚିତ। ପାଳଙ୍ଗ ପରି ସବୁଜ ପତ୍ରଯୁକ୍ତ ପନିପରିବା, ଗୁଡ଼, ବିନ୍ସ ଏବଂ ଡାଲି, ଆପଲ୍, ଖଜୁର ଏବଂ ଡାଳିମ୍ବ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଲୌହ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ।

# କିଡ୍‌ନୀ ଷ୍ଟୋନ୍ କେବଳ ଯନ୍ତ୍ରଣାଦାୟକ ନୁହେଁ ବରଂ ଘାତକ ମଧ୍ୟ ହୋଇପାରେ

**ଆଜିକାଲି କିଡନୀ ଷ୍ଟୋନ୍ ଏକ ସାଧାରଣ ସମସ୍ୟା ହୋଇଗଲାଣି। ନ୍ୟାସନାଲ କିଡନୀ ଫାଉଣ୍ଡେସନ ଅନୁଯାୟୀ, ୧୦ ଜଣଙ୍କ ମଧ୍ୟରୁ ୧ ଜଣଙ୍କ ଜୀବନର କୌଣସି ନା କୌଣସି ସମୟରେ କିଡନୀ ପଥୁରୀ ହେବ। ଅଧିକାଂଶ କ୍ଷେତ୍ରରେ, କିଡନୀ ପଥୁରୀ ଯନ୍ତ୍ରଣାଦାୟକ, କିନ୍ତୁ ଜୀବନ ପାଇଁ ବିପଦପୂର୍ଣ୍ଣ ନୁହେଁ। ପ୍ରକୃତ ବିପଦ ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଏହା ମୂତ୍ରନଳୀକୁ ଅବରୋଧ କରେ କିମ୍ବା କିଡନୀ ସଂକ୍ରମଣର କାରଣ ହୁଏ।**



## ସମସ୍ୟା କ'ଣ ?

୨୦୨୪ ମସିହାର ଏକ ଡାକ୍ତରୀ ସମୀକ୍ଷା ଅନୁଯାୟୀ ଯଦି ତୁରନ୍ତ ଚିକିତ୍ସା ନ କରାଯାଏ, ତେବେ ଅବରୋଧିତ ଏବଂ ସଂକ୍ରମିତ ପଥରଗୁଡ଼ିକ ସେପ୍‌ସିସ୍ ଭଳି ଗମ୍ଭୀର ଅବସ୍ଥାକୁ ଶୀଘ୍ର ନେଇପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ବୃକକ୍ ପଥର ଯୋଗୁଁ ମୃତ୍ୟୁ ବହୁତ କମ୍, କିନ୍ତୁ ଏହା ସମ୍ଭବ ବିଶେଷକରି ଯଦି ଜଟିଳତା ଆହୁରି ଖରାପ ହୁଏ। ସବୁଠାରୁ ବିପଦପୂର୍ଣ୍ଣ ଅବସ୍ଥା ହେଉଛି ଯେତେବେଳେ ବୃକକ୍‌ରେ ଅବରୋଧ ସଂକ୍ରମଣ ସହିତ ଥାଏ ଏହାକୁ ଅବଷ୍ଟ୍ରକ୍ଟିଭ୍ ପାଇଲୋନେଫ୍ରାଇଟିସ୍ କିମ୍ବା ପାଇନେଫ୍ରୋସିସ୍ କୁହାଯାଏ। ବିଶେଷଜ୍ଞଙ୍କ ମତରେ, ଯେତେବେଳେ ପଥରଟି ମୂତ୍ରନଳୀରେ ଫସିଯାଏ, ପରିସ୍ରା ପ୍ରବାହ ବନ୍ଦ ହୋଇଯାଏ। ଏହା ବୃକକ୍‌ରେ ଚାପ ବୃଦ୍ଧି କରେ, ପ୍ରଦାହ ସୃଷ୍ଟି କରେ ଏବଂ ଜୀବାଣୁକୁ ଦ୍ରୁତ ଗତିରେ ବୃଦ୍ଧି କରିବାକୁ ଅନୁମତି ଦିଏ। ଯଦି ସଂକ୍ରମଣ ହୁଏ, ତେବେ ଆଣ୍ଟିବାୟୋଟିକ୍ ପ୍ରଭାବଶାଳୀ ଭାବରେ କାମ କରିନପାରେ, ଯାହା ସେପ୍‌ସିସ୍ ହେବାର ଆଶଙ୍କା ବୃଦ୍ଧି କରେ।

## ଚିକିତ୍ସାରେ ବିଳମ୍ବ ପରିସ୍ଥିତିକୁ ଗମ୍ଭୀର କରିଥାଏ

ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ଏପରି ପରିସ୍ଥିତିରେ ଚିକିତ୍ସା ବିଳମ୍ବ କରିବା ଦ୍ୱାରା ଗମ୍ଭୀର ଜଟିଳତା ସୃଷ୍ଟି ହୋଇପାରେ। ନେପାଳ ମେଡିସିନ୍ ଆସୋସିଏସନ୍ ଜର୍ଣ୍ଣାଲ୍ ଅନୁଯାୟୀ, ଏପରି ପରିସ୍ଥିତିରେ ତୁରନ୍ତ ଡ୍ରେନେଜ୍ ସର୍ଜରୀ ଜରୁରୀ। କାରଣ କେବଳ ଔଷଧ ଦ୍ୱାରା ଚିକିତ୍ସା ସମ୍ଭବ ନୁହେଁ। ବୃକକ୍ ପଥର କେବେ ବିପଜ୍ଜନକ ହୋଇପାରେ ତାହା ଚିହ୍ନିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାୟୋ କ୍ଲିନିକ୍ ଅନୁଯାୟୀ, ଯଦି ଗମ୍ଭୀର ଯନ୍ତ୍ରଣା ସହିତ ଜ୍ୱର, ଥଣ୍ଡା, ଜଳାପୋଡ଼ା କିମ୍ବା ଦୁର୍ଗନ୍ଧଯୁକ୍ତ ପରିସ୍ରା, ବାନ୍ତି କିମ୍ବା ପରିସ୍ରା କମିଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ।

## ଏହାକୁ ରୋକିବା କିପରି ?

ଏହା ସହିତ ୭ ମିମି କିମ୍ବା ତା'ଠାରୁ ବଡ଼ ପଥୁରୀ, ମୂତ୍ରନଳୀକୁ ସହଜରେ ଅବରୋଧ କରିପାରେ। ୟୁରୋପୀୟ ରେଡିଓଲୋଜି ଅନୁସାରେ, ଛୋଟ ପଥୁରୀଗୁଡ଼ିକ ଆପେ ଆପେ ଚାଲିଯାଇପାରେ, କିନ୍ତୁ ବଡ଼ ପଥୁରୀଗୁଡ଼ିକ ପାଇଁ ଚିକିତ୍ସା ଆବଶ୍ୟକ ହୋଇପାରେ। ଡାକ୍ତର ବିଶାଲ କୁହନ୍ତି ଯେ ସମୟୋଚିତ ଚିକିତ୍ସା ବୃକକ୍ ପଥର ଜଟିଳତାକୁ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ରୋକିପାରିବ। ପ୍ରଚୁର ପାଣି ପିଇବା, ଲକ୍ଷଣଗୁଡ଼ିକୁ ଅଣଦେଖା ନକରିବା ଏବଂ ସମୟୋଚିତ ଯାଞ୍ଚ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବୃକକ୍ ପଥରଗୁଡ଼ିକ ସାଧାରଣତଃ ଜୀବନ ପ୍ରତି ବିପଦପୂର୍ଣ୍ଣ ନୁହେଁ, କିନ୍ତୁ ଯଦି ସେମାନେ ମୂତ୍ରନଳୀକୁ ଅବରୋଧ କରନ୍ତି ଏବଂ ସଂକ୍ରମଣ ସୃଷ୍ଟି କରନ୍ତି, ତେବେ ପରିସ୍ଥିତି ଶୀଘ୍ର ଗମ୍ଭୀର ହୋଇପାରେ।

# ମାନସିକ ସ୍ୱାସ୍ଥ୍ୟକୁ ଦୁର୍ବଳ କରେ ନିଦର ଅଭାବ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ନିଦର ଅଭାବ ପ୍ରାୟ ଲୋକଙ୍କ ପାଇଁ ସାଧାରଣ ସମସ୍ୟା। ପ୍ରାୟ ଲୋକ କାମ କିମ୍ବା ମନୋରଞ୍ଜନ ଚକ୍କର୍‌ରେ ନିଦକୁ ଅଣଦେଖା କରି ଦେଇଥାନ୍ତି। କିନ୍ତୁ ଜାଣନ୍ତି କି ଏହାର ସିଧାସଳଖ ପ୍ରଭାବ ମାନସିକ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ପର୍ଯ୍ୟାପ୍ତ ନିଦରେ ନ ଶୋଇବା ଦ୍ୱାରା ମସ୍ତିଷ୍କ ଦୁର୍ବଳ ହେବା ସହ ଅବସାଦ ପରି ସମସ୍ୟା ବଢିଥାଏ। ନିଦରେ ଶୋଇବା ସମୟରେ ମସ୍ତିଷ୍କ ହାନିକାରକ ଟକ୍ସିନ୍‌କୁ ବାହାରକୁ ବାହାର କରିଥାଏ। ଯଦି ବ୍ୟକ୍ତି ଆବଶ୍ୟକ ନିଦରେ ଶୋଇ ନପାରନ୍ତି, ତେବେ ସମସ୍ୟା ଉପୁଜିବା ସ୍ୱାଭାବିକ୍। ତେଣୁ ଯଥାସମ୍ଭବ ନିଦରେ ଶୋଇବା ଜରୁରି। ବ୍ୟସ୍ତବହୁଳ ଜୀବନ ସାଙ୍ଗକୁ ରାତିରେ ଡେରିରେ ଶୋଇବା ଓ ଅଧିକ ସମୟ ସ୍କ୍ରିନ୍‌ରେ ବିତାଇବା ଦ୍ୱାରା ଦିନଚର୍ଯ୍ୟା ଅସନ୍ତୁଳିତ ହୋଇପଡେ। ଏହି ଅଭ୍ୟାସ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ନିଦର ଅଭାବ ଓ ଅସ୍ୱାସ୍ଥ୍ୟକର ଜୀବନଶୈଳୀ କେବଳ କାର୍ଯ୍ୟଦକ୍ଷତା କମ୍ କରି ନଥାଏ, ବରଂ ଚିନ୍ତା ଓ ଅବସାଦ ପରି ସମସ୍ୟାକୁ ବଢାଇଥାଏ।



**ନିଦ ଓ ମାନସିକ ସ୍ୱାସ୍ଥ୍ୟର ସଂଯୋଗ:** ନିଦ ମସ୍ତିଷ୍କ ପାଇଁ ଇନ୍ଧନ ପରି କାମ କରିଥାଏ। ପର୍ଯ୍ୟାପ୍ତ ଓ ଗଭୀର ନିଦ ଚିନ୍ତାକୁ ସମ୍ଭାଳି ନେବା ସହ ଭିତରର ଅନୁଭବକୁ ନିୟନ୍ତ୍ରିତ କରିଥାଏ। କିନ୍ତୁ ଯଦି ବ୍ୟକ୍ତିର ନିଦ ଭଲରେ ହୋଇ ନଥାଏ, ତେବେ ସେ ଚିଡ଼ଚିଡା ହେବା ସହ ଥକ୍କାପଣ ଅନୁଭବ କରିଥାଏ। ଦୀର୍ଘଦିନ ଧରି ନିଦର ଅଭାବ ରହିବା ଦ୍ୱାରା ଅବସାଦ ଓ ମାନସିକ ସ୍ୱାସ୍ଥ୍ୟବସ୍ଥାରେ ବ୍ୟତିକ୍ରମର କାରଣ ସାଜିପାରେ।

**ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଓ ନିଦ ସମସ୍ୟା:** ଅନିୟମିତ ଖାଦ୍ୟପାନୀୟ, ରାତିରେ ଡେରିଯାଏ ସ୍କ୍ରିନ୍ ବ୍ୟବହାର, ବ୍ୟାୟାମ ନ କରିବା ଓ ମାତ୍ରାଧିକ କ୍ୟାଫିନ୍ କିମ୍ବା ଆଲ୍‌କହଲ୍ ନେବା ଦ୍ୱାରା ଆମ ଶରୀରର କାର୍ଡିଆନ୍ ରିଦିମ୍ ବିଗିଡି ଯାଇଥାଏ। ଏହାର ପ୍ରଭାବ ନିଦର ଗୁଣବତ୍ତା ଉପରେ ପଡିଥାଏ। ଆବଶ୍ୟକ ନିଦ ନ ହେବା ଦ୍ୱାରା ଶରୀରରେ ଥକ୍କାପଣ ଆସିବା, ମସ୍ତିଷ୍କରେ ଚିନ୍ତା ବଢିବା ସହ ଦୁର୍ବଳ ହୋଇଚାଲେ। ଅନିଦ୍ରା, ସ୍ଲିପ୍ ଆପ୍ନିଆ ଓ ରେଷ୍ଟଲେସ୍ ଲେଗ ସିଣ୍ଡ୍ରୋମ୍ ପରି ସମସ୍ୟା ନିଦକୁ ଦୂରେଇ ଦେଇଥାଏ। ଏହି ରୋଗରେ ପୀଡିତ ଲୋକମାନେ ପ୍ରାୟତଃ ଚିନ୍ତା, ଅବସାଦ ଓ ଧ୍ୟାନକେନ୍ଦ୍ରୀତ ଅଭାବର ଶିକାର ହୋଇଥାନ୍ତି। ଏହାକୁ ଅଣଦେଖା କରିବା ଦ୍ୱାରା ବ୍ୟକ୍ତିର ମାନସିକ ସ୍ଥିତି କ୍ରମଶଃ ବିଗିଡି ଚାଲେ।

**ସ୍ୱାସ୍ଥ୍ୟ ସୁଧାର ପାଇଁ ଉପାୟ:** ନିୟମିତ ଶୋଇବା ସମୟ ସ୍ଥିର ରଖନ୍ତୁ। ଦିନକୁ ୭ରୁ ୮ ଘଣ୍ଟା ଶାନ୍ତିରେ ଶୁଅନ୍ତୁ। ଶୋଇବାର ଏକ ଘଣ୍ଟା ପୂର୍ବରୁ ସ୍କ୍ରିନ୍‌ଠାରୁ ଦୂରେଇ ରୁହନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ଚିନ୍ତାକୁ ନିୟନ୍ତ୍ରଣରେ ରଖିବା ପାଇଁ ଯୋଗ, ଧ୍ୟାନ ଓ ଡିପ୍ ବ୍ରିଦିଂ ପରି ଆକ୍ଟିଭିଟିଜ୍ କରନ୍ତୁ। ଖାଦ୍ୟପାନୀୟକୁ ଗୁରୁତ୍ୱ ଦିଅନ୍ତୁ। ରାତିରେ ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁନାହିଁ।

